

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୧ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 11 NOVEMBER 2022
Vol.No. 33 ■ No. 292 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଓଡିଶାରେ ମହାମହିମ ରାଷ୍ଟ୍ରପତି : ମହାପ୍ରଭୁଙ୍କୁ ଦେଖି ହେଲେ ଭାବବିହ୍ୱଳ



ପୁରୀ, ୧୦/୧୧ (ନି.ପ୍ର): ବିଶ୍ୱ ବ୍ରହ୍ମାଣ୍ଡର ଠାକୁର କାଳିଆ ଠାକୁର । ତାକୁ ଯିଏ ଦେଖିଛି ସେ କୃତ୍ୟ କୃତ୍ୟ ହୋଇଛି । ଚକା ଚକା ନୟନ ଦେଖି ଭାବବିହ୍ୱଳ ହୋଇଛି । ଠିକ୍ ସେମିତି ଶ୍ରୀମନ୍ଦିରର ରତ୍ନସିଂହାସନରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରି ଭାବବିହ୍ୱଳ ହୋଇଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଶ୍ରୀଜୀୟୁ ପାଶ୍ୱର୍ ଦେବାଦେବୀଙ୍କୁ ଦର୍ଶନ କରିବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ କୌଳିକ ପଣ୍ଡାଙ୍କ ଯାତ୍ରୀଖାତାରେ ଓଡିଆରେ ଦସ୍ତଖତ କରିଛନ୍ତି । ଆଉ ବଖାଣିଛନ୍ତି ମହାପ୍ରଭୁଙ୍କ ଦର୍ଶନ ଅନୁଭୂତି । ଯାତ୍ରୀଖାତାରେ ରାଷ୍ଟ୍ରପତି ଲେଖିଛନ୍ତି, ଆଜି ଶ୍ରୀମନ୍ଦିରରେ ଚତୁର୍ଦ୍ଧା ମୂରତି ଏବଂ ପାଶ୍ୱର୍ ଦେବଦେବୀଙ୍କୁ ଦର୍ଶନ କରି ମୁଁ ନିଜକୁ ସୌଭାଗ୍ୟବତୀ ମନେ କରୁଛି । ଓଡିଆ ଜାତିର ପରମ ଆରାଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଣିପାତ କରି ମୁଁ ଏକ ବିରଳ ଓ ଦିବ୍ୟ ଅନୁଭୂତି ଲାଭ କରିଛି । ମହାପ୍ରଭୁ ଆଦିବାସୀ ମାନଙ୍କର ଦାରୁ ଦେବତା ଏବଂ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ଠାକୁର. ମାନବ ଜାତିର କଲ୍ୟାଣ ପାଇଁ ମୁଁ ତାଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛି । ଶ୍ରୀ ଜଗନ୍ନାଥଙ୍କ ଆଶିଷ ଲାଭ କରି ଆମ ଦେଶ ଅଭିବୃଦ୍ଧି ଓ ବିକାଶର ଶୀର୍ଷରେ ପହଁଞ୍ଚୁ । ଏହା ମୋର କାମନା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜଭବନରେ କିଛି ସମୟ ରହଣୀ କରିବା ଅବସରରେ ମହାପ୍ରସାଦ ସେବନ କରିଛନ୍ତି । ଶ୍ରୀମନ୍ଦିରର ସକାଳ ଧୂପରେ ବାହାରିଥିବା ଅବଢ଼ା ଖାଇଛନ୍ତି । ରାଷ୍ଟ୍ରପତି ସେବନ କରିଥିବା ମହାପ୍ରସାଦରେ ଥିଲା ମହାପ୍ରଭୁଙ୍କ ସ୍ୱାଦିଷ୍ଟ ବ୍ୟଞ୍ଜନ । ▶▶ପୃଷ୍ଠା ୭

## ଅରୁଣାଚଳ ପ୍ରଦେଶ : ୫.୭ତୀବ୍ରତାର ଭୂକମ୍ପ

ଇଟାନଗର ୧୦/୧୧: ଗୁରୁବାର ଦିନ ପ୍ରାୟ ୧୦.୩୧ ସମୟରେ ଅରୁଣାଚଳ ପ୍ରଦେଶରେ ୫.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି । ପଡ଼ୋଶୀ ଦେଶରେ ମିଆଁମାର, ଭୁଟାନ ଏବଂ ଚୀନରେ ମଧ୍ୟ ପ୍ରବଳ କମ୍ପନ ଅନୁଭୂତ ହୋଇଥିଲା । ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ଅନୁଯାୟୀ, ଭୂକମ୍ପର କେନ୍ଦ୍ରସ୍ଥଳ ଅରୁଣାଚଳ ପ୍ରଦେଶର ପଶ୍ଚିମ ସିଆଙ୍ଗ ଥିଲା ।

## ଦିଲ୍ଲୀରେ ପ୍ରଦୂଷଣରେ ସୁଧାର ହୋଇଛି, ଏକ୍ୟୁଆଇ ୩୦୩ ରେକର୍ଡ଼ ହେଲା

ନୂଆଦିଲ୍ଲୀ୧୦/୧୧ : ଦିଲ୍ଲୀ ଏନସିଆରରେ ପ୍ରଦୂଷଣ ସ୍ତରରେ ସାମାନ୍ୟ ଉନ୍ନତି ହୋଇଛି । ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀର ହାରାହାରି ବାୟୁ ଗୁଣବତା ସୂଚକାଙ୍କ (ଏକ୍ୟୁଆଇ) ଗୁରୁବାର ପୂର୍ବାହ୍ନରେ ୩୦୩ ରେକର୍ଡ଼ କରାଯାଇଛି । ତଥାପି ବାୟୁ ଗୁଣବତା ଅତ୍ୟନ୍ତ ଖରାପ ବର୍ଗରେ ଅଛି । ଏୟାର କ୍ୱାଲିଟି ଏବଂ ପାଣିପାଗ ପୂର୍ବାନୁମାନ ଏବଂ ଅନୁସନ୍ଧାନ (ସଫର) ଅନୁଯାୟୀ ନୋଏଡ଼ା (ଉତର ପ୍ରଦେଶ) ର ଏକ୍ୟୁଆଇ ୩୦୯ ଏବଂ ଗୁରୁଗ୍ରାମ (ହରିୟାଣା) ୧୪୪ ଅଟେ । ବୁଧବାର ଦିଲ୍ଲୀର ହାରାହାରି ଏକ୍ୟୁଆଇ ୩୨୯ ରେକର୍ଡ଼କରାଯାଇଛି ।

## ଜୈସଲମେରର ନହରୀ ଅଂଚଳରେ ବୋମା ଭଳି ବସ୍ତୁ ମିଳିବାର ଆତଙ୍କ

ଜୈସଲମେର, ୧୦/୧୧ : – ରାଜସ୍ଥାନର ଜୈସଲମେର ଜିଲ୍ଲାନ୍ତର୍ଗତ ନହରୀ ଇଲାକାରେ ଥିବା ଏକ ବିଲରେ ବୋମା ଭଳି ବସ୍ତୁ ମିଳିବାର ସୂଚନାର ଆଖପାଖର ଇଲାକାରେ ଆତଙ୍କ ଖେଳି ଯାଇଛି । ମୋହନଗଡ଼ ଗାଁ ପାଖରେ ନହରୀ ବେଲ୍ଟରେ ଥିବା ଏକ ବିଲରେ ବୋମା ଭଳି ବସ୍ତୁ ମିଳିବାରୁ ଆଶଙ୍କିତ ବିଲର ମାଲିକ ଚନ୍ଦ୍ରବୀର ସିଂହ ଏହାର ସୂଚନା ପୋଲିସ୍‌କୁ ଦେଇଛନ୍ତି । ଘଟଣାର ସୂଚନା ମିଳିବା ଉପରେ ପୋଲିସ୍ ଘଟଣାସ୍ଥଳରେ ପହଂଚି ଯାଂଚ ଆରମ୍ଭ କରିଛନ୍ତି । ସିଆଇ ଭବାନି ସିଂହ ହିନ୍ଦୁସ୍ଥାନ ସମାଚାରକୁ ଦୂରଭାଷ ଦ୍ୱାରା କହିଛନ୍ତି ଯେ ଯେଉଁ କ୍ଷେତ୍ରରେ ▶▶ପୃଷ୍ଠା ୭

## ଏଏସଓ ପରୀକ୍ଷାରେ ଦୁର୍ନୀତି ଓ ମନମାନି ଅଭିଯୋଗରେ ଓପିଏସସି କାର୍ଯ୍ୟାଳୟ ଘେରିଲେ ଆଶାୟୀ




ଭୁବନେଶ୍ୱର, ୧୦/୧୧ (ନି.ପ୍ର): ଏଏସଓ ପରୀକ୍ଷାରେ ବ୍ୟାପକ ତ୍ରୁଟି ହୋଇଥିବା ଅଭିଯୋଗ କରି ପରୀକ୍ଷାର୍ଥୀମାନେ ଗୁରୁବାର କଟକ ସ୍ଥିତ ଓପିଏସସି କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି । ଧାରଣାରତ ପରୀକ୍ଷାର୍ଥୀ ଅଭିଯୋଗ କରିଛନ୍ତି ଯେ ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ କରାଯାଇଥିବା ଏଏସଓ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି । ଓପିଏସି ବିରୁଦ୍ଧରେ ଗୁରୁତର ଅଭିଯୋଗ ଆଣି ନିରାଶ ହୋଇଥିବା ଛାତ୍ରଛାତ୍ରୀମାନେ ପ୍ରଶ୍ନପତ୍ରରେ ବ୍ୟାପକ ତ୍ରୁଟିଥିବା ଏବଂ ତାଙ୍କ ଠାରୁ କମ୍ ନମ୍ବର ରଖିଥିବା ପ୍ରାର୍ଥୀ କିପରି ଚୟନ ତାଲିକାରେ ସ୍ଥାନ ପାଇଲେ ସେ ନେଇ ନିଜର କ୍ଷୋଭ ପ୍ରକାଶ କରିଛନ୍ତି । ଓପିଏସି ପରି ସଂସ୍ଥାରେ ଅଫଲାଇନ ପରୀକ୍ଷା ସହ ଏପରି ଭୁଲପ୍ରଶ୍ନପତ୍ର ଜାରି କରିବା ଏବଂ ନିଜ ଇଚ୍ଛାମତେ ପ୍ରାର୍ଥୀ ଚୟନ କରିବା ଛାତ୍ରଛାତ୍ରୀମାନଙ୍କୁ କେବଳ ହତାଶ କରିନାହିଁ ବରଂ ସେମାନଙ୍କ ପରିଶ୍ରମ ଓ ଦୃଢ ମନୋବଳ ଉପରେ କୁଠାରଘାତ କରିଛି ବୋଲି ସେମାନେ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଏମିତିକି ପରୀକ୍ଷା ଦେଇ ନଥିବା ପିଲା ପରୀକ୍ଷାରେ ପାସ କରିଛନ୍ତି ଏବଂ ମାର୍କସିଟ ଓ କଟଅଫ୍ ମାର୍କ ଆସିବାରେ ବହୁତ ବିଳମ୍ବ ହୋଇଛି । ତେଣୁ ତୁରନ୍ତ ଏହି ଦିଗରେ ପଦକ୍ଷେପ ନିଆଯିବା ନେଇ ପରୀକ୍ଷାର୍ଥୀମାନେ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି । ଅପରପକ୍ଷରେ ଅଭିଯୋଗ ସମ୍ପର୍କରେ ଓପିଏସସି ପକ୍ଷରୁ ସ୍ୱଷ୍ଟୀକରଣ ଦିଆଯାଇ କୁହାଯାଇଛି ଯେ ଆସିଷ୍ଟାଂଟ ସେକ୍ସନ ଅଫିସର (ଏଏସଓ) ପରୀକ୍ଷାରେ ଅନିୟମିତତା ହୋଇଥିବା ନେଇ କିଛି ପ୍ରାର୍ଥୀ ଯେଉଁ ଅଭିଯୋଗ ଆଣୁଛନ୍ତି ତାହା ସମ୍ପୂର୍ଣ୍ଣ ଭିତିହୀନ ଓ ମିଥ୍ୟା । କମିଶନ ତାଙ୍କ ସ୍ୱଷ୍ଟୀକରଣରେ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ, ଏଏସଓ ପରୀକ୍ଷାରେ ମୋଟ ୧ଲକ୍ଷ ୪୮ହଜାର ୮୮୮ ପ୍ରାର୍ଥୀ ଲିଖିତ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୧୦୪ଜଣ ପ୍ରାର୍ଥୀଙ୍କୁ ଚୟନ କରାଯାଇଛି । ଏହା ମୋଟ ବିଜ୍ଞାପିତ ହୋଇଥିବା ପଦବୀ ୭୯୬ର ଦେଢ଼ଗୁଣ ଅଟେ । ପ୍ରତ୍ୟେକ ପେପର ଓ ବିଭିନ୍ନ ବର୍ଗର ପ୍ରାର୍ଥୀଙ୍କ ନିମନ୍ତେ କଟଅଫ୍ ମାର୍କ ଚୂଡ଼ାନ୍ତ କରିବା କମିଶନଙ୍କ କ୍ଷମତା ପରିସର । ଏହି ଆଧାରରେ ସର୍ବନିମ୍ନ ମାର୍କ ସ୍ଥିର କରାଯାଇଛି । ସୂଚନାଯୋଗ୍ୟ, ଗତ ସୋମବାର ଏଏସଓ ପରୀକ୍ଷା ଫଳ ପ୍ରକାଶ ପାଇବା ପରଠୁ ବହୁ ଚାକିରି ଆଶାୟୀ ପ୍ରାର୍ଥୀ ରାଜରାସ୍ତାକୁ ଓହ୍ଲାଇ ପରୀକ୍ଷା ପରିଚାଳନାରେ ଓପିଏସସି କର୍ତ୍ତୃପକ୍ଷ ବ୍ୟାପକ ଅନିୟମିତତା ଓ ଦୁର୍ନୀତି କରିଥିବା ନେଇ ଅଭିଯୋଗ କରିଥିଲେ ।

## ଆଡିଲେଡରେ ଭାଙ୍ଗିଲା ଭାରତର ଫାଇନାଲ ଆଶା ୧୦ ୱିକେଟରେ ପରାସ୍ତ କରି ଫାଇନାଲରେ ଇଂଲଣ୍ଡ

ନୂଆଦିଲ୍ଲୀ, ୧୦/୧୧ : ଟି-୨୦ ବିଶ୍ୱକପ ଫାଇନାଲରେ ଇଂଲଣ୍ଡ । ଭାରତକୁ ୧୦ ୱିକେଟରେ ପରାସ୍ତ କରିଛି ଇଂଲଣ୍ଡ । ୧୬ ଓଭରରେ ଦଳ ବିନା କୌଣସି ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଛି । ଦଳର ଉଭୟ ଓପନର ପ୍ରଥମ ଓଭରରୁ ଆକ୍ରମଣ ଜାରି ରଖି ଦଳକୁ ଫାଇନାଲରେ ପହଞ୍ଚାଇଛି । ଜୋସ ବଟଲର ୮୦ ରନ କରିଥିବା ବେଳେ ଆଲେକ୍ସ ହେଲ୍ସ ୮୬ ରନ ସଂଗ୍ରହ କରିଥିଲେ । ମେଲବୋର୍ଣ୍ଣରେ ପାକିସ୍ତାନ-ଇଂଲଣ୍ଡ ମଧ୍ୟରେ ରବିବାର ଫାଇନାଲ ମ୍ୟାଚ ଖେଳାଯିବ । ୧୬୯ରନ ବିଜୟ ଲକ୍ଷ୍ୟକୁ ୧୬ ଓଭରରେ ହାସଲ କରିଛି ଇଂଲଣ୍ଡ । ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ଆଗରେ ୧୬୯ରନର ଲକ୍ଷ୍ୟ ରଖିଲା ଭାରତ । ଆଡିଲେଡରେ ଖେଳାଯାଉଥିବା ଦ୍ୱିତୀୟ ସେମିଫାଇନଲରେ ପ୍ରଥମେ ବ୍ୟାଟିଂ କରି ଭାରତ ୧୬୮ରନ କରି ୬ ୱିକେଟ ହରାଇଥିଲା । ଦଳ ପକ୍ଷରୁ ହାର୍ଦିକ ପାଣ୍ଡ୍ୟା ସର୍ବାଧିକ ୩୩ ବଲରୁ ୬୩ ରନ ସଂଗ୍ରହ କରିଛନ୍ତି । ସେହିଭଳି ବିରାଟ କୋହଲି ୪୦ ବଲରୁ ୫୦ ରନ ସଂଗ୍ରହ କରିଛନ୍ତି । ଅଧିନାୟକ ରୋହିତ ଶର୍ମା ୨୭ ରନ, ସୂର୍ଯ୍ୟକୁମାର ଯାଦବ ୧୪ ରନ, ରାହୁଲ ୫, ରିଷଭ ପନ୍ତ ୬ ରନ ସଂଗ୍ରହ କରିଥିଲେ । ଇଂଲଣ୍ଡ ପକ୍ଷରୁ କ୍ରିସ ଜୋର୍ଡାର୍ନ ୩ ୱିକେଟ ହାସଲ କରିଥିବା ବେଳେ ଆଦିଲ ରସିଦ ଏବଂ କ୍ରିସ ୱଗସ ଗୋଟିଏ ଲେଖାଏଁ ୱିକେଟ ହାସଲ କରିଥିଲେ ।



## ପ୍ରକାଶ ପାଇଲା ପଦ୍ମପୁର ଉପନିର୍ବାଚନ ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର, ୧୦/୧୧ (ନି.ପ୍ର): ପଦ୍ମପୁର ଉପନିର୍ବାଚନ ପାଇଁ ଆଜି ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ପଦ୍ମପୁରର ଉପ ଜିଲ୍ଲାପାଳ ତଥା ରିଟର୍ନିଂ ଅଫିସର ଏହି ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ବିଜ୍ଞପ୍ତି ଅନୁଯାୟୀ ପଦ୍ମପୁରରେ ଡିସେମ୍ବର ୫ରେ ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ । ଏଥିପାଇଁ ନଭେମ୍ବର ୧୭ ସୁଦ୍ଧା ନାମାଙ୍କନପତ୍ର ଦାଖଲ, ନଭେମ୍ବର ୧୮ରେ ପ୍ରାର୍ଥିପତ୍ର ଯାଂଚ , ନଭେମ୍ବର ୨୧ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ହେବ । ଆଗାମୀ ଡିସେମ୍ବର ୫ ତାରିଖରେ ପଦ୍ମପୁର ଉପନିର୍ବାଚନ ଲାଗି ଭୋଟ୍ ଗ୍ରହଣ ହେବ । ଡିସେମ୍ବର ୮ରେ ଭୋଟ୍ ଗଣତି ଓ ଡିସେମ୍ବର ୧୦ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ । ସୂଚନାଯୋଗ୍ୟ, ପଦ୍ମପୁର ବିଧାୟକ ବିଜୟ ରଂଜନ ସିଂହ ବରିହାଙ୍କର ଗତ ମାସ ୩ତାରିଖରେ ପରଲୋକ ହେବା ପରେ ଏହି ଆସନ ଖାଲି ରହିଛି । ଗତ ଶନିବାର ଦିନ ଭାରତୀୟ ନିର୍ବାଚନ କମିଶନ ପଦ୍ମପୁର ଉପନିର୍ବାଚନ ତାରିଖ ଘୋଷଣା କରିଥିଲେ ।

## ଓଡ଼ିଶା ରାଜ୍ୟ ପୁରୁଷ ଓ ମହିଳା ଟେନିକଏଟ ଦଳରେ ଭଦ୍ରକରୁ ୫ ଖେଳାଳୀ




ଭଦ୍ରକ,୧୦।୧୧: ୪୬ତମ ଜାତୀୟ ବରିଷ୍ଠ ଟେନିକଏଟ ପ୍ରତିଯୋଗିତା ଆସନ୍ତାକାଲି ଠାରୁ ହରିଆନାର ସୋନିପଥ ଠାରେ ଆରମ୍ଭ ହେଉଛି । ଏହି ପ୍ରତିଯୋଗିତା ନିମନ୍ତେ ଉଭୟ ପୁରୁଷ ଓ ମହିଳା ରାଜ୍ୟ ଟେନିକଏଟ ଦଳ ଚୟନ କରାଯାଇଛି । ଏହି ଦଳରେ ଭଦ୍ରକରେ ପୁରୁଷ ଦଳରେ ୩ଜଣ ଏବଂ ମହିଳା ଦଳରେ ୨ ଜଣ ମିଶି ମୋଟ ୫ ଜଣ ଖେଳାଳୀ ଭଦ୍ରକରୁ ମନୋନୀତ ହୋଇଛନ୍ତି । ଏହି ଖେଳାଳୀ ମାନେ ହେଲେ ରାଜେଶ ନାୟକ, ନାରାୟଣ ବେହେରା, ନିର୍ମଳ ସେନ, ସୁଇଟ୍‌ସ୍ମିତା ଜେନା, ଅଭିଲିପ୍ସା ପୃଷ୍ଟି । ଏହି ଖେଳାଳୀଙ୍କ ସଫଳତା କାମନା କରି ଟେନିକଏଟ ସଂଘ ଭଦ୍ରକ ଜିଲ୍ଲା ସଭାପତି ଗୋଲକ ନାୟକ, ସମ୍ପାଦକ ମନୋଜ କୁମାର ସାହୁ, ସଦସ୍ୟ ଭବେଶ ଦାସ, ସୁଭାଶିଷ ଦିକ୍ଷିତ, ଚନ୍ଦନ ଦେ, ରାଜତିଲକ ସ୍ୱାଇଁ, ସନ୍ଧ୍ୟାରାଣି ପାଣିଗ୍ରାହୀ, ରାଜେଶ ଦାସ, ଅମ୍ରିତା ବିଶ୍ୱାଳ, ଟିକିନା ପାତ୍ର ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## ତାଇୱାନ ଉପରେ ସଙ୍କଟର କଳାବାଦଲ ଚୀନ ରାଷ୍ଟ୍ରପତିଙ୍କ ଘୋଷଣା ପରେ ବଢିଲା ଚିନ୍ତା



ନୂଆଦିଲ୍ଲୀ, ୧୦/୧୧ : ତାଇୱାନ ସହ ବିବାଦ ଜାରି ରହିଥିବାବେଳେ ରଣହୁଙ୍କାର ଦେଇଛନ୍ତି ଚୀନ ରାଷ୍ଟ୍ରପତି ସି ଜିନ୍ ପିଙ୍ଗ୍ । ନିଜ ଦେଶର ସୁରକ୍ଷାକୁ ଦୃଷ୍ଟିରେ ରଖି ଚୀନ ରାଷ୍ଟ୍ରପତି ନିଜ ସେନାକୁ ଅଧିକ ମଜବୁତ କରିବା ସହ ଆର୍ଲଟରେ ରଖିଛନ୍ତି । ମଙ୍ଗଳବାର ସେନା ବୈଠକରେ ସି ଜିନପିଙ୍ଗ ଅଧକ୍ଷତା କରିଥିଲେ । ଚୀନ ଗଣମାଧ୍ୟରେ ଏକଥା ମଧ୍ୟ ଚର୍ଚ୍ଚା ହେଉଛି କି ସେନାକୁ ଆଲର୍ଟ କରି ସି-ଜିନପିଙ୍ଗ ପରୋକ୍ଷଭାବେ ଯୁଦ୍ଧ ଘୋଷଣା କରିଛନ୍ତି । କାରଣ ଚୀନରେ ଅସ୍ଥିରତା ଓ ଅନିଶ୍ଚିତ ସୁରକ୍ଷା ଦର୍ଶାଇ ସେ ଯୁଦ୍ଧର ପ୍ରସ୍ତୁତି ଉପରେ ଧ୍ୟାନ ଦେବାକୁ ଘୋଷଣା କରିଛନ୍ତି । ସୈନ୍ୟ ପ୍ରଶିକ୍ଷଣ ଓ କୌଣସି ଯୁଦ୍ଧର ପ୍ରସ୍ତୁତିକୁ ଅଧିକ ମଜବୁତ କରିବ । ଚୀନ ରାଷ୍ଟ୍ରପତିଙ୍କ ଏହି ଘୋଷଣା ତାଇୱାନ ଉପରେ ବଡ ବିପଦ ଆସୁଥିବା କୁହାଯାଇପାରେ । କେବଳ ସେତିକି ନୁହେଁ ନିଜର ନୂଆ ତଥା ଶକ୍ତିଶାଳୀ ଆଟିଂ ସିପ ହାଇପରସୋନିକ ମିସାଇଲର ପରୀକ୍ଷଣ ମଧ୍ୟ କରିଛି । ଏହି ମିସାଇଲ ୟାଇଜେ-୨୧ର ନୂଆ ସଂସ୍କରଣ ବୋଲି କୁହାଯାଉଛି । ତାଇୱାନକୁ ଚୀନ ନିଜର ଦାବି କରି ଆସୁଛି । ଆମେରିକା, ୟୁରୋପୀୟ ୟୁନିୟନ ଓ ବିଟ୍ରେନ ମନ୍ତ୍ରୀ ତାଇୱାନ ଗସ୍ତ ପରେ ଚୀନ ବିଚଳିତ ହୋଇପଡିଛି । ସେପଟେ ବିଟ୍ରେନର ନୂଆ ପ୍ରଧାନମନ୍ତ୍ରୀ ଋଷି ସନକ ନିଜର ବୈଦେଶିକମନ୍ତ୍ରୀ ଗ୍ରେଗ ହ୍ୟାଣ୍ଡସକୁ ଦୁଇ ଦିନିଆ ତାଇୱାନଗସ୍ତରେ ପଠାଇଛନ୍ତି । ଯାହାକୁ ନେଇ ତାତି ଉଠିଛି ଚୀନ । ▶▶ପୃଷ୍ଠା ୭

## ମାଣ୍ଡିଆର ପ୍ରସାର ପାଇଁ ଆହ୍ୱାନ ଜଣାଇଲେ ରାଜ୍ୟପାଳ

ଭୁବନେଶ୍ୱର, ୧୦/୧୧ (ନି.ପ୍ର): ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ମାଣ୍ଡିଆର ପ୍ରସାର ପାଇଁ ଆହ୍ୱାନ ଜଣାଇଛନ୍ତି । ସେ କହିଛନ୍ତି ଯେ ଶରୀରର ପୁଷ୍ଟିସାଧନ ପାଇଁ ମାଣ୍ଡିଆ ଏକ ଉତ୍ତମ ଖାଦ୍ୟ ।ଏହାର ପୁଷ୍ଟିକର ଉପାଦେୟ ଆମକୁ ସୁସ୍ଥ ରଖିଥାଏ । ଓଡ଼ିଶାର ଏହି ପୁଷ୍ଟି ଶସ୍ୟର ପ୍ରସାର ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି । ମାଣ୍ଡିଆଦିବସ ରେ ଏହାକୁ ନିଜ ଖାଦ୍ୟରେ ସାମିଲ କରି ସୁସ୍ଥ ଜୀବନ ଗଠନ ଦିଗରେ ଆଗକୁ ବଢ଼ିବା ନିମନ୍ତେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଆହ୍ୱାନ ଦେଇଛନ୍ତି ।

## ଅର୍ଚ୍ଚନା ନାଗଙ୍କ ଘର ସମେତ ୬ଟି ସ୍ଥାନରେ ଇଡି ରେଡ୍

ଭୁବନେଶ୍ୱର,୧୦ ନଭେମ୍ବର - ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗଙ୍କ ଘର ସମେତ ୬ଟି ସ୍ଥାନରେ ଆଜି ସକାଳୁ ଚଢାଉ କରିଛି ପ୍ରବର୍ତନ ନିର୍ଦ୍ଦେଶାଳୟ ବା ଇଡି । ଅର୍ଚ୍ଚନାଙ୍କ ମନି ଲଣ୍ଡ୍ରିଂ ଲିଙ୍କ୍ ନେଇ ଏହି ଖୋଳତାଡ଼ ଆରମ୍ଭ ହୋଇଛି । ୬ଟି ସ୍ଥାନରେ ଇଡି ରେଡ ହେଉଥିବା ବେଳେ ସବୁଠାରେ ସିଆରପିଏଫ କର୍ମୀ ମୁତୟନ ହୋଇଛନ୍ତି । କଳାହାଣ୍ଡି କେସିଙ୍ଗାସ୍ଥିତ ଅର୍ଚ୍ଚନାଙ୍କ ପୈତୃକ ଘର, ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରେ ଥିବା ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁଙ୍କ ଘର, ଅର୍ଚ୍ଚନାଙ୍କ ବିଜନେସ ପାର୍ଟନର ଖଗେଶ୍ୱରଙ୍କ ବାଲିପାଟଣାସ୍ଥିତ ଘର, ତାଙ୍କ ରସୁଲଗଡ଼ ସ୍ଥିତ ସୁପ୍ରିମ ଅଟୋମୋବାଇଲ କାର ଶୋ'ରୁମ୍‌ରେ ଚଢ଼ାଉ କରାଯାଇଛି । ଏହାବାଦ ଅର୍ଚ୍ଚନାଙ୍କ ସତ୍ୟବିହାରସ୍ଥିତ ଘର ଓ ଅର୍ଚ୍ଚନାଙ୍କ ନାଁରେ ଅଭିଯୋଗ କରିଥିବା ଯୁବତୀଙ୍କ ବାର୍ଙ୍କିସ୍ଥିତ ଘରେ ଏକକାଳୀନ ଆଜି ସକାଳୁ ଇଡି ରେଡ କରିଛି । ଜଳେଶ୍ୱରରେ ଜଗବନ୍ଧୁଙ୍କ ଘର ଉପରେ ଆଜି ସକାଳୁ ଇଡି ରେଡ କରିଛି । କିନ୍ତୁ ପୂର୍ବରୁ ଏନେଇ ସୂଚନା ପାଇ ଘରେ ତାଲା ପକାଇ ତାଙ୍କ ବାପାମା'ଓ ଭାଇ ଫେରାର ହୋଇଯାଇଛନ୍ତି । ତେବେ ଇଡି ଟିମ୍ ସେମାନଙ୍କ ସମ୍ପର୍କୀୟଙ୍କ ନିକଟରୁ ତଥ୍ୟ ସଂଗ୍ରହ କରୁଛି ।



# ମସଟେସୋରି ପବ୍ଲିକ ସ୍କୁଲରେ ସ୍କାଉଟ ଗାଇଡ ସଂସ୍ଥାପନା ଦିବସ

ବଲାଙ୍ଗିର ,୧୦/୧୧ (ନି.ପ୍ର): ବଲାଙ୍ଗିର ମଣ୍ଟେସୋରି ପବ୍ଲିକ ସ୍କୁଲରେ ଭାରତ ସ୍କାଉଟ ଓ ଗାଇଡର ଏକ ଶାଖା ଉଦଘାଟିତ ହୋଇଯାଇଛି । ସ୍କାଉଟ ଗାଇଡର ବରିଷ୍ଠ ପଦାଧିକାରୀମାନେ ଯୋଗଦେଇ ସ୍କାଉଟ ପତାକା ଉତ୍ତୋଳନପୂର୍ବକ ଶପଥପାଠକରାଇ ଛାତ୍ରଛାତ୍ରୀଙ୍କୁ ଦୀକ୍ଷାପ୍ରଦାନ କରିଥିଲେ । ଏହି ଅବସରରେ ସ୍କୁଲର ପ୍ରିନ୍ସପାଲ ରବିଚନ୍ଦ୍ର ଉଦଗାତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ ଭାରତ ସ୍କାଉଟ ଗାଇଡର ଆଇପିଇ(ଶାରୀରିକ ଶିକ୍ଷା ନିରୀକ୍ଷକ) ଅନ୍ତର୍ଯ୍ୟାମୀ ବିଶ୍ୱାଳ ମୁଖ୍ୟ ଅତିଥି ଓ ପ୍ରମେୟର କେବିକେ ସଂସ୍କରଣ ମୁଖ୍ୟ ଅଖିଳଚନ୍ଦ୍ର ହୋତା ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗାଇଡର ଜିଲ୍ଲା ସଂଯୋଜିକା କସ୍ତୁରୀ ରଥ, ସ୍କାଉଟର ଜିଲ୍ଲା ସଂଯୋଜକ ନିଳାଞ୍ଚଳ ଚିରଗୁନ, ବଲାଙ୍ଗିର ସଂଯୋଜକ ମନୋରଞ୍ଜନ ହୋତା, ସଂଯୋଜିକା ରଞ୍ଜିତା ମିଶ୍ର, ଗାଇଡ କ୍ୟାପଟେନ ସୁଜାତା ପୁରୋହିତ, ସ୍କାଉଟ ମାଷ୍ଟର ହେମନ୍ତ କୁମାର ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ସ୍କାଉଟ ଗାଇଡର ବିଭିନ୍ନ କାର୍ଯ୍ୟକ୍ରମସମ୍ପର୍କରେ ସୂଚନା ଦେବାସହ ଜଣେ ସ୍କାଉଟ ସବୁ ପରିସ୍ଥିତିର ମୁକାବିଲା ପାଇଁ କିଭଳି ପ୍ରସ୍ତୁତ ରହିବା ଦରକାର ତାହା କହିଥିଲେ । ମୁଖ୍ୟବକ୍ତା ଶ୍ରୀ ହୋତା ଭାରତ ସ୍କାଉଟ ଗାଇଡର ନାମକରଣ ପଛରେ ଥିବା ଭାରତୀୟ ଦର୍ଶନ ସମ୍ପର୍କରେ ବର୍ଣ୍ଣନା କରିବା ସହ ଛାତ୍ରଛାତ୍ରୀମାନେ ଏହାର ଯଥାର୍ଥତା ପ୍ରତିପାଦଣକରିବାକୁ ଅହ୍ୱାନ ଦେଇଥିଲେ । ଜିଲ୍ଲା ସଂଯୋଜକ ଶ୍ରୀ ଚିରଗୁନ ସ୍କାଉଟର ପ୍ରାଣ ପ୍ରତିଷ୍ଠାତା ବିଡେନ ପାଓ୍ୱେଲଙ୍କ ସମ୍ପର୍କରେ ଆଲୋଚନାକରି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସ୍କାଉଟ କ୍ୟାଡେଟମାନେ କିଭଳି ସେବା ସହାୟତା କରିଥିଲେ ସେ ସମ୍ପର୍କରେ କହିଥିଲେ । ଜିଲ୍ଲା ସଂଯୋଜିକା ଶ୍ରୀମତି ରଥ ଗାଇଡମାନଙ୍କ ସେବା ଓ ସମର୍ପଣ ସମ୍ପର୍କରେ ଆଲୋଚନାକରି ସ୍କାଉଟ ଗାଇଡର ବିଭିନ୍ନ ମାର୍ଗଦର୍ଶିକା ସମ୍ପର୍କରେ ବତାଇଥିଲେ । ସ୍କୁଲର ପରୀକ୍ଷା ପରିଚାଳକ ବୀରେନ୍ଦ୍ର ନାରାୟଣ ଉଦଗାତା କହିଥିଲେ, ଜଣେ ସ୍କାଉଟ ବା ଗାଇଡ ପାଇଁ ତାର ପୋଷାକ ହେଉଛି ମୂଲ୍ୟବାନ । ଏହା ଛାତ୍ରଙ୍କ ମନରେ ଏକାତ୍ମ ଭାବ ସୃଷ୍ଟି କରିଥାଏ । ପିଲାମାନେ ସ୍କାଉଟ ପାଇଁ ମନୋନୀତ ହୋଇ ଆଜି ଶପଥପାଠ କରୁଛନ୍ତି, ଏହା ସୌଭାଗ୍ୟର କଥା । ଜଣେ ସ୍କାଉଟ ବା ଗାଇଡ ଭାବରେ ଗର୍ବକରିବାକୁ ସେ ଆହ୍ୱାନ ଦେଇଥିଲେ । ପରେପରେ ସ୍କୁଲ ପରିସରରେ ଅନୁଷ୍ଠିତ ଦୀକ୍ଷାନ୍ତ ସମାରୋହରେ ସ୍କାଉଟ ପତାକା ଉତ୍ତୋଳନ କରାଯାଇ ସମୂହ ଶପଥପାଠ କରାଯାଇଥିଲା ।

# ଜାତୀୟ ଆଇନ୍ ସେବା ଦିବସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା

ଝାରସୁଗୁଡ଼ା ,୧୦/୧୧ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଚାଲୁଥିବା ଭାରତୀୟ ଆଇନ୍ ସଚେତନତା ଓ ପ୍ରସାରଣ କାର୍ଯ୍ୟକ୍ରମ ଆନୁକୁଲ୍ୟରେ ଜାତୀୟ ଆଇନ୍ ସେବା ଦିବସ ପାଳିତ ହୋଇଛି । ଏହି ଅବସରରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ୍ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ସଚେତନତା ଶୋଭାଯାତ୍ରାକୁ ପରିବାର ଅଦାଲତର ବିଚାରପତି ହର ପ୍ରସାଦ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କାର୍ଯ୍ୟାଳୟ ଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ ପର୍ଯ୍ୟନ୍ତ ପରିକ୍ରମା କରିଥିବା ବେଳେ ଏଥିରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁବାସ ଚନ୍ଦ୍ର ଧଳ, ବରିଷ୍ଠ ଦେଓ୍ୱାନି ବିଚାରପତି ସ୍ୱପ୍ନାଶ୍ରୀ ନାୟକ, ସିଭିଲ କୋର୍ଟ ରେଜିଷ୍ଟ୍ରାର ମଳୟ କୁମାର ପ୍ରଧାନ, ପ୍ରାଧିକରଣ ସଚିବ ସୁଶ୍ରୀ ନେହା ଦାସ, ଏସ୍ ଡି ଜେ ଏମ୍ ଦିବ୍ୟସଚି ବେହେରା ଓ ମାଜିଷ୍ଟ୍ରେଟ ସୁଶ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରମୁଖ ପଟେଲ ଯୋଗ ଦେଇଥିଲେ । ପ୍ୟାନେଲ ଓକିଲ କିଶୋର ଚନ୍ଦ୍ର ପଟେଲ, ହରି ଶଙ୍କର ଅଗ୍ରଓ୍ୱାଲ, ଅଶୋକ କୁମାର ପାଟ୍ଟଯୋଶୀ, ରୂପାଲି ଚାଟାର୍ଜୀ, ଭବାନୀ ଶଙ୍କର ଦଣ୍ଡସେନାଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟ ଗୋଷ୍ଠୀର ସଦସ୍ୟା ଓ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଅଂଶ ଗ୍ରହଣ କରିଥିଲେ । ପଦଯାତ୍ରା ପରେ ଏକ ସଚେତନତା ସଭା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା ।

# ବାସୁଦେବପୁରରେ ବିଧାୟକ ସୂର୍ଯ୍ୟବଂଶୀଙ୍କୁ ସ୍ୱାଗତ



ବାସୁଦେବପୁର, ୧୦/୧୧ (ନି.ପ୍ର): ସ୍ୱାଧୀନତା ସଂଗ୍ରାମର ମାଟି ବାସୁଦେବପୁର ରେ ଧାମନଗର ର ନୂତନ ବିଧାୟକ ସୂର୍ଯ୍ୟବଂଶୀ ସୁରଜ ଙ୍କୁ ବାସୁଦେବପୁର ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ୱାଗତ କରାଯାଇଛି ଓ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଧାମନଗର ର ପୂର୍ବତନ ବିଧାୟକ ତଥା ଘାସଫୁଲ ସାହିତ୍ୟ ପତ୍ରିକା ର ସମ୍ପାଦକ ସ୍ୱର୍ଗତ କବି ବିଷ୍ଣୁ ସେଠୀ ଙ୍କ ସୁପୁତ୍ର ସୂର୍ଯ୍ୟବଂଶୀଙ୍କୁ ସମସ୍ତେ ଫୁଲମାଳ ପିନ୍ଧାଇ ଥିଲେ । ଜିଲ୍ଲା ସଭାପତି ହେମନ୍ତ ପାଢ଼ୀ, ଉପସଭାପତି ଉଦୟ ନାରାୟଣ ମଲ୍ଲିକ,ବରିଷ୍ଠ ନେତା ଓ ସାମ୍ବାଦିକ କିଶୋର କୁମାର ମହାପାତ୍ର, ବାସୁଦେବପୁର ପ୍ରେସକ୍ଲବ ର ସମ୍ପାଦକ ଇଂ ନିରଦ କୁମାର ଦାଶ, ମହେଶ୍ୱର ଧଳ,ମଣ୍ଡଳ ସଭାପତି ଭଗବାନ ମହାନ୍ତି, ସୁବାସ ଚନ୍ଦ୍ର ପ୍ରଧାନ, କୈଳାସ ପଣ୍ଡା, ରାଜଘରପୋଖରୀ ସରପଞ୍ଚ ଅରୁଣ ମହାନ୍ତି, ପ୍ରତାପ ସେନାପତି, ତାଜୁ ଖାଁ,ଗଦାଧର ପଲାଇ, ଜଗବନ୍ଧୁ ଦାସ,ପିତାମ୍ବର ପାତ୍ର, ପ୍ରଭାସ ମହାନ୍ତି, ଲକ୍ଷ୍ମୀକାନ୍ତ ଲେଙ୍କା, କନକଲତା ପ୍ରଧାନ, ବାପି ବାରିକ ପ୍ରମୁଖ ଏହି ସ୍ୱାଗତ ଉତ୍ସବ ରେ ଯୋଗ ଦେଇଥିଲେ । ଅଟଳ ବିହାରୀ ହାଇସ୍କୁଲ ଠାରେ ଥିବା ଜାତୀୟ କବି ବାଞ୍ଛାନିଧି ମହାନ୍ତି ଗୋଲେଇ ପାଖରେ ସୂର୍ଯ୍ୟ ବଂଶୀ ଙ୍କୁ ବାଜା ବଜାଇ ବାଣ ଫୁଟାଇ ପାଛୋଟି ନିଆଯିବା ସହିତ ବଜାରରେ ଶୋଭାଯାତ୍ରା ପରିକ୍ରମା କରିଥିଲା । ବାସୁଦେବପୁର ରେ ବିଧାୟକ ସୂର୍ଯ୍ୟବଂଶୀ ମା କାଳୀ ଙ୍କୁ ଦର୍ଶନ କରି ସାରି ଧାମରା ବୋଇତ ବନ୍ଦାଣ ଉତ୍ସବ ପାଇଁ ଯାଇଥିଲେ ।

# ମାଲକାନଗିରି ଜିଲ୍ଲାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ - ୨୦୨୩ ଅନୁଷ୍ଠିତ

ମାଲକାନଗିରି ,୧୦/୧୧ (ନି.ପ୍ର): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ - ୨୦୨୩ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭୋଟର ତାଲିକା - ୨୦୨୩ ଡ୍ରାଫ୍ଟକୁ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ ଉନ୍ମୋଚନ କରିଛନ୍ତି । ଶ୍ରୀ ନାଏକ ଭୋଟରମାନଙ୍କୁ ସଚେତନ କରାଇବା ସହ ଆଧାର ସଂଯୋଗୀକରଣ ନିମନ୍ତେ ଗୁରୁତ୍ୱାରୋପ କରିଛନ୍ତି । ଏଠାରେ ମାଲକାନଗିରି ଏବଂ ଚିତ୍ରକୋଣ୍ଡା ଦୁଇ ନିର୍ବାଚନ ମଣ୍ଡଳୀର ୫୪୦ ଟି ବୁଥ୍ ର ଭୋଟର ତାଲିକା ପ୍ରକାଶ କରାଯାଇଛି । ଭୋଟର ତାଲିକାରେ କୌଣସି ତ୍ରୁଟି ଥିଲେ ଜନସାଧାରଣ ନିର୍ଦ୍ଧାରିତ ଫର୍ମରେ ନଭେମ୍ବର ୯ ରୁ ଡିସେମ୍ବର ୮ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ । ନିର୍ବାଚନ ଆୟୋଗ ଙ୍କ ଅନୁମତି କ୍ରମେ ୫ ଜାନୁୟାରୀ ୨୦୨୩ ରେ ଚୂଡାନ୍ତ ଭୋଟର ତାଲିକା - ୨୦୨୩ ପ୍ରକାଶ ପାଇବ । ସେହିପରି ଭୋଟର କାର୍ଡ ରେ ଆଧାର ନମ୍ବର ସଂଯୋଗ ( ସ୍ୱଇଚ୍ଛାବୃତ ) କରି ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତିରେ ସହଯୋଗ କରିବାକୁ ଏଠାରେ କୁହାଯାଇଛି । ଭୋଟର ତାଲିକା ସଂଶୋଧନ ସମୟ ମଧ୍ୟରେ ୪ଟି ସ୍ୱତନ୍ତ୍ର ଅଭିଯାନ '' କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଏହି ସ୍ୱତନ୍ତ୍ର ଅଭିଯାନ ନଭେମ୍ବର ୧୨ , ୧୩ , ୨୬ ଓ ୨୭ ରେ ହେବ । ଏହି ୪ ଦିନ ସବୁ ବୁଥ୍ ରେ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଭୋଟରମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ସହ ଅନ୍ୟାନ୍ୟ ସମସ୍ତ ସୁବିଧା ଯୋଗାଇଦେବେ । ୧୭ ବର୍ଷରୁ ଉର୍ଦ୍ଧ ଭୋଟରମାନେ ଆଗୁଆଭାବେ ବର୍ଷର ଜାନୁୟାରୀ ୧ , ଏପ୍ରିଲ ୧ , ଜୁଲାଇ ୧ ଓ ଅକ୍ଟୋବର ୧ ତାରିଖ ସୁଦ୍ଧା ପଞ୍ଜୀକରଣ ନିମନ୍ତେ ଆବେଦନ ପତ୍ର ଦାଖଲ କରିପାରିବେ । ଜନସାଧାରଣ ତାଲିକାରେ ନାମ ଯୋଗ ନିମନ୍ତେ ଫର୍ମ - ୬ , ତାଲିକାରୁ ନାମ ବାଦ କିମ୍ବା ଅଭିଯୋଗ କରିବା ନିମନ୍ତେ ଫର୍ମ- ୭ ରେ ଆବେଦନ ଓ ତ୍ରୁଟି ସଂଶୋଧନ , ୟୁନାନୁରଣ କିମ୍ବା ଫଟୋ ଲଗାଇବା ନିମନ୍ତେ ଫର୍ମ - ୮ ରେ ଆବେଦନ କରି ପାରିବେ । ଅନଲାଇନ ମାଧ୍ୟମରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ମଧ୍ୟ ଯୁବ ଭୋଟର ମାନଙ୍କୁ ପ୍ରୋତ୍ସାହିତ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସହାୟକ ଜିଲ୍ଲାପାଳ ଅଜୟ କୁମାର ମାଣ୍ଡାଙ୍ଗୀ , ବିଜେଡି ପକ୍ଷରୁ ଧନୁର୍ଜୟ ମାଡକାମୀ , ବିଜେପି ଜିଲ୍ଲା ସାଧାରଣ ସଂପାଦକ ମାଣିକ ଚକ୍ରବର୍ତ୍ତୀ , କଂଗ୍ରେସ ପକ୍ଷରୁ ପ୍ରାଣକୃଷ୍ଣ ମଣ୍ଡଳ , ସିପିଆଇ ( ଏମ ) ରୁ ବ୍ରଜ ମାଝୀ ଏବଂ ଆମ ଆଦାମୀ ପାର୍ଟି ପକ୍ଷରୁ ପ୍ରଶନ୍ନଜୀ ତ ବିଶ୍ୱାସ ଉପସ୍ଥିତ ଥିଲେ ।

# ଆଇନ ସେବା ଦିବସ ଅନୁଷ୍ଠିତ

ଜୟପୁର ,୧୦/୧୧ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ କୋରାପୁଟ-ଜୟପୁର ଦ୍ୱାରା ରଣ୍ଡାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣ ଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହେଇ ଯାଇ ଅଛି । ଏହା ସହିତ ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ "ଆଇନ ସଚେତନତା ଓ ପ୍ରସାରଣ ମାଧ୍ୟମରେ ନାଗରିକଙ୍କ ସଶକ୍ତିକରଣ" କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ନ୍ୟାୟିକ ପ୍ରକ୍ରିୟା ଓ ଆଇନ ସେବାର କାର୍ଯ୍ୟକାରିତ ଓ ସଫଳତା ସମ୍ପର୍କିତ ଏକ ପ୍ରଦର୍ଶନୀ ରଣ୍ଡାପଲ୍ଲୀ ଗ୍ରାମରେ ଆୟୋଜନ କରଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ଶ୍ରୀ ସୁମନ ଜେନା, ସ୍ୱତନ୍ତ୍ର ସରକାରୀ ଓକିଲ ଡାଃ ବି. ଗାୟିତ୍ରୀ ଦେବୀ, ପ୍ୟାନେଲ ଓକିଲ ଶ୍ରୀ କେ.ଦିବାକର ରାଓ, ଶ୍ରୀ ହରିଶ ମୁଦୁଲି, ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ରଶ୍ମି ରଥ, ପାରା ଲିଗାଲ ସ୍ୱେଚ୍ଛାସେବି ଶ୍ରୀ ସୋମନାଥ ମହାନ୍ତି, ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ. ମଧୁସ୍ମିତା ଦୁଖୀ ସମିତି ସଭ୍ୟା ଶ୍ରୀମତୀ. ସୁଶାନ୍ତି ମାଦଳା, ସରପଞ୍ଚ ଶ୍ରୀ ଆନନ୍ଦା ହଲବା, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ପୋଲିସ କର୍ମଚାରୀ, ଅଙ୍ଗନବାଡି କର୍ମୀ, ରଣ୍ଡାପାଲି ଗ୍ରାମବାସୀ ଓ ବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । ସଚେତନତା ଶିବିର ପରେ ପରେ ବିଦ୍ୟାଳୟ ଛାତ୍ର ଛାତ୍ରୀ, ଗ୍ରାମବାସୀ, ଅଙ୍ଗନବାଡି କର୍ମୀ, ଶିକ୍ଷକ ଶିକ୍ଷୟତ୍ରୀ ସମସ୍ତେ ଏକ ବିଶାଳ ରାଲି କରି ସ୍ଲୋଗାନ ଦେଇ ସମସ୍ତ ଗ୍ରାମବାସୀ ଙ୍କୁ ସଚେତନତା ସୃଷ୍ଟି କରିଥିଲେ । ଏହା ପରେ ବିଶାଳ ରାଲି ପୁରା ଗ୍ରାମ ପରିକ୍ରମା କରି ପ୍ରଦର୍ଶନୀ ଷ୍ଟଲ କୁ ଆସିଥିଲେ । ପ୍ରଦର୍ଶନୀ ଷ୍ଟଲ କୁ ସଚିବ ଶ୍ରୀ ସୁମନ ଜେନା ଅନୁଷ୍ଠାନିକ ଭାବେ ଉଦଘାଟନ କରି ସମସ୍ତଙ୍କୁ ନ୍ୟାୟିକ ପ୍ରକ୍ରିୟା ଓ ଆଇନ ସେବାର କାର୍ଯ୍ୟକାରିତା ଓ ସଫଳତା ବ୍ୟାନର, ପୋଷ୍ଟର, ଚିତ୍ରଫୋଟୋ ଓ ଲିଫଲେଟ ମାଧ୍ୟମରେ ବୁଝାଇଥିଲେ ।

# କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ହେଲେ ଇଶ୍ୱର

ଜୟପୁର ,୧୦/୧୧ (ନି.ପ୍ର): କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ହେଲେ ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ । ୧୫ଟି ନିଦ୍ଦେଷକ ପଦବୀ ମଧ୍ୟରୁ ୧୪ଟି ବିଜେଡି ସମର୍ଥିତ ପ୍ରାର୍ଥି ନିଦ୍ଦେଷକରେ ବିଜୟ ହୋଇଥିବା ବେଳେ ଜଣେ କଂଗ୍ରେସ ସମର୍ଥିତ ପ୍ରାର୍ଥିନି ନିଦ୍ଦେଷକ ପଦବୀ ରେ ବିଜୟ ହୋଇଥିଲେ । ବିଜେଡିର ବହୁ ଆଶାୟି ରହଥିଲେ । କିନ୍ତୁ ଦଳିୟ ନିଷ୍ପତ୍ତି କ୍ରମେ ଭୁବନେଶ୍ୱରରୁ ଆସିଥିବା ବନ୍ଦ ଲଫାଫାରେ କୋରାପୁଟ ଜିଲା ବିଜେଡି ସଭାପତି ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ନାମ ରହିଥିଲା । ତେଣୁ ଏକ ମାତ୍ର ପ୍ରାର୍ଥି ଭାବେ ଇଶ୍ୱର ପାଣିଗ୍ରାହୀ ନାମାଙ୍କନ ପତ୍ର ଦାଖଲ କରିଥିଲେ ଓ ନିଦ୍ୱନ୍ଦରେ ନିବାଚିତ ହୋଇଥିବା ନିବାଚନ ଅଧିକାରି ତଥା ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନ ଗଣ ମାଧ୍ୟମକୁ ସୁଚନା ଦେଇଛନ୍ତି । ସଭାପତି ଭାବେ ଇଶ୍ୱର ବିଜୟ ପରେ ଗଣ ମାଧ୍ୟମକୁ ସୁଚନା ଦେଇ କହିଛନ୍ତି ଯେ ଚାଷିଙ୍କ ସ୍ୱାର୍ଥ ଦିଗରେ କାମ କରିବେ ପୁବରୁ ସେ ବିହନ ନିଗମର ଅଧ୍ୟକ୍ଷ ଥିଲେ ତେଣୁ ତାଙ୍କର ଅଭିଜ୍ଞତା ରହିଥିବା ସୁଚନା ଦେଇଛନ୍ତି । ଆଜି ନାମାଙ୍କନ ପତ୍ର ଦାଖଲ ସମୟରେ ନବରଙ୍ଗପୁର ସାଂସଦ ରମେଶ ମାଝୀ, କୋରାପୁଟ ବିଧାୟକ ରଘୁ ରାମ ପାଡାଲ, କୋଟପାଡ ବିଧାୟିକା ପଦ୍ମିନି ଦିଆନ, ପଟାଙ୍ଗି ବିଧାୟକ ପ୍ରତିମ ପାଢୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ଚିତ୍ରକୋଣ୍ଡା ବିଧାୟକ ପୁଣ୍ଡ ଚନ୍ଦ୍ର ବାକା, ବିଜେଡି ରାୟଗଡା ସଭାପତି ସୁଧିର ଦାସ . ଜୟପୁର ବିଜେଡିର ମଙ୍ଗ ଧରିଥିବା ସୁର୍ଯ୍ୟ ନାରାୟଣ ରଥ, ରମାକାନ୍ତ ରାଉଳ, ଇନ୍ଦିରା ନନ୍ଦ,ଅନୁପ ପାତ୍ର, ପ୍ରଦିପ ମାଝୀ, କୁନି ଅଧିକାରି, ହିମାସୁଂ ମହାପାତ୍ର, ଶିକ୍ଷା ପାଣି, ବିକାଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦ୍ରାପଡ଼ାରେ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା ,୧୦/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଭୋଟର ମାନଙ୍କ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୨୦୨୩ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଦୁର୍ଗାପ୍ରସାଦ ମହାରଣାଙ୍କ ତତ୍ତ୍ୱାବଧାନରେ ଏନେଇ ଏକ ସଚେତନତା କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଯାଇଛି । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାରଣା ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଭୋଟର ମାନଙ୍କ ପାଇଁ ଏହି ସଚେତନତା କାର୍ଯ୍ୟକ୍ରମରେ ନାମ ପଞ୍ଜିକରଣ କରିବା, ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ କରିବା, ନାମ ବାଦ୍ ଦେବା, ଭୋଟର ପରିଚୟପତ୍ରକୁ ଆଧାର କାର୍ଡ ସହିତ ସଂଯୋଗ କରିବା ଆଦି କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମଟି ଚଳିତ ମାସ ୯/୧୧ ଠାରୁ ଆସନ୍ତା ଡିସେମ୍ବର ମାସ ୮/୧୨/୨୦୨୨ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକ ଓ ମ୍ୟୁନିସିପାଲିଟିରେ ଚାଲୁ ରହିବ । ବୁଧବାର ଏହି ସଚେତନତା କାର୍ଯ୍ୟକ୍ରମରେ ପୌରାଧକ୍ଷା ସରିତା ସାହୁ, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବସଷ୍ଟାଣ୍ଡ କାଳୀପୂଜା କମିଟିର ରୌପ୍ୟ ଜୟନ୍ତୀ

ବାସୁଦେବପୁର ,୧୦/୧୧ (ନି.ପ୍ର): ବାସୁଦେବପୁର ଯାଦବ ପଡିଆ ପାଖରେ ଥିବା ବସଷ୍ଟାଣ୍ଡ କାଳୀପୂଜା କମିଟି ର ରୌପ୍ୟ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ଓଡ଼ିଶା ସରକାର ଙ୍କ ଗ୍ରାମୀଣ ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତି ରଂଜନ ଘଡେଇ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ ଭଦ୍ରକ ସାଂସଦ ମଂଜୁଳତା ମଣ୍ଡଳ,ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଧାମନଗର ର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌରପାଳିକା ର ଅଧ୍ୟକ୍ଷା ନିବେଦିତା ବେହେରା, ଉପାଧ୍ୟକ୍ଷ ଉତ୍ତମ ବାରିକ, ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା, ସମାଜ ସେବୀ ଦେବସ୍ୱରୂପ ଧନୀ ଓ ସାଂସଦ ପ୍ରତିନିଧି ସୁରେଶ ମହାନ୍ତି । ସମସ୍ତ ଅତିଥି କମିଟି ର ଉଦ୍ୟମ କୁ ପ୍ରଶଂସା କରିଥିଲେ । ଏହି ଉତ୍ସବ ରେ ମଦନ ମୋହନ ମହାକୁଡ଼ ସଭାପତିତ୍ୱ କରିଥିଲେ । କମିଟି ର ମୁଖ୍ୟ କର୍ମକର୍ତ୍ତା ଶଶୀ ଭୂଷଣ ବାରିକ,ଶରତ ବାରିକ,ସୁବାସ ବାରିକ,ଗଗନ ବାରିକ,ବିଜୟ ଘଡେଇ ପ୍ରମୁଖ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ । ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଘଡେଇ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କମିଟି ର ବହୁ ସଦସ୍ୟ ଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା । ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଓ ପୂର୍ବତନ ନଗରପାଳ ସୁବାସ ଚନ୍ଦ୍ର ବାରିକଙ୍କ ଫଟୋଚିତ୍ର ରେ ଅତିଥି ଗଣ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ଚୂଡାମଣିରେ ଐତିହାସିକ ସାଗର ସାଥି ବୋଇତ ବନ୍ଦାଣ ମହୋତ୍ସବ



ବାସୁଦେବପୁର ,୧୦/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ର ଚୁଡାମଣି ସାଗର ସାଥି ବୋଇତ ବନ୍ଦାଣ ମହୋତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଗ୍ରାମୀଣ ବିକାଶ ମନ୍ତ୍ରୀ ପ୍ରୀତି ରଂଜନ ଘଡେଇ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ସାଂସଦ ମଂଜୁଳତା ମଣ୍ଡଳ, ଧାମନଗର ର ପୂର୍ବତନ ବିଧାୟକ ମୁକ୍ତି କାନ୍ତ ମଣ୍ଡଳ,ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ,ପୌରପାଳିକା ଅଧ୍ୟକ୍ଷ ନିବେଦିତା ବେହେରା । ସମସ୍ତ ଅତିଥି ଓଡ଼ିଶାର ନୌବାଣିଜ୍ୟ, ପରମ୍ପରା, ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ । ସକାଳେ ପ୍ରଥମ ଅଧିବେଶନ ରେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମନୋରଞ୍ଜନ ରାଉତ, ସମାଜ ସେବୀ ସନ୍ତୋଷ ମହାରଣା, ସୁଦର୍ଶନପୁର ସରପଞ୍ଚ ଚନ୍ଦ୍ରକାନ୍ତ ମଲିକ,ଉମାକାନ୍ତ ମଲିକ,ଡକ୍ଟର ଦୀପ୍ତି ରଂଜନ ମିଶ୍ର, ପ୍ରଦୀପ ରାଉତ ପ୍ରମୁଖ ଅତିଥି ଭାବେ ସାଧବ ପୁଅ ବେଶରେ ଯୋଗଦେଇ ଥିଲେ ଓ ମା ମଙ୍ଗଳା ଙ୍କୁ ଦର୍ଶନ କରି ନୌକା ଯାତ୍ରା ରେ ସମୁଦ୍ର କୁ ଯାଇଥିଲେ । ଏହି ଅବସରରେ ଘୋଡା ନାଚ, ସଙ୍ଗୀତ, ନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯୁବ ଆଇନ ଜୀବୀ ସୁନନ୍ଦ ମଲିକ ଓ ଶଶୀ କାନ୍ତ ନାୟକ ଏହି ଉତ୍ସବରେ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ । ସମ୍ପାଦକ ହେମନ୍ତ ଜେନା ଧନ୍ୟବାଦ ଦେଇଥିଲେ ।

# ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ

ପୁରୀ ,୧୦/୧୧ (ନି.ପ୍ର): ନିର୍ବାଚନ ଆୟୋଗ ଙ୍କ ନିର୍ଦ୍ଦେଶ କ୍ରମେ ୨୦୨୩ ବର୍ଷ ପାଇଁ ନୂତନ ଓ ତୃଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି । ଆଜି ଅର୍ଥାତ ନଭେମ୍ବର ୯ ତାରିଖ ଠାରୁ ଡିସେମ୍ବର ୮ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଜିଲ୍ଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି । ଆଜି ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ନୂତନ ଭୋଟର ତାଲିକା ପ୍ରସ୍ତୁତି ପ୍ରକିୟା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ବର୍ମା ଭୋଟର ବିଶେଷ କରି ନୂତନ ଭୋଟର ମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜିକରଣ ପାଇଁ ବ୍ୟାପକ ସଚେତନ କରାଯିବା ସହ ୧୭ ବର୍ଷ ରୁ ଉର୍ଦ୍ଧ୍ୱ ନାଗରିକ ଙ୍କୁ ଆବେଦନ ପତ୍ର ଦାଖଲ ରେ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଗୋଟିଏ ବର୍ଷ ରେ ୪ ଥର ଅର୍ଥାତ ଜାନୁଆରୀ ୧,ଅପ୍ରେଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ ତାରିଖକୁ ଯୋଗ୍ୟତା ସୂଚକ ତାରିଖ ଧରାଯାଇ ନୂତନ ଭୋଟର ମାନେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ୬ ନମ୍ବର ଫର୍ମରେ ଆବେଦନ କରିପାରିବେ ବୋଲି କହିଥିଲେ । ଉପଜିଲ୍ଲାପାଳ ଭବତାରଣ ସାହୁ ବିସ୍ତୃତ ସୂଚନା ଦେଇ ଭୋଟର ତାଲିକାରେ ନାମ ପଞ୍ଜିକରଣ ପାଇଁ ଆଶାୟୀ ଭୋଟର ମାନେ ଗୁଗୁଲ ପ୍ଲେ ଷ୍ଟୋରରୁ ଭୋଟର ହେଲ୍ପ ଲାଇନ ଆପ୍ ଡାଉନଲୋଡ୍ କରି ନିଜେ ଆବେଦନ କରିପାରିବେ । ନିକଟସ୍ଥ ବୁଥ ସ୍ତରୀୟ ଅଧିକାରୀ ଙ୍କ ସହଯୋଗରେ ଗରୁଡ୍ ଆପ୍ ମାଧ୍ୟମରେ ମଧ୍ୟ ପଞ୍ଜିକରଣ କରିପାରିବେ । ପ୍ରବାସୀ ଭାରତୀୟ ଭାବେ ନାମ ପଞ୍ଜିକରଣ ପାଇଁ ଫର୍ମ ୬ କ ,ଭୋଟର ତାଲିକା ସହ ଆଧାର ସଂଯୋଗ ପାଇଁ ଫର୍ମ ନଂ ୬ ଖ,ନାମ ବାଦ ଦେବା ପାଇଁ ଫର୍ମ ନଂ ୭ ଓ ଭୋଟର ତାଲିକାରେ ତୃଟି ସଂଶୋଧନ ପାଇଁ ଫର୍ମ ନଂ ୮ କୁ ଉପଯୋଗ କରିପାରିବେ । ଚଳିତ ମାସ ୧୨ ଓ ୧୩ ଏବଂ ୨୬ ଓ ୨୭ ତାରିଖ କୁ ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ଧାର୍ଯ୍ୟ କରାଯାଇଛି । ଏହି ଦିନ ରେ ସମସ୍ତ ବୁଥରେ ବୁଥ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଭୋଟର ମାନଙ୍କୁ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ରେ ସହଯୋଗ କରିବେ ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ । ବର୍ତ୍ତମାନ ଜିଲ୍ଲା ର ୧୫୯୩ ବୁଥ ରେ ୧୩୪୭୩୩୦ ଭୋଟର ରହିଛନ୍ତି । ପୂର୍ବ ଭୋଟର ତାଲିକାରେ ଥିବା ଦୋହରା ନାମ,ମୃତ ଓ ସ୍ଥାନାନ୍ତର ୪୪୦୧୨ ଜଣ ଭୋଟରଙ୍କୁ ବାଦ ଦିଆଯାଇଛି ବୋଲି ସେ ସୂଚନା ଦେଇଥିଲେ । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର, ଡେପୁଟି କଲେକ୍ଟର ରାମଚନ୍ଦ୍ର ପଟ୍ଟନାୟକ, ସହକାରୀ ଜିଲ୍ଲାପାଳ ରାଜ ବଲ୍ଲଭ ନାୟକ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନେ ଯୋଗ ଦେଇଥିଲେ ।


# କଳାହାଣ୍ଡି ଜିଲ୍ଲା ଟାଉନ ହଲରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ପାଳିତ

ଭବାନୀପାଟଣା ,୧୦/୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଟାଉନ ହଲ ଠାରେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ପାଳିତ ହୋଇଛି । ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁଙ୍କ ଅନ୍ତର୍ନିହିତ କଳା ଓ ପ୍ରତିଭାର ବିକାଶ ପାଇଁ ପ୍ରୟାସ । ମହକ -୨୦୨୨ଟାଉନ ହଲଠାରେ ଆୟୋଜନ କରାଯାଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କଳାହାଣ୍ଡି ଆୟୋଜନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ରାଜେଶ ନାଏକ ଜିଲ୍ଲା ମଙ୍ଗଳା ଅଧ୍ୟକ୍ଷ ଅତିଥି ଥିବା ବେଳେ ମୁଖ୍ୟ ବକ୍ତା ସତ୍ୟ ନାରାୟଣ ମହାପାତ୍ର ଥିଲେ ଏବଂ ଭାର ପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ରାଜ ଲକ୍ଷ୍ମୀ ଦାସ ଯୋଗଦାନ କରି ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଭିନ୍ନ ପ୍ରାନ୍ତର ଅନ୍ତେବାସୀର ଶିଶୁ, ବାଳିକା ବାଳକ ଉପସ୍ଥିତ ରହି ନିଜ ନିଜ ଲୋକାୟତ ପ୍ରତିଭା, ଗୀତ, ନାଚ, ବକ୍ତୃତା, ରଚନା ଇତ୍ୟାଦି କଳା ଉପସ୍ଥାପନା କରିଥିଲେ,ଯେଉଁ ବାଳକ ବାଳିକା ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିବେ ସେମାନେ ଚଳିତ ମାସ ଶେଷ ସପ୍ତାହ ରେ ରାଜ୍ୟ ସ୍ତରୀୟ ଶିଶୁ ଯତ୍ନ ଅନୁଷ୍ଠାନ ପ୍ରତିଯୋଗିତା ରେ ଭାଗ ନେଇ ପାରିବେ । ଏଥିରେ ପ୍ରାୟ ୧୭୦ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ପ୍ରକାଶ ।

# ଦ୍ୱିତୀୟ ଥର ଗିନିଜ ବୁକ ଅଫ ଓ୍ୱାର୍ଲଡ ବିଜେତା ହେଲେ କନ୍ଧମାଳର ସନ୍ଧ୍ୟାରାଣୀ

କନ୍ଧମାଳ ,୧୦/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଚକାପାଦ ଅଞ୍ଚଳର ସନ୍ଧ୍ୟାରାଣୀ ବେହେରା ପୁଣି ଥରେ ଗିନିଜ ବୁକ ଅଫ ଓ୍ୱାର୍ଲଡ ରେକର୍ଡରେ ସ୍ଥାନ ପାଇଁ କନ୍ଧମାଳ ଓ ଓଡିଶା ପାଇଁ ଗୌରବ ଆଣିଦେଇଛନ୍ତି । ପୂର୍ବରୁ ଆକର୍ଷଣୀୟ ବୁଣାକୌଶଳ ପାଇଁ ୨୦୧୯/୨୦ରେ ଗିନିଚ ଓ୍ୱାର୍ଲଡ ଅଫ ରେକର୍ଡରେ ସ୍ଥାନ ପାଇଥିଲେ । ଚଳିତ ବର୍ଷ ସେପଟ୍ଟେମ୍ବର ୧୮ରେ ବିଶାଖପାଟନାରେ ଅନୁଷ୍ଠିତ ପଶମ ସୁତାରେ ନିର୍ମିତ ଟୋପି ଉପରେ ହୋଇ ଥିବା ଭାଗ ନେଇ ଏହି କୃତିତ୍ୱ ଅର୍ଜନ କରିଥିଲେ ସନ୍ଧ୍ୟା ।

# ଆୟୁର୍ବେଦୀୟ ଭ୍ରମଣ




**କରୋନା ସଂକ୍ରମଣ ଭୟାବହତା ମଧ୍ୟରେ ମଣିଷ ନିଜ ସ୍ୱାସ୍ଥ୍ୟ ପ୍ରତି ପୂର୍ବାପେକ୍ଷା ଅଧିକ ସଚେତନ ହୋଇପଡ଼ିଛି । ବିଶ୍ୱର ସ୍ୱାସ୍ଥ୍ୟ ମଧ୍ୟରେ ଭାରତୀୟ ଆୟୁର୍ବେଦର ସ୍ୱତନ୍ତ୍ର ସ୍ଥାନ ରହିଛି । ଦେଶର ଏପରି ପ୍ରମୁଖ ପାଞ୍ଚଟି ଆୟୁର୍ବେଦୀୟ ସ୍ଥାନ ସମ୍ପର୍କରେ ଜାଣନ୍ତୁ, ଯେଉଁଠାରେ ଉଭୟ ସ୍ୱାସ୍ଥ୍ୟ ଏବଂ ପର୍ଯ୍ୟଟନର ସୁଖ ପାଇପାରିବେ ।**

**ଦେବୟା ଆୟୁର୍ବେଦ ଆଣ୍ଡ୍ ନେଚର କିୟୋର ସେଣ୍ଟର, ଗୋଆ:**
ଏଠାରେ ଦିୱାର ଦ୍ୱୀପରେ ଥିବା ଏହି ରିସୋର୍ଟରେ ଯେଭଳି ସ୍ୱାସ୍ଥ୍ୟ ସେବା ଦିଆଯାଏ, ଶରୀର ଏବଂ ମନ ସହ ଆତ୍ମା ବି ସତେଯେପରି ସତେଜ ହୋଇଯାଏ । ସୁସ୍ଥ ଏବଂ ଚିନ୍ତାମୁକ୍ତ ଜୀବନ ଜିଇବା ଲାଗି ଏଠାରେ ଆଧୁନିକ ଯୋଗ ପ୍ରକ୍ରିୟା ଶିକ୍ଷା କରିପାରିବେ । ନଡ଼ିଆ ଗଛ ଓ ଅନ୍ୟ ସବୁଜିମା ଭରା ପରିବେଶ ଏହି ରହଣିକୁ ଅଧିକ ଆନନ୍ଦିତ କରେ । ପଞ୍ଚକର୍ମ, ନ୍ୟାଚୁରୋଥେରାପି, ସ୍ପା ଆଦିର ସୁବିଧା ଏଠାରେ ଉପଲବ୍ଧ ।



**ଆନନ୍ଦ ଇନ୍ ଦି ହିମାଳୟ, ଉତ୍ତରାଖଣ୍ଡ:**
ଏଠାରେ ଋଷିକେଶ ନିକଟରେ ଅବସ୍ଥିତ ଆନନ୍ଦ ଭାରତର ସର୍ବୋତ୍ତମ ଆରାମଦାୟକ ସ୍ପା ରିସୋର୍ଟସ ମଧ୍ୟରୁ ଅନ୍ୟତମ । ପ୍ରାୟ ୧୦୦ ଏକର ପରିବ୍ୟାପ୍ତ ଏହି ରିସୋର୍ଟ ଅଞ୍ଚଳରେ ଆୟୁର୍ବେଦୀୟ ସ୍ୱାସ୍ଥ୍ୟ ସେବା ପାଇବା ସହ ହିମାଳୟ ପାର୍ବତ୍ୟାଞ୍ଚଳର ସୌନ୍ଦର୍ଯ୍ୟ ଉପଭୋଗ କରିହେବ । ଆନନ୍ଦରେ ଆୟୁର୍ବେଦ ଡାକ୍ତର, କୁଶଳୀ ଥେରାପିଷ୍ଟ, ପୋଷକ ତତ୍ତ୍ୱ ଏବଂ ଯୋଗ ବିଶେଷଜ୍ଞ ରହିଛନ୍ତି । ତେବେ ଏହାର ସ୍ପା ସବୁଠାରୁ ଭିନ୍ନ । ଏଠାରେ ପାରମ୍ପରିକ ଆୟୁର୍ବେଦ ଏବଂ ଆଧୁନିକ ସ୍ପା କୌଶଳର ମିଶ୍ରଣରେ ୮୦ରୁ ଅଧିକ ପ୍ରକାର ସ୍ପା ସେବା ଯୋଗାଇ ଦିଆଯାଏ ।

**ସୋମାଥିରମ୍ ଆୟୁର୍ବେଦ ଗ୍ରାମ, କେରଳ:**



ଏଠାକାର ଚୋୱାରା ବେଳାଭୂମିରେ ଥିବା ସୋମାଥିରମ୍‌ରେ ରିସୋର୍ଟର ସୁବିଧା ସହ ଆୟୁର୍ବେଦୀୟ ଚିକିତ୍ସା ପାଇପାରିବେ । ତ୍ରିଭେନ୍ଦ୍ରମ ଆନ୍ତର୍ଜାତୀୟ ବିମାନ ବନ୍ଦର ଏହାର ନିକଟତର । ଏଠାରେ ପଞ୍ଚକର୍ମ ସହ ମାଲିସ୍, ଶିରୋଧାରା, ବସ୍ତି, ଶିରୋବସ୍ତି, ଅଭ୍ୟଙ୍ଗମ୍, ନାସ୍ୟମ ଆଦି ଆୟୁର୍ବେଦୀୟ ପଦ୍ଧତିରେ ଶରୀରକୁ ବିଷାକ୍ତ, ତତ୍ତ୍ୱମୁକ୍ତ କରିପାରିବେ । ନିଜସ୍ୱ ଔଷଧୀୟ ଉଦ୍ୟାନରୁ ଆସୁଥିବା ଜଡିବୁଟି ଏଠାରେ ବ୍ୟବହାର କରାଯାଏ । ପଦ୍ମନାଭସ୍ୱାମୀ ମନ୍ଦିର, ଚିଡ଼ିଆଖାନା, ଏକାଧିକ ସଂଗ୍ରହାଳୟ ଏହା ନିକଟରେ ରହିଛି ।



**ଆୟୁର୍ବେଦଗ୍ରାମ ହେରିଟେଜ ୱେଲନେସ ସେଣ୍ଟର, ବେଙ୍ଗାଲୁରୁ:**
ସହର ବାହାରେ ଥିବା ଏହି ଆୟୁର୍ବେଦଗ୍ରାମରେ ଚିକିତ୍ସା କରିବା ଲାଗି ଆୟୁର୍ବେଦ ଏବଂ ଯୋଗର ସହାୟତା ନିଆଯାଏ । ୯ ଏକର ପରିବ୍ୟାପ୍ତ ଏହି ସେଣ୍ଟରରେ ଆୟୁର୍ବେଦୀୟ ସ୍ୱାସ୍ଥ୍ୟ ସେବା, ସ୍ପା, ଯୋଗ, ପ୍ରାଣାୟମ, ଶାକାହାରୀ ଭୋଜନ ଜୀବନକୁ ଏକ ନୂଆ ଦିଶା ଦେଇପାରେ । ଏଠାକୁ ଆସୁଥିବା ଅତିଥିମାନେ ନିଜ ବଜେଟ୍ ଅନୁସାରେ ପ୍ୟାକେଜ୍ ବାଛିଥାନ୍ତି ।

## ଘରେ ମନି-ପ୍ଲାଣ୍ଟ ଥିଲେ, ଜାଣିବା କଥା



ବାସ୍ତୁଶାସ୍ତ୍ରର ନିୟମ ଅନୁସାରେ ପ୍ରତ୍ୟେକ ଚାରାରୋପଣ ନିମନ୍ତେ ନିର୍ଦ୍ଦିଷ୍ଟ ଦିଗ ରହିଛି । ଏହି ନିୟମ ମାନିଲେ ଘରେ ସୁଖ ସମୃଦ୍ଧି ବୃଦ୍ଧି ହେଉଥିବାର ମତ । ଉଜ୍ଜୈନର ଜ୍ୟୋତିଷାଚାର୍ଯ୍ୟ ପ୍ରଫୁଲ୍ଲ ଭଟ୍ଟ ଏ ବାବାଦରେ ଜନସାଓାରଣଙ୍କୁ ଉପଦେଶ ଦେଇଛନ୍ତି । ମନି-ପ୍ଲାଣ୍ଟ ଗଛକୁ ଉଚିତ ଦିଗରେ ଲଗାଇଲେ ଘରର ପ୍ରତ୍ୟେକ ସଦସ୍ୟଙ୍କ ଉପରେ ଉତ୍ତମ ପ୍ରଭାବ ପଡ଼େ ।

ଉତ୍ତର-ପୂର୍ବ ଦିଗରେ କେବେହେଲେ ଏହି ଗଛ ଲଗାଇବେ ନାହିଁ ନଚେତ୍ ଅଯଥାରେ ହିଁ ଅର୍ଥହାନି ସମସ୍ୟା ଉପୁଜିବ ।

ଏହି ଗଛକୁ କାନ୍ଥରେ କିମ୍ବା କୁଣ୍ଡରେ ଲଗାଇବା ଉଚିତ । ସିଧାସଳଖ ମାଟି ଉପରେ ଏହାକୁ ଲଗାଇଲେ ମଧ୍ୟ କୁପ୍ରଭାବ ପଡ଼େ । ମନି-ପ୍ଲାଣ୍ଟ ଗଛ ଯେପରି ଝାଉଁଳି ନଯାଏ ସେଥିପ୍ରତି ମଧ୍ୟ ସଚେତନ ରହିବା ଆବଶ୍ୟକ । ହଳଦୀ ରଙ୍ଗର ପତ୍ରକୁ ଛିଣ୍ଡାଇ ଦେବା ଉଚିତ ।

ଦକ୍ଷିଣ-ପଶ୍ଚିମ ଦିଗରେ ମନି-ପ୍ଲାଣ୍ଟ ଚାରାରୋପଣ କରିବା ସହ ରୀତିମତ ପାଣି ଦେବା ଭଲ ।

## ଗଛର ଜନ୍ମଦିନ ପାଳିଲେ ଅଧ୍ୟାପକ

‘କୁହାଯାଏ ୧୦ଟି ପିଲାର ଲାଳନ ପାଳନ କରିବା ଭଳି ଫଳ ଗୋଟିଏ ଗଛ ଲଗାଇଲେ ମିଳେ । ଏମିତିରେ ବାପା, ମା’ ଯଦି ପିଲାମାନଙ୍କର ଜନ୍ମଦିନ ପାଳନ କରନ୍ତି, ତେବେ ଗଛମାନଙ୍କର କାହିଁକି ନୁହେଁ । ଆମେ ବଡ଼ ଶ୍ରଦ୍ଧାର ସହ ଗଛ ଲଗାନ୍ତି, ସେଥିରେ ପାଣି, ସାର ଦିଅନ୍ତି । ବଦଳରେ ଗଛ ଆମକୁ ବହୁତ କିଛି ଦେଇଥାଏ ।’ ଏକଥା କହନ୍ତି ରାଜସ୍ଥାନର ବିକାନେରର ରାଜେନ୍ଦ୍ର ପୁରୋହିତ ଓ ଅନୀଲା ପୁରୋହିତ । ଏମାନେ ବିକାନେରର ସବୁଠୁ ବଡ଼ କଲେଜ ଡୁଙ୍ଗର ମହାବିଦ୍ୟାଳୟରେ ଅଧ୍ୟାପନା କରନ୍ତି । ଏମାନଙ୍କର ପେସା ଅଧ୍ୟାପନା, କିନ୍ତୁ ନିଶା ଗଛ ଲଗାଇବା । ବର୍ଷକ ତଳେ କଲେଜ ପରିସରରେ ଏମାନେ ଏକ ଅଶ୍ୱତ୍ଥ ଗଲ ଲଗାଇଥିଲେ । ବର୍ଷେ ଧରି ସେ ଗଛର ଯତ୍ନ ନେଲେ । ନିକଟରେ ତାର ଜନ୍ମଦିନ ପାଳନ କରି ଚର୍ଚ୍ଚାରେ ଅଛନ୍ତି । ପୃଥିବୀ ଓ ପରିବେଶ ପାଇଁ ଗଛ କେତେ ଜରୁରୀ, ଏକଥା କହିବାର ଆବଶ୍ୟକତା ନାହିଁ । ତଥାପି ନିଜ ଛାତ୍ରଛାତ୍ରୀଙ୍କୁ ଗଛ ଲଗାଇବାର ବାର୍ତ୍ତା ଦେବାକୁ ସେମାନେ ଏହି ନିଆରା ପ୍ରୟାସ କରିଥିଲେ । ଅଶ୍ୱତ୍ଥ ଗଛର ଜନ୍ମଦିନ ପାଳନ ପାଇଁ ତାକୁ ଭଲ ଭାବେ ସଜାଯାଇଥିଲା । ବ୍ରାହ୍ମଣଙ୍କୁ ଡାକି ପୂଜା ପାଠ କରାଯାଇଥିଲା । କେକ୍ ବି କଟାଯାଇଥିଲା । ଅନ୍ୟପଟେ ରାଜେନ୍ଦ୍ର ପୁରୋହିତ ଓ ଅନୀଲା ପୁରୋହିତ ପ୍ରଥମ



ଥର ପାଇଁ ଏହି ପ୍ରୟାସ କରିନାହାନ୍ତି । ପୂର୍ବରୁ ସେହି ଅଞ୍ଚଳରେ ସେମାନେ ଅନେକ ବୃକ୍ଷରୋପଣ କରିଛନ୍ତି । ସେମାନଙ୍କ ଏହି କାମ ଛାତ୍ରଛାତ୍ରୀଙ୍କ ମନରେ ବହୁ ସକରାତ୍ମକ ପ୍ରଭାବ ପକାଉଛି । କିଛି କ୍ଷେତ୍ରରେର ଛାତ୍ରଛାତ୍ରୀ ମଧ୍ୟ ଏହି କାମରେ ସାମିଲ ହେଉଛନ୍ତି ।

## ୬% ଆମେରିକୀୟ ବୈବାହିକ ଜୀବନ ସଫଳ

ପାଶ୍ଚାତ୍ୟ ଦେଶରେ ନୀତିନିୟମ ସବୁକିଛି ଅଲଗା । ବିବାହ ଓ ବିଚ୍ଛେଦକୁ ନେଇ ବିଦେଶ ରାଇଜ (ଆମେରିକା, ଇଉରୋପ)ର ଲୋକ ଏତେଟା ବ୍ୟସ୍ତ ହୋଇନଥାନ୍ତି । ମନ ନ ମିଶିଲେ ଦମ୍ପତି ଆପୋଷ ବୁଝାମଣାରେ ପରସ୍ପରଠାରୁ ଅଲଗା ହେବାର ନିଷ୍ପତ୍ତି ନେଉଥିବାର ଦେଖାଯାଉଛି । ଭାରତୀୟ ସଭ୍ୟତାରେ ସେପରି ନାହିଁ । ଅଧିକାଂଶଙ୍କ କହିବାର କଥା ହେଲା, ବାହାଘର ଖେଳଘର ନୁହେଁ । ପରସ୍ପର ମନ ମିଶାଇ ଆଜୀବନ ଚଳିବା ହିଁ ବିବାହର ପ୍ରଥମ ଓ ପ୍ରମୁଖ ନିୟମ । ଆମ ଦେଶରେ ଗାଁଗଣ୍ଡାଠାରୁ ଆରମ୍ଭ କରି ନଗର, ମହାନଗରୀ ପର୍ଯ୍ୟନ୍ତ ହିସାବ କଲେ ୪୦%ରୁ ଅଧିକ ବୟସ୍କ ଦମ୍ପତି ସେମାନଙ୍କ ୫୦ତମ ବିବାହବାର୍ଷିକୀ ପାଳନ କରିସାରିଥିବାର ଜାଣିବେ । ତେବେ ନିକଟରେ ହୋଇଥିବା ଏକ ଅନ୍-ଲାଇନ୍ ସର୍ବେକ୍ଷଣରୁ ଜଣାପଡ଼ିଛି, ମାତ୍ର ୬% ଆମେରିକୀୟ ଦମ୍ପତି ସେମାନଙ୍କ ୫୦ ତମ ବିବାହ ପୂର୍ତ୍ତି କରିଥାନ୍ତି । ଅନ୍ୟମାନେ ବିବାହର କିଛି ବର୍ଷ ପରେ ହିଁ ପରସ୍ପରଠାରୁ ଅଲଗା ହୋଇଯାଇଥିବାର ଦେଖାଯାଇଛି । ଆମେରିକା




ବାସିନ୍ଦା ୧୦୨ ବର୍ଷୀୟ ରାଲ୍ଫ କୋହଲର୍ ଓ ତାଙ୍କ ପତ୍ନୀ ୧୦୦ ବର୍ଷୀୟା ଡୋରୋଥି ରେଡିଙ୍ଗ ନିକଟରେ ସେମାନଙ୍କ ୮୪ତମ ବିବାହ ବାର୍ଷିକୀ ପାଳନ କରିଛନ୍ତି । ଖୁବ୍ କମ୍ ବୟସରେ ଦୁହେଁ ବିବାହ କରିଥିବାରୁ ସେମାନଙ୍କୁସେ ସମୟରେ ବନ୍ଧୁବାନ୍ଧବ କହିଥିଲେ, ଅତି ଶୀଘ୍ର ସେମାନଙ୍କ ବିଚ୍ଛେଦ ହେବ । ହେଲେ ଦୁହିଁଙ୍କ ବୁଝାମଣା ହିଁ ସେମାନଙ୍କ ବୈବାହିକ ଜୀବନକୁ ଦୀର୍ଘ କରିଥିବାର କହିଛନ୍ତି । ମନୋମାଳିନ୍ୟ ହୋଇଛି ସତ, କିନ୍ତୁ ବିଚ୍ଛେଦ ସେସବୁର ସମାଧାନ ନଥିଲା ବୋଲି କହିଛନ୍ତି ରାଲ୍ଫ । ତାଙ୍କର ୩ ପିଲା, ସମସ୍ତେ ଖୁସିରେ ଅଛନ୍ତି । ଚତୁର୍ଥ ପିଢ଼ି ଦେଖିସାରିଲେଣି ଏଇ ବୟସ୍କ ଦମ୍ପତି ପିଲାମାନଙ୍କୁ ସବୁବେଳେ ପରାମର୍ଶ ଦେଇଆସୁଛନ୍ତି, ସୁଖୀ ପରିବାରର ମୁଖ୍ୟ ସୂତ୍ର ହେଲା ବୈବାହିକ ଜୀବନକୁ ସଫଳ କରିବା ।

## ପ୍ରତିଦିନ ଗୋଟିଏ କମଳା ଖାଇବାର ଫାଇଦା ଜାଣନ୍ତୁ

ଶୀତଦିନେ ପ୍ରଚୁର ମାତ୍ରାରେ କମଳା ମିଳିଥାଏ । କମଳାରେ ପ୍ରଚୁର ମାତ୍ରାରେ ଭିଟାମିନ ସି ରହିଥାଏ । ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଶୀତ ଦିନେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇପଡ଼ିବାରୁ ଥଣ୍ଡା, କାଶ ଓ ଜ୍ୱର ଆଦି ହୋଇଥାଏ । ଶୀତଦିନେ ପ୍ରତିଦିନ ଗୋଟିଏ ଲେଖାଏଁ କମଳା ଖାଇଲେ ଏହା ଶରୀରକୁ ରୋଗରୁ ବଞ୍ଚାଇଥାଏ ।

କମଳାରେ ପ୍ରଚୁର ପରିମାଣରେ ଫାଇବର ରହିଥାଏ । କମଳା ଖାଇବା ଦ୍ୱାରା ବାରମ୍ବାର ଭୋକ ହୋଇ ନଥାଏ । ଯାହାଦ୍ୱାରା ଆମେ କମ ଖାଦ୍ୟ ଖାଇଥାଉ । ଫଳରେ ଶରୀରର ଓଜନ ସନ୍ତୁଳନ ରହିବା ସହିତ କ୍ୟାଲୋରି ମାତ୍ରା ବି କମ୍ ରହିଥାଏ । କମଳା ଖାଇବା ଦ୍ୱାରା କିଡନିରେ ଷ୍ଟୋନ ହେବାର ସମ୍ଭାବନା କମ ରହିଥାଏ । ପରିଶ୍ରାରେ ସାଇଟ୍ରେଟ କମ ହେତୁ କିଡନିରେ ଷ୍ଟୋନ ହୋଇଥାଏ । ସାଇଟ୍ରେଟ ଏକ ସାଇଟ୍ରିକ ଏସିଡ ହୋଇଥାଏ, ଯାହା ବିଶେଷ ଭାବେ କମଳା ଭଳି ଖଟା ଫଳରେ ରହିଥାଏ । ଯେଉଁମାନଙ୍କ ପେଟରେ ପଥର ହେବାର ସମ୍ଭାବନା ଥାଏ, ସେମାନଙ୍କୁ ବିଶେଷ ଭାବେ ସକାଳୁ ଗୋଟିଏ ଗ୍ଲାସ କମଳା ରସ ପିଇବାକୁ ଦିଆଯାଇଥାଏ । ଏହା ପରିଶ୍ରାରେ ସାଇଟ୍ରେଟସ୍ତରକୁ ବୃଦ୍ଧି କରିଥାଏ, ଯଦ୍ୱାରା ଷ୍ଟୋନ ହେବାର ସମ୍ଭାବନା କମ ରହିଥାଏ । ସାଧାରଣତଃ ଖଟା ଫଳ ଯେମିତି କି କମଳା ଷ୍ଟୋକ ହେବାର ସମ୍ଭାବନାକୁ କମ କରିଥାଏ । କମଳା କେବଳ ଯେ ଆମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ତାହା ନୁହେଁ, ଏହା ଆମ ତ୍ୱଚା ଓ କେଶ ପାଇଁ ବି ଭଲ କାମ କରିଥାଏ ।



## ଘରେ ପ୍ରସ୍ତୁତ କରନ୍ତୁ ଡାଲ ମିଟ୍

**ଆବଶ୍ୟକ ସାମଗ୍ରୀ:** ମଟନ, ବୁଟଡାଲି, ପିଆଜ, ଅଦା, ରସୁଣ, କଞ୍ଚାଲଙ୍କା, ଧନିଆପତ୍ର, ଲୁଣ, ହଳଦି, ସୋରିଷ ତେଲ, ରିଫାଇନ ତେଲ, ଦହି, ଡାଲଚିନ୍ ପାଉଡର, ଗୋଲମରିଚ, ତେଜପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ମଟନ, ସୋରିଷ ତେଲ, ଅଦାରସୁଣ ପେଷ୍ଟ, ପିଆଜ କଟା, ଲୁଣ, ଦହି ଆଦି ପକାଇ ମ୍ୟାରିନେଟ କରି ରଖନ୍ତୁ । ବୁଟ ଡାଲିକୁ ଭିଜାଇ ଅଧ ଘଣ୍ଟା ରଖି ଦିଅନ୍ତୁ ।

ଏହାପରେ ଗ୍ୟାସ୍‌ରେ ଏକ ପ୍ୟାନ୍ ବସାଇ ସେଥିରେ ରିଫାଇନ ତେଲ ପକାଇ ଗରମ କରନ୍ତୁ । ତେଲ ଗରମ ହେବା ପରେ ସେଥିରେ ପିଆଜ କଟା ପକାନ୍ତୁ । ପିଆଜ ଫ୍ରାଏ ହେବା ପରେ ସେଥିରେ ଅଦା ରସୁଣ



ପେଷ୍ଟ ପକାନ୍ତୁ । ତାହା କଷି ହେବା ପରେ ସେଥିରେ ମଟନ ପକାନ୍ତୁ । ଏହାପରେ ସେଥିରେ ଲୁଣ, ହଳଦି, ଧନିଆ ଗୁଣ୍ଡ, ଜିରା ଗୁଣ୍ଡ, ଗୋଲମରିଚ, ତେଜପତ୍ର ଆଦି ପକାନ୍ତୁ । ଏହାକୁ ଭଲ ଭାବେ ଗୋଳାଇ ସେଥିରେ ବୁଟ ଡାଲି ପକାଇ ଗୋଳାନ୍ତୁ । ଏହାପରେ ସେଥିରେ ପାଣି ପକାନ୍ତୁ । ଏହାପରେ ଏହାକୁ ସିଝିବାକୁ ଛାଡ଼ିଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ‘ଡାଲ୍ ମିଟ୍’ ରେସିପି । ସେଥିରେ ଡାଲଚିନି ପାଉଡର ଓ ଧନିଆପତ୍ର ପକାଇ ଗରମାଗରମ ପ୍ଲେଟକୁ ସର୍ଭ କରନ୍ତୁ । ଭାତ କିମ୍ବା ରୁଟି ସହ ଏହାର ମଜା ଉଠାନ୍ତୁ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
୪
୧୧ ନଭେମ୍ବର ୨୦୨୨, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଯୋଜନା...

ଜଳବାୟୁ ପରିବର୍ତ୍ତନର ଧାରାକୁ ରୋକିବା ପାଇଁ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀ । ସିଓପି କହିଲେ ପକ୍ଷମାନଙ୍କର ଏକ ସମ୍ମିଳନୀକୁ ବୁଝାଇ ଥାଏ, ଯାହା ରାଷ୍ଟ୍ରମାନଙ୍କର ଏକ ଗୋଷ୍ଠୀ, ଯାହାର ସଦସ୍ୟମାନେ ୧୯୯୨ରେ ଜାତିସଂଘର ଜଳବାୟୁ ରାଜିନାମାରେ ସ୍ୱାକ୍ଷର କରିଥିଲେ । ଚଳିତ ମାସ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ସମ୍ମିଳନୀ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏଥିରେ ଏକ ପୁରୁଣା, ଅଥଚ ଅସମାଧିତ ପ୍ରସଙ୍ଗ– ବିକାଶଶୀଳ ରାଷ୍ଟ୍ରମାନଙ୍କୁ ଜଳବାୟୁ ପରିବର୍ତ୍ତନ-ଅଭିମୁଖୀ କାର୍ଯ୍ୟ କରିବା ନିମନ୍ତେ ବିକଶିତ ରାଷ୍ଟ୍ରମାନେ ଅର୍ଥ ଯୋଗାଇବା, ଅର୍ଥାତ୍ ଜଳବାୟୁ କ୍ଷତିପୂରଣ ପ୍ରଦାନ କରିବା ଏହି ବର୍ଷର ପ୍ରମୁଖ ଆଲୋଚନାର ବିଷୟବସ୍ତୁ ରହିଛି ଏବଂ ଏହା ଉପରେ ଏକ ସରଗରମ ଆଲୋଚନା ହେବା ଆଶା କରାଯାଉଛି । ଜଳବାୟୁ କ୍ଷତିପୂରଣ ହେଉଛି ଏକ ଯଥାର୍ଥ, ପରନ୍ତୁ କ୍ୱଚିତ୍ କାର୍ଯ୍ୟରେ ପରିଣତ କରିହେବା ଭଳି ଅବଧାରଣା । ଏହି କ୍ଷତିପୂରଣ ଏକ ନୀତି ଉପରେ ପର୍ଯ୍ୟବସିତ ଯେ ବର୍ତ୍ତମାନ ସମୟର ବିକଶିତ ରାଷ୍ଟ୍ରମାନେ, ଯେଉଁମାନେ କି ପୁନଃପୌନିକ ଭାବରେ ସର୍ବାଧିକ ପ୍ରଦୂଷଣ ସୃଷ୍ଟିକାରୀ, ସେମାନେ ପାଣିପାଗଜନିତ ଅତ୍ୟଧିକ ଘଟଣାଗୁଡ଼ିକ ଯୋଗୁଁ କ୍ଷତିଗ୍ରସ୍ତ ହେଉଥିବା ରାଷ୍ଟ୍ରମାନଙ୍କର କ୍ଷତିକୁ ଭରଣା କରିବା ନିମନ୍ତେ ଅର୍ଥ ପ୍ରଦାନ କରିବେ । ଉଦାହରଣ ସ୍ୱରୂପ, ଚଳିତ ବର୍ଷର ପାକିସ୍ତାନ ବନ୍ୟା ବିଭୀଷିକା, ଯାହା ଏହି ରାଷ୍ଟ୍ରର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି । ଧନୀକ ରାଷ୍ଟ୍ରମାନଙ୍କ ମଧ୍ୟରୁ ଅଧିକାଂଶ ମଧ୍ୟ ଏହି ଦାବି ଯଥାର୍ଥ ବୋଲି ସହମତି ପ୍ରକାଶ କରୁଛନ୍ତି । ତେବେ ଏଥିପାଇଁ ଅତ୍ୟାବଶ୍ୟକ ନୀତି ଉପରେ ଆଲୋଚନା ପ୍ରସଙ୍ଗଟି ଉଠିବା ପରଠାରୁ ଯେମିତି ଥିଲା, ଆଜି ପର୍ଯ୍ୟନ୍ତ ସେମିତି ରହିଛି : ଅର୍ଥନୀତିକ ବିକାଶ ପ୍ରତି ବ୍ୟାଘାତ ନ ପହଞ୍ଚାଇ ବିଶ୍ୱ ତାପନର ପରିଣତିକୁ ଏଡ଼ାଇ ଯିବା ପାଇଁ ସବୁ ଦେଶଙ୍କ ଅବଦାନ ରହିବ ବୋଲି କେମିତି ସୁନିଶ୍ଚିତ କରାଯାଇ ପାରିବ ! ଅନେକଗୁଡ଼ିଏ ରାଷ୍ଟ୍ର, ବିଶେଷକରି ଦ୍ୱୀପପୁଞ୍ଜ ରାଷ୍ଟ୍ରମାନେ ରହିଛନ୍ତି, ଯେଉଁମାନଙ୍କର ବିଶ୍ୱ ତାପନ ପଛରେ କୌଣସି ଭୂମିକା ନଥିଲେ ସୁଦ୍ଧା ଏଥି ଯୋଗୁଁ ସେମାନେ ପ୍ରଭୁତ କ୍ଷତି ସହୁଛନ୍ତି । ବିଶ୍ୱ ତାପନ ପାଇଁ ଦାୟୀ ସର୍ବାଧିକ ଏକକ ଅବଦାନକାରୀ ଅଙ୍ଗାରକାମ୍ଳ ହୋଇଥିବା ବେଳେ ମାନବୀୟ କାର୍ଯ୍ୟକଳାପଗୁଡ଼ିକ ଯୋଗୁଁ ଏହା ନିର୍ଗମିତ ହୋଇ । ବାୟୁମଣ୍ଡଳରେ ପ୍ରାୟ ୩୦୦ରୁ ୧୦୦୦ ବର୍ଷ ହେବ ରହି ଆସୁଛି । ବର୍ତ୍ତମାନ ସୁଦ୍ଧା ଆମେରିକା ଏବଂ ୟୁରୋପ ଅଙ୍ଗାରକାମ୍ଳ ନିର୍ଗମନ କ୍ଷେତ୍ରରେ ପ୍ରାୟ ୫୮ ପ୍ରତିଶତ ଅବଦାନ ରଖୁଛନ୍ତି । ସିଓପି ରାଜିନାମାଗୁଡ଼ିକ ସଦସ୍ୟ ରାଷ୍ଟ୍ରମାନଙ୍କ ପାଇଁ ବାଧ୍ୟବାଧକତାମୂଳକ ନୁହେଁ । ଯେହେତୁ ଏହାକୁ ପାଳନ କରିବା ବା ନକରିବା ସମ୍ପୃକ୍ତ ରାଷ୍ଟ୍ରମାନଙ୍କ ଉପରେ ନିର୍ଭର କରିଥାଏ, ତେଣୁ କେତେକ ବିକଶିତ ରାଷ୍ଟ୍ର ସ୍ୱାକ୍ଷର କରି ସୁଦ୍ଧା ଏଥିରୁ ଓହରି ଯାଇ ପାରନ୍ତି, ଯେମିତି ଆମେରିକା କରିଥିଲା ଏବଂ ପରେ ପୁଣିଥରେ ଏହି ମଞ୍ଚରେ ଯୋଗ ଦେଇଛି । ଅତଏବ, ମୋଟାମୋଟି ଏହି ମଞ୍ଚ କେବଳ ଏକ ଲୋକଦେଖାଣିଆ କୁମ୍ଭୀର କାନ୍ଦଣା କାନ୍ଦିବା ଭଳି ମଞ୍ଚ ଭାବରେ ଏଯାବତ୍ ନିଜକୁ ସାବ୍ୟସ୍ତ କରି ଆସିଛି । ତେବେ ସିଓପି ଏକ ପ୍ରଭାବଶାଳୀ ଆକର୍ଷକର ଭୂମିକା ନିର୍ବାହ କରି ଆସୁଛି । ମାତ୍ର ଏକ ଦଶନ୍ଧି ପୂର୍ବେ ବିଶ୍ୱ ତାପନ ଏବଂ ଜଳବାୟୁ ପରିବର୍ତ୍ତନ ମଧ୍ୟରେ ସଂଯୋଗ ରହିଛି ବୋଲି କହିଲେ ଏକ ଉଲ୍ଲେଖନୀୟ ସଂଖ୍ୟକ ଦେଶ ଏହାର ସମାଲୋଚନା କରୁଥିଲେ, କିନ୍ତୁ ବର୍ତ୍ତମାନ ଆଉ କେହି ସେପରି କରୁ ନାହାନ୍ତି, କାରଣ କେହି ହେଲେ ମୌଳିକ ବିଜ୍ଞାନକୁ ଆହ୍ୱାନ ଦେବାର ସାହସ କରୁ ନାହାନ୍ତି । ସମ୍ପ୍ରତି ସମଗ୍ର ବିଶ୍ୱ ଏକ ଜୀବାଶ୍ମ-ଜାଳେଣି ମୁକ୍ତ ବିଶ୍ୱ ଆଡ଼କୁ ଅଗ୍ରସର ହେଉଛି । ପରନ୍ତୁ, ଏଥିପାଇଁ ଆବଶ୍ୟକ ଉନ୍ନତ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ପ୍ରଭୁତ ପରିମାଣର ଅର୍ଥ ବିନିଯୋଗ କରାଯିବା ଆବଶ୍ୟକ କରେ । ବିକାଶଶୀଳ ରାଷ୍ଟ୍ରମାନେ ବିନା ଆର୍ଥିକ ସହାୟତାରେ ସେମାନଙ୍କର ଅର୍ଥନୀତିକୁ କ୍ଷତି-ପ୍ରତିରୋଧକ କରି ଏହା ହାସଲ କରିବା ସହଜ ନୁହେଁ । ତେଣୁ ଏସବୁ ଭିତରେ ମୂଳ କଥା ହେଉଛି, କ୍ଷତି ଭରଣା କରିବା, ଯେଉଁଥିପାଇଁ ଧନୀ ଦେଶମାନେ ଦାୟୀ ଏବଂ ଏହା ପରେ ପ୍ରଶ୍ନ ଉଠେ- କ୍ଷତିପୂରଣ ପାଣ୍ଠି ପ୍ରତିଷ୍ଠା କରିବା ପ୍ରସଙ୍ଗ ବାସ୍ତବବାଦୀ କି ନୁହେଁ । ୨୦୨୦ ସୁଦ୍ଧା ବିକାଶଶୀଳ ରାଷ୍ଟ୍ରମାନଙ୍କୁ ଜଳବାୟୁ ପରିବର୍ତ୍ତନଜନିତ ଘଟଣାଗୁଡ଼ିକର ପରିସମାପ୍ତି ଦିଗରେ ପ୍ରୋତ୍ସାହନ ଯୋଗାଇବା ପାଇଁ ପ୍ରତି ବର୍ଷ କ୍ଷତିପୂରଣ ପାଣ୍ଠିକୁ ୧୦୦ ବିଲିଅନ୍ ଡଲାର ମିଳିତ ଭାବରେ ଯୋଗାଇବେ ବୋଲି ୨୦୧୦ରେ ବିକଶିତ ଦେଶମାନେ ରାଜି ହୋଇଥିଲେ । ୟୁଏନ୍‌ଏସିସିସିର ଅଟକଳ ଅନୁସାରେ ସେମାନେ ୨୦୨୦ ସୁଦ୍ଧା ସମସ୍ତ ପ୍ରକାରର ଜଳବାୟୁ ଆର୍ଥିକ ସହାୟତା ପଥ ଦେଇ ମାତ୍ର ୮୩.୩ ବିଲିଅନ୍ ଡଲାର ସଂଗ୍ରହ କରିବାକୁ ସମର୍ଥ ହୋଇଥିଲେ । ପୁଣି ଏଥିରୁ ମାତ୍ର ୫୮ ପ୍ରତିଶତ ଜଳବାୟୁ ପ୍ରଭାବକୁ କ୍ଷୁର୍ଣ୍ଣ କରିବା ପାଇଁ ସହାୟତା । ଯୋଗାଇବା ଉଦ୍ଦେଶ୍ୟରେ ଥିଲା । ଏବେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁଁ ସବୁ ଧନୀ ରାଷ୍ଟ୍ର ଶକ୍ତି କ୍ଷେତ୍ରରେ ଏକ ପରିବର୍ତ୍ତନମୂଳକ ଅବସ୍ଥା ଦେଇ ଗତି କରୁଥିବା ବେଳେ ଆର୍ଥିକ ସଂକଟର ସମ୍ମୁଖୀନ ହୋଇଛନ୍ତି । ତେଣୁ ଏଭଳି ଅବସ୍ଥାରେ ଜଳବାୟୁ କ୍ଷତିପୂରଣ ପାଇଁ ସେମାନେ ଆର୍ଥିକ ଅବଦାନ ରଖିବାର ସମ୍ଭାବନା କ୍ଷୀଣ । କିନ୍ତୁ, ଏପଟେ ଜଳବାୟଜନିତ ଯାତନାର ରକ୍ଷା ପାଇବାର ଜରୁରୀ ଆବଶ୍ୟକତା ରହିଛି ।

# ଭୋଟରମାନେ କ'ଣ ଗଣତନ୍ତ୍ରର ସର୍ବଶକ୍ତିମାନ ?



**ଗୋପାଳ ମହାପାତ୍ର**

ଭୋଟର ହିସାବରେ ଆମର କିଛି ମୂଲ୍ୟ ଅଛି ନା ନାହିଁ ? ଏହି ବାକ୍ୟଟି ଏବେ ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଛି । ସଂଯୋଗକ୍ରମେ ଏଭଳି ପ୍ରଶ୍ନ କରିଛନ୍ତି ବଲିଉଡ୍ କଳାକାର ନାନା ପାଟେକର । ନାନା ପାଟେକରଙ୍କର ସଂଳାପ କହିବାର ଶୈଳୀ ଦର୍ଶକଙ୍କ ପସନ୍ଦ ହୋଇଥାଏ । କିନ୍ତୁ ମହାରାଷ୍ଟ୍ରର ମୁମ୍ବାଇଠାରେ ଏକ ଜାତୀୟ (ହିନ୍ଦୀ) ଖବରକାଗଜ ପକ୍ଷରୁ 'ମହାରାଷ୍ଟ୍ରିଆନ୍ ଅଫ୍ ଦି ଇୟର' ପୁରସ୍କାର ବିତରଣ ସଭାରେ ନାନାଙ୍କ ଏଭଳି ପ୍ରଶ୍ନ ଏବେ ଚର୍ଚ୍ଚାର ବିଷୟ । ନିକଟରେ ମୁମ୍ବାଇଠାରେ ଅନୁଷ୍ଠିତ ସଭାରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଧେ ଓ ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ୍ ମଧ୍ୟ ଉପସ୍ଥିତ ଥିଲେ । ସିନ୍ଧେ ଓ ଫଡ଼ନାବିସ୍‌ଙ୍କ ଉପସ୍ଥିତିରେ ନାନା ତାଙ୍କ ଭାଷଣ ଅବସରରେ ପ୍ରଶ୍ନ କରିଲେ ଯେ "ଭୋଟର ହିସାବରେ ଆମର କିଛି ମୂଲ୍ୟ ଅଛି ନା ନାହିଁ ? ଆମେ ଭୋଟ ଦେବା ପରେ ଯଦି ଜନପ୍ରତିନିଧି କିଛି ନ କରନ୍ତି ତେବେ ଆମେ କ'ଣ କରିବା ? ପାଞ୍ଚବର୍ଷ ପରେ ପୁଣି ଭୋଟ୍ ବେଳେ ଆମେ ଯାହା କରିବା କଥା ତ କରିବା, ହେଲେ ୫ ବର୍ଷ ଭିତରେ କ'ଣ କରିପାରିବା ?

ନାନା ପାଟେକରଙ୍କର ଏହି ପ୍ରଶ୍ନ ଏ ଦେଶର ଭୋଟର ମାନଙ୍କର ପ୍ରଶ୍ନ ନିଶ୍ଚୟ । ଆମେ ସମସ୍ତେ ଜାଣିଛେ ଓ ପାଠ୍ୟ ପୁସ୍ତକରେ ପଢାଯାଇଛି ଯେ ଗଣତନ୍ତ୍ରରେ ଭୋଟର ହେଉଛନ୍ତି ସର୍ବଶକ୍ତିମାନ । ଗୋଟିଏ ଭୋଟରଙ୍କ ଭୋଟ ମଧ୍ୟ ଜଣେ ପ୍ରାର୍ଥୀଙ୍କୁ ବି ଜିତାଇ ଦେଇପାରେ । ଭୋଟରଙ୍କ ପ୍ରତିନିଧି ଦେଶର ସର୍ବୋଚ୍ଚ ସଂସ୍ଥା ସଂସଦଠାରୁ ଆରମ୍ଭ କରି ବିଧାନସଭା ଓ ପଞ୍ଚାୟତ ସ୍ତରରେ ବସନ୍ତି, ନୀତି ନିର୍ଦ୍ଧାରଣ କରନ୍ତି, ଦେଶ ଚଳାନ୍ତି । ଏଇଥିପାଇଁ ଭୋଟରଙ୍କୁ ସର୍ବଶକ୍ତିମାନ ବୋଲି କୁହାଯାଏ । କିନ୍ତୁ ଏବେ ଅବସ୍ଥା କ'ଣ, ଏକଥା କାହାରିକୁ ଅଛପା ନାହିଁ । ଭାରତୀୟ ଗଣତନ୍ତ୍ରର ପରିକଳ୍ପନା କରିଥିବା ଆମର ମହାମନୀଷିମାନେ କେବେ ସ୍ୱପ୍ନରେ ସୁଦ୍ଧା ଭାବିନଥିଲେ ଯେ ଦିନ ଆସିବ ଯେତେବେଳେ ଭୋଟର କେବଳ କାଗଜରେ ସର୍ବଶକ୍ତିମାନ ହୋଇ ରହିଯିବ କିନ୍ତୁ ସବୁ ଶକ୍ତି ନେତାମାନଙ୍କ ହାତରେ ରହିବ । ଭୋଟରଙ୍କ ଅବସ୍ଥା ଖରାପରୁ ଅଧିକ ଖରାପ ହେବ ଏବଂ ନେତା ସମୃଦ୍ଧ ହେବାରେ ଲାଗିବେ । ସାଧାରଣ ଲୋକଙ୍କ ମନରେ ଅନେକ ସମୟରେ ପ୍ରଶ୍ନ ଉଠେ ଯେ ନେତା ଏମିତି କ'ଣ କରୁଛନ୍ତି ଯେ ନିର୍ବାଚିତ ହେବାର କିଛିଦିନ ପରେ ତାଙ୍କ ଭାଗ୍ୟ ଚମକି ଉଠୁଛି? ଏକଥା ସତ୍ୟ ଯେ ସବୁ ନିର୍ବାଚିତ ପ୍ରତିନିଧି ବା ନେତା ଭ୍ରଷ୍ଟ ନୁହଁନ୍ତି । କିନ୍ତୁ ସାଧାରଣ ଲୋକଙ୍କ ମନରେ ଉଠୁଥିବା ପ୍ରଶ୍ନ ମଧ୍ୟ ଅମୂଳକ ନୁହେଁ ।

କଥା କେବଳ ଭ୍ରଷ୍ଟାଚାରର ନୁହେଁ । ଏବେ ରାଜନୀତିରେ ଅପରାଧିକ ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି । ୧୯୯୩ ମସିହାରେ ଭୋରା କମିଟି ଦେଇଥିବା ରିପୋର୍ଟ ଏବଂ ୨୦୦୨ରେ ସଂବିଧାନର କାର୍ଯ୍ୟ ସମୀକ୍ଷା ପାଇଁ ଗଠିତ ରାଷ୍ଟ୍ରୀୟ ଆୟୋଗ ସ୍ପଷ୍ଟ ଭାବରେ କହିଛନ୍ତି ଯେ ରାଜନୀତିରେ ଅପରାଧିକ ସଂଖ୍ୟା ବଢିବାରେ ଲାଗିଛି । ନ୍ୟାସନାଲ୍ ଇଲେକସନ୍ ୱାଚ୍ ଆସୋସିଏସନ୍ ଫର ଡେମୋକ୍ରେଟିକ୍ ରିଫର୍ମସର ରିପୋର୍ଟ କହୁଛି ଯେ ୨୦୦୯ରେ ଗୁରୁତର ଅପରାଧିକ ମାମଲା ଥିବା ୭୬ଜଣ ସଂସଦକୁ ନିର୍ବାଚିତ ହୋଇଥିବା ବେଳେ ୨୦୧୯ରେ ଏଭଳି ୧୫୯ଜଣ ସଂସଦକୁ ନିର୍ବାଚିତ ହୋଇଛନ୍ତି । ରାଜନୈତିକ ଦଳମାନେ ଏଭଳି ଲୋକଙ୍କୁ ନିର୍ବାଚନରେ ପ୍ରାର୍ଥୀ କରାଇଛନ୍ତି । ଭୋଟରଙ୍କ ଦାୟିତ୍ୱ ହେଉଛି ଯୋଗ୍ୟ ଲୋକଙ୍କୁ ଭୋଟ ଦେବା କିନ୍ତୁ ଅପରାଧିଙ୍କୁ ଭୋଟ ଦେଇ ନିର୍ବାଚିତ କରାଉଛନ୍ତି । ଏହାର ପ୍ରଚ୍ଛଦପଟର କାରଣ ମଧ୍ୟ ଅନେକ । ନିର୍ବାଚନୀ ପ୍ରଲୋଭନକୁ ଭୋଟରମାନେ ଯେପର୍ଯ୍ୟନ୍ତ ଅଗ୍ରାହ୍ୟ କରିପାରିବେ ନାହିଁ ସେ ପର୍ଯ୍ୟନ୍ତ ସ୍ଥିତିରେ ପରିବର୍ତ୍ତନ ହେବନାହିଁ ।

ନିର୍ବାଚନ ବେଳେ ନେତା ହାତ ଯୋଡ଼ି ଭୋଟ ମାଗନ୍ତି, କିନ୍ତୁ ଜିତିଗଲା ପରେ ଶକ୍ତିମାନ ପାଲଟିଯାଇଥାନ୍ତି । ଅନେକ ନେତା ଏପରି ଅଛନ୍ତି ଯେଉଁମାନେ ନିର୍ବାଚନ ଜିତିଲା ପରେ ମଧ୍ୟ ବଡ଼ିମା ନଦେଖାଇ ଲୋକଙ୍କ ସହ ରହିଥାନ୍ତି । ଅନେକ ସମୟରେ ଦେଖାଯାଇଥାଏ ଯେ ଯେଉଁ ଅଞ୍ଚଳରେ ଲୋକେ ଭୋଟ ଦେଇନଥାନ୍ତି ସେ ଅଞ୍ଚଳର ଲୋକଙ୍କ ପ୍ରତି ଇର୍ଷାପରାୟଣ ହୋଇଯାଇଥାନ୍ତି ନେତା । ପ୍ରତିଶୋଧର ରାଜନୀତି ମଧ୍ୟ ଆରମ୍ଭ ହୋଇଯାଇଥାଏ । ଏକ ନିଚ୍ଛକ ସତ୍ୟ ହେଉଛି ଭୋଟରଙ୍କ ଭୂମିକା କେବଳ ପ୍ରତିନିଧି ବା ନେତାଙ୍କୁ ନିର୍ବାଚିତ କରିବା ମଧ୍ୟରେ ସୀମିତ । ନିର୍ବାଚିତ ପ୍ରତିନିଧିମାନେ କ'ଣ କରିବେ ସେ ବାବଦରେ ମଧ୍ୟ ଭୋଟରଙ୍କର କିଛି କହିବାର ଅଧିକାର ନାହିଁ । ନେତା ଗୋଟିଏ ଦଳର ଟିକେଟରେ ଜିଣି ଦଳବଦଳ କଲେ ମଧ୍ୟ କାହାରି କିଛି କରିବାର ନାହିଁ । ଦଳ ବଦଳ ପାଇଁ ଆଇନ୍ ଅଛି ହେଲେ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ ।

ନାନା ପାଟେକରଙ୍କ ପ୍ରଶ୍ନର ଉତ୍ତର ଦେଇ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ୍ କହିଥିଲେ ଯେ ଭୋଟରଙ୍କ ମୂଲ୍ୟ ହିଁ ନେତାଙ୍କ ମୂଲ୍ୟ । କିନ୍ତୁ ପ୍ରକୃତ ପକ୍ଷେ ଏକଥା ଠିକ୍ ବୋଲି କୁହାଯାଇପାରିବ ନାହିଁ । ତେବେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଭୋଟର କ'ଣ କରିବେ ? ଭୋଟରଙ୍କର କ'ଣ ନିର୍ବାଚିତ ପ୍ରତିନିଧିଙ୍କୁ ପ୍ରତ୍ୟାହାର କରିବାର କ୍ଷମତା ନାହିଁ ? ଗ୍ରୀସ୍‌ର ଏଥେନିୟନ୍ ଡେମୋକ୍ରେସିରେ ଏହି ଆଇନ ଥିଲା । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଲସ୍‌ଆଞ୍ଜେଲସ୍, ମିଶିଗନ୍ ଏବଂ ଆରେଗନ୍ ମୁନିସିପାଲଟିରେ ଏହି ଆଇନ୍ କାର୍ଯ୍ୟକାରୀ କରାଯାଇଥିଲା । ୧୯୯୫ରେ ବ୍ରିଟିଶ୍ କଲମ୍ବିଆ ଆସେମ୍ବ୍ଲି ରାଇଟ୍ ଟୁ ରିକଲ ଆଇନ୍ ଲାଗୁ କରିଥିଲା । ୧୯୭୪ରେ ଲୋକନାୟକ ଜୟପ୍ରକାଶ ନାରାୟଣ ଏବଂ ୨୦୦୮ରେ ଲୋକସଭାର ତତ୍କାଳୀନ ବାଚସ୍ପତି ସୋମନାଥ ଚାଟାର୍ଜୀ ରାଇଟ୍ ଟୁ ରିକଲକୁ ସମର୍ଥନ କରିଥିଲେ କିନ୍ତୁ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ବର୍ତ୍ତମାନର ରାଜନୈତିକ ପରିଦୃଶ୍ୟକୁ ଦେଖି ନାନାଙ୍କ ପ୍ରଶ୍ନର ଉତ୍ତର ଖୋଜିବାକୁ ପଡ଼ିବ ନ ହେଲେ ଗଣତନ୍ତ୍ର ଦୁର୍ବଳରୁ ଦୁର୍ବଳତର ହେବ ନିଶ୍ଚୟ ।

♥ ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ଓଡ଼ିଶା ମାଣ୍ଡିଆ ଚାଖିବ ସାରା ଇଣ୍ଡିଆ



**ଡ଼ି ଶୁଭମ୍**

ଏବେ ଓଡ଼ିଶା ମାଣ୍ଡଆ, ଚାଖିବ ସାରା ଇଣ୍ଡିଆ । ଏ ସ୍ଲୋଗାନ ଖାଲି ମୁଁ କହୁନି । ରାଜ୍ୟ ସାରା ସବୁଠି ଏବେ ସମସ୍ୱରରେ ସମସ୍ତେ ଏହାକୁ ଦୋହାରୁଛନ୍ତି । ଏବେ ସବୁଆଡ଼େ ମାଣ୍ଡିଆର ପ୍ରଶଂସା । ଆଖି ବୁଲେଇଲେ ମାଣ୍ଡିଆ ଫିଭର । ସତେଯେମିତି ରାଜ୍ୟ ସାରା ମାଣ୍ଡିଆର ଚମକ ଜଳଜଳ କରି ଦେଖାଯାଉଛି । ଯୁଆଡ଼େ ଆଖି ବୁଲେଇ ଆଣିଲେ ମାଣ୍ଡିଆ ବିଷୟରେ ଆଲୋଚନା । ଏଣିକି ଚା ଖଟିରେ ବି ମାଣ୍ଡିଆର ଖାଦ୍ୟ ମିଳିଲାଣି । ଦିନେ ସମୟ ଥିଲା ଗରିବ ଚାଷୀଟିଏ ମାଣ୍ଡିଆ ଜାଉ ଖାଇଦେଇ କ୍ଷେତକୁ ସୁନାର ଫସଲ ଅମଳ କରିବାକୁ ଧାଇଁଯାଉଥିଲା । ଆଜି ସମୟ ଆସି ଏପରି ସ୍ଥଳରେ ଉପନୀତ ସମାଜର ସବୁବର୍ଗର ଲୋକ ମାନେ ମାଣ୍ଡିଆକୁ ଖୋଜୁଛନ୍ତି । ରାଜଧାନୀର ଜାକଜମକ ପ୍ରଦର୍ଶନୀ ହେଉ ହେଉ ଅବା ଗାଁର କେଉଁ ମେଳା ସୁବଠି ଏବେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ପରସାଯାଉଛି । ଆଉ ଏ ଚଷା ଭାଇର ମାଟି, ଚାଷୀକୁଳର ମାଟି ଆମ ରାଜ୍ୟ ଓଡ଼ିଶା ବି ଏବେ ମାଣ୍ଡିଆ ଉତ୍ପାଦନରେ ବେଶ ଆଗରେ ଅଛି । ସୁଦୂର ସୁନ୍ଦରଗଡ଼ଠୁ ଆରମ୍ଭ କରି ସାମାନ୍ତ ମୟୂରଭଂଜ ଯାଏଁ ସବୁଠି ଏବେ ମାଣ୍ଡିଆର ମହକରେ ମହକିତ ହେଉଛି । ରାଜ୍ୟ ସରକାରଙ୍କ ତରଫରୁ ଓଡ଼ିଶା ମିଲେଟ ମିଶନ ଯୋଗୁଁ ଏବେ ଅନେକ କର୍ମସଂସ୍ଥାନ ସ୍ଥାପନ ହେବା ସହ ମାଣ୍ଡିଆ ଉତ୍ପାଦନରେ ଓଡ଼ିଶା ବି ବେଶ ନାଁ କମେଇଛି । ପ୍ରାଥମିକତାକୁ ଲକ୍ଷ୍ୟ କଲେ କୃଷିକୁ ବାଦ ଦେଇ ଜନଜୀବନର ଅନୁଭବ କରିବା ଏକ ଅନିଶ୍ଚିତ କଥା । ସବୁରି ଭିତରେ ବି ଚାଷ କେବେ ବନ୍ଦ ହୁଏନି ଆଉ ଚାଷୀ କେବେ ବସେନି । ଶୁଷ୍କ ମାଟିର ସୁନା ଭାବରେ ମାଣ୍ଡିଆ ବେଶ ପରିଚିତ । ଦକ୍ଷିଣ ଓଡ଼ିଶାରେ ପ୍ରାୟ ସବୁ ଋତୁମାନଙ୍କରେ ଏହାକୁ ଚାଷ କରାଯାଉଥିବା ବେଳେ ମାଣ୍ଡିଆ ଏବେ ବିଭିନ୍ନ ପ୍ରଦର୍ଶନୀ ମେଳାରେ ଦର୍ଶକ ମାନଙ୍କ ମନରେ ଏକ ବିଶେଷ ସ୍ଥାନ ସୃଷ୍ଟି କରିଛି । ସେ ମାଣ୍ଡିଆ ସୁପ୍ ହେଉ କି କେକ୍ ଅବା ମାଣ୍ଡିଆ ପିଠା ଏସବୁଥିରେ ଓଡ଼ିଆ ମାଟି, ପାଣି ଆଉ ପବନର ବାସ୍ନା ବେଶ ସହଜରେ ବାରି ହୋଇପଡ଼େ । ସେଇଥି ପାଇଁ ତ ମାଣ୍ଡିଆ ପାଖରେ ଭିଡ଼ର ଆସର ଜମେ ।

ଚଳିତ ବର୍ଷ ନଭେମ୍ବର ୧୦ ମାର୍ଗଶିର ମାସର ପ୍ରଥମ ଗୁରୁବାର । ଆଉ ଏହି ଦିନ ଠାରୁ ପ୍ରଥମ ଥର ପାଇଁ ମାଣ୍ଡିଆ ଦିବସ ଭାବରେ ପାଳନ କରାଯାଉଛି । ରାଜ୍ୟ ସରକାର ମାଣ୍ଡିଆ ଚାଷ ଓ ଚାଷୀଙ୍କୁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦେବାଠାରୁ ଆରମ୍ଭ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ଦିଗରେ ସାହାଯ୍ୟ କରୁଛନ୍ତି । ଆଉ ଏଥରର ଅଫିସିଆଲ ମାସ୍କଟ ହେଉଛି ମିଲି । ସେହି ପାଇଁ କୁହାଯାଉଛି ବହୁଗୁଣ ସମ୍ପନ୍ନା ମାଣ୍ଡିଆ ଆଉ ସର୍ବଗୁଣ ସମ୍ପନ୍ନା ମିଲି । ଏମିତିକୁ ସରକାରୀ ଅଫିସ ମାନଙ୍କରେ ମାଣ୍ଡିଆରୁ ପ୍ରସ୍ତୁତ ସ୍ନାକ୍ସ ଦେବା ପାଇଁ ବର୍ତ୍ତମାନ ବିଭିନ୍ନ ପଦକ୍ଷେପ ନିଆଯାଉଛି । ମାଣ୍ଡିଆ ପରି ଏକ ଲଘୁଶସ୍ୟ ଏବେ ସାରା ଓଡ଼ିଶାରେ



ବେଶ ପରିଚୟ ବହନ କରୁଛି । ସବୁଠି ଏବେ ମାଣ୍ଡଆକୁ ନେଇ ପର୍ଯ୍ୟାଲୋଚନା ଜୋର ଧରିଛି । ପିଲାମାନଙ୍କର ପୁଷ୍ଟିତତ୍ତ୍ୱ ତଥା ଶରୀରରେ ଆଇରନର ପରିମାଣ ବଢ଼େଇବା ପାଇଁ ମାଣ୍ଡିଆର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା ହାଉ କାହାକୁ ଅଛପା ନାହିଁ ।

ମାଣ୍ଡିଆ ଏକ କ୍ଷୁଦ୍ର ଦାନା ଯୁକ୍ତ, ଗରମ ଦିନିଆ ଫସଲ । ଏହା ମରୁଡ଼ି ସହ୍ୟ କରିପାରେ । ଶୁଷ୍କ ଓ ଅଧିକ ତାପାମାତ୍ରା ଥିବା ଅଂଚଳରେ ଏହା ସହଜରେ ବଢ଼ିପାରେ । ମାଣ୍ଡିଆ ଚାଷ ହୋଇଥିବା ଜମି ଖୁବ ଉର୍ବର ହୋଇଥାଏ । ଏହା ରୋଗ ପୋକ ସହନଶୀଳ ଫସଲ ଅଟେ । ମାଣ୍ଡଆ ଅମଳ ପରେ ଏହାକୁ ଆମେ ସୁପ, ପକୋଡ଼ି, ପିଠା ପରି ବିଭିନ୍ନ ଖାଦ୍ୟ ଭାବେ ଗ୍ରହଣ କରାଯାଇପାରେ । ଏହା ଧାନ ଅପେକ୍ଷା ଖୁବ କମ ପାଣିରେ ବଢ଼ିପାରିଥାଏ । ଏହା ପୁଷ୍ଟିକରଯୁକ୍ତ ଶସ୍ୟ ହୋଇଥିବା ବେଳେ କ୍ୟାଲସିୟମରେ ପରିପୂର୍ଣ୍ଣ ଥାଏ । ଏହା କମ ଉର୍ବର ମାଟିରେ ବି ଭଲ ଭାବରେ ବଢ଼ିପାରିଥାଏ । ମାଣ୍ଡିଆ ଫସଲ ଚାଷ କରିବା ପାଇଁ ପ୍ରଥମତଃ ଜମି ପ୍ରସ୍ତୁତି କରିବା ଆବଶ୍ୟକ । ତଳି ପ୍ରସ୍ତୁତି କରିବା ପାଇଁ ୫୦୦ ସ୍କୋୟାର ମିଟରର ଏକ ସ୍ଥାନ ଚୟନ କରାଯାଇଥାଏ । ସ୍ଥାନକୁ ଏମିତି ଜାଗାରେ ଚୟନ କରିବା ଆବଶ୍ୟକ ଯେଉଁଠାରେ ଆବଶ୍ୟକ ପରିମାଣର ପାଣି ଉପଲବ୍ଧ ହୋଇପାରୁଥିବ । ଏହା ପରେ ୩୭.୫ କିଗ୍ରା ସୁପର ଫସଫେଟକୁ ୫୦୦କିଗ୍ରା କମ୍ପୋଷ୍ଟ ସହ ମିଶାଇ ଏହି ତଳିରେ ବୁଣାଯାଇଥାଏ । ବିହନ ବୁଣିବା ପୂର୍ବରୁ ପ୍ରଥମେ ବିହନ ବିଶୋଧନ କରାଯିବା ନିତ୍ୟାନ୍ତ ଆବଶ୍ୟକ । ଏତଦ୍‌ବ୍ୟତୀତ ଜୈବିକ ଉପାୟରେ ଆଜୋସ୍ପିରିଲମକୁ ହେକ୍ଟର ପିଛା ୬୦୦ଗ୍ରାମ ଦ୍ୱାରା ବିଶୋଧନ କରାଯାଇପାରେ । ଧାଡ଼ିକୁ ଧାଡ଼ି ୨୨.୫ସେମି ଓ ଗଛକୁ ଗଛ ୧୦ସେମି ଦୂରତା ଛାଡ଼ି ଲଗାଇବା ସହ ଏଥି ନିମନ୍ତେ ହେକ୍ଟର ପିଛା ୬୦ କିଗ୍ରା ୟୁରିଆ, ୩୦ କିଗ୍ରା ଫସଫରସ ଓ ୩୦ କିଗ୍ରା ପଟାସକୁ ଜମିରେ ପ୍ରୟୋଗ କରାଯାଏ । ଏହା ତ ଗଲା ମାଣ୍ଡିଆ ଚାଷ କରିବାର କିଂଚିତ ପଦ୍ଧତି ।

ମାଣ୍ଡିଆକୁ ନେଇ ଏବେ ରାଜ୍ୟସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସତରେ ଚାଷୀମାନଙ୍କ ମୁହଁରେ ହସର ସରଳରେଖା ଟାଣିପାରିଛି । ଯେଉଁ ଭୂଇଁ ଦିନେ ଚାଷ ନକରିପାରି ଦୁଃଖରେ ଦି କାଟୁଥିଲେ ଆଜି ସେଠାରେ ମାଣ୍ଡିଆର ସମ୍ଭାର । ଆପଣ କେବେ ଯାଇ ଆଦିବାସୀ ମାନଙ୍କ ଇଲାକାରେ ଦିନଯିଏ କାଟିକି ଆସନ୍ତୁ । ସେମାନଙ୍କ ହାତ ତିଆରି ମାଣ୍ଡିଆ ଜାଉ ଖାଇ ଆସନ୍ତୁ । ସତରେ ସେଠାରେ ଆପଣ ଜାଣିପାରିବେ ମାଣ୍ଡିଆ ସେମାନଙ୍କ ପାଇଁ କ'ଣ ଗୁରୁତ୍ୱ ବହନ କରେ । କୃଷି ବିଜ୍ଞାନର ଛାତ୍ର ହୋଇ ଆମେ ମାଣ୍ଡିଆର ଉପଯୋଗିତାକୁ ଲୋକଙ୍କୁ ବୁଝାଇବା ଆବଶ୍ୟକ । ମାଣ୍ଡିଆର ଗହନ କଥାକୁ ସର୍ବସମ୍ମୁଖରେ ଉପସ୍ଥାପାନ କରିବାର ଅଛି ।

ଆସନ୍ତୁ ମାଣ୍ଡିଆର ବହୁମୁଖୀ ଉପକାରିତାକୁ ଲକ୍ଷ୍ୟ କରନ୍ତୁ । ମାଣ୍ଡିଆକୁ ନିଜ ଭୋଜନରେ ସାମିଲ କରନ୍ତୁ । ନିଜେ ନୀରୋଗ ରୁହନ୍ତୁ ଅନ୍ୟକୁ ନୀରୋଗ ରହିବାକୁ ପ୍ରେରଣା ଦିଅନ୍ତୁ ।

ସତରେ ଆମ ଓଡ଼ିଶାର ମାଣ୍ଡିଆ କଥା, ଜଗତ ଜାଣିବ ମନେ ରଖିଥା ।

ଆପଣ ସମସ୍ତଙ୍କୁ ମାଣ୍ଡିଆ ଦିବସର ଆଗୁଆ ଶୁଭେଚ୍ଛା ଓ ଶୁଭକାମନା ।

♥ କୃଷି ସ୍ନାତକୋତ୍ତର, ମତ୍ତିକା ବିଜ୍ଞାନ, ସୋଆ, ଭୁବନେଶ୍ୱର
ମୋ: ୯୪୩୮୪୬୭୦୭୯



## କବିତା କୋଣାର୍କ

### କଅଁଳ ସକାଳ କାକର ବିନ୍ଦୁରେ
**ଦିବାକର ନାୟକ**

କଅଁଳ ସକାଳ କାକର ବିନ୍ଦୁରେ
ଝଲସଇ ରୂପ ତୁମ
ଥୁରୁଥୁରୁ ଶୀତ କୋମଳ ଛୁଆଁରେ
ପୁଲକିତ ତନୁ ମମ
ହେ ମହାପ୍ରଭୁ !
ସବୁବେଳେ ତୁମ ଲୀଳା ସବୁଠାରେ
ସବୁଠାରୁ ଅନୁପମ

ରଜନୀଗନ୍ଧା ତ ଗାଲିଚା ପାତିଛି
ଭିଜା ଭିଜା ଭୂଇଁ ପରେ
କୋଇଲି ବାଉଛି ମୋହନ ମୁରଲୀ
ମୋ ମନର ଗୋପପୁରେ

ଉପବନେ ଅଳି ଗୁଣୁଗୁଣୁ ଗାଏ
ତୁମରି ସହସ୍ର ନାମ..
ହେ ମହାପ୍ରଭୁ !
ସବୁବେଳେ ତୁମ ଲୀଳା ସବୁଠାରେ
ସବୁଠାରୁ ଅନୁପମ

ମହାପ୍ରଭୁ ତୁମ ଲୀଳା କି ମଧୁର
ମଧୁର ଏ ମହୂରତ
ଏ ସାରା ବିଶ୍ୱର କଲ୍ୟାଣକାରୀ ହେ
ଘେନ ମୋର ପ୍ରଣିପାତ

ଦୂର ରେଳଗାଡ଼ି ଭୁଉଁଭୁଉଁ କଲେ
ଲାଗେ ଶଙ୍ଖ ଧ୍ୱନି ସମ..
ହେ ମହାପ୍ରଭୁ !
ସବୁବେଳେ ତୁମ ଲୀଳା ସବୁଠାରେ
ସବୁଠାରୁ ଅନୁପମ

♥ ଆକାଶବାଣୀ ଗୀତିକାର
ପାଟପୁର, କନିସି-୭୬୧୦୦୮
ଭା-ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬୧୯୯୮୧

### ଗୋଲାପ ଫୁଲ
**ସୁବ୍ରତ ମଲିକ**

ଗୋଲାପ ଫୁଲକୁ ଭଲପାଉ ବୋଲି
ଗୋଲାପ ଫୁଲଟେ ମୁଁ ଯେ ହେବି,
ଯେଉଁ ବାଟେ ବାଟେ ପାଦ ତୁ
ରଖିବୁ
ସେ ବାଟେ ନିଜକୁ ବିଛାଇ ଦେବି,
ଲାଗିବନି ପାଦେ ଧୂଳି,
ଝିଅଙ୍କ ଭିଡ଼ରେ ତୋତେ ମୁଁ ପାଇଛି
ହୃଦୟ ମନ୍ଦିରେ ତୋତେ ବିରାଜିଛି
ପୂଜିବି ଦେବୀଟେ ଭଳି ।
ଦେ' ଥରେ ଅନୁମତି,
ଛାଇ ପରି ସଦା ପାଖେ ପାଖେ ଥିବି
ତୁ ଖରାକୁ ଗଲେ ମୁଁ ବଉଦ ସାଜିବି
ଦେଉଛି ଏ ପ୍ରତିଶ୍ରୁତି ।

♥ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ, ମଙ୍ଗଳପୁର,
ଯାଜପୁର-୭୫୫୦୧୧
ମୋ: ୭୦୦୮୩୧୫୯୧୬

### ମନେପଡେ ତୁମ ଗାଆଁ ନଈ
**ରାହାସ କୁମାର ବେହେରା**

ମନେପଡେ ତୁମ ଗାଆଁ ନଈ
ନଈ ଧାରେ କାଶତଣ୍ଡୀ ଅତଡ଼ା ବାଲିରେ
ଯେବେ ତୁମେ ଏକା ଏକା ରହୁଥିଲ ଚାହିଁ ।

ଯାଉଥିଲି ଯେବେ ପ୍ରତିଦିନ ସେ ଗାଆଁ ଦେଇ
ସକାଳେ ଓ ସଂଯେ ,
ଦୂରେ ରହୁଥିଲି ଦେଖି ତୁମ ଉପସ୍ଥିତି
ଯେବେ ଇଶାରା ଦେଉଥିଲ ହସି ଲାଜେ ଲାଜେ ।

ମନେପଡେ ଅତୀତ ଯେବେ ଆସୁଥିଲ
ସେ ନଈକୁ ନିତି ନିତି ଗାଧୋଇ
ସାଙ୍ଗସାଥି କରୁଥିଲେ ତୁମ ଥଟା ମଜା
ଆମ ପ୍ରେମକୁ ନେଇ ଦେଉଥିଲେ ଅଜସ୍ର ବଧେଇ ।

ଅଛି ସେ ନଈ ସାକ୍ଷୀ ଦିଏ ପୁରୁଣା ଦିନର
ହେଲେ ତୁମେ ନାହଁ ଅଛି ଖାଲି ତୁମ ବିଗତ ଚିନ୍ତନ
ଯାହାସବୁ ଯନ୍ତ୍ରଣା ଅନ୍ୟ ମନସ୍କର ।

ନଈ ସିନା ମିଶିଯାଏ ସାଗରରେ
ପାଉଛି ଅପାର ଆନନ୍ଦ
ହେଲେ ମୋ ପ୍ରେମ ଅସହ୍ୟେ ଝୁରୁଛି ଖାଲି
ଭୋଗୁଛି ବିରହ ବିଷାଦ ।

ଆଜି ସ୍ମୃତି ପଟେ ହସେ ନଈ
କହେ ଗୋଟେ ବିଫଳ ନାୟକ ନାୟିକାର କଥା ,
ହୃଦୟ ସ୍ପନ୍ଦନରେ ପ୍ରତିଧ୍ୱନି ଲେଖେ
ଆମେ ହାରିଗଲେ ପ୍ରେମ କରି ବୋଲି
ଯାହା ଦିଏ ଯନ୍ତ୍ରଣା ଓ ଅକୁହା ସେ ବ୍ୟଥା ।

♥ ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ:୭୫୯୦୧୫
ମୋ :୯୪୩୮୧୧୪୩୬୮

### ସେଇ ଝିଅଟି
**ଜିତୁ ପ୍ରଧାନ**

ଧାର ଧାର ହୋଇ
ବହିଯାଉଛି ରକ୍ତ
ମୁହଁରୁ ଲିଭି ଯାଇଛି ହସ ଖୁସି .....
ଦେହ ଯୌବନରେ ଲାଗିଛି
ଗ୍ରହଣର କଳାଦାଗ
କିଏ ସେ ଝୁଣିଝାଣି
ବିଦାରି ପକାଇଛି ତା ତନୁ ....।।

କଦମ୍ବ ଫୁଲିଆ ଗାଲରେ
ପାଞ୍ଚ ଆଙ୍ଗୁଳିର ଚିହ୍ନ ଏବେବି ସତେଜ
ଦିଶୁଛି
ନିଆଁ ରଡ଼ରେ ସେକିଥିବା ପାଉଁରୁଟି
ପରି.....।।

ଯୋଉ ଆଖି ଦିନେ
ଦେଖିଥାନ୍ତା ମହାକାଶ
ଯୋଉ ହାତ ଦିନେ ଧରି ଥାନ୍ତା
ରାଣୀ ଲକ୍ଷ୍ମୀବାଈଙ୍କ ଖଣ୍ଡା
ଅବୁଝା ଆଖିର ଲୁହକୁ ପୋଛିଥାନ୍ତା
ମାଆ ଟିଏ ହୋଇ
ସେ ଆଜି ନୀରବି ଯାଇଛି
ବାତ୍ୟା ପରେ ନିଶହାୟ ଜୀବନ
ପରି..।।

ହସ ନାହିଁ ଖୁସି ନାହିଁ ତା ଜୀବନେ
ଲୁହ ଖାଲି ବଞ୍ଚିବାର ସ୍ୱର......।।

♥ ନୟାଗଡ଼
ମୋ - ୭୬୮୧୦୪୪୮୬୪


### ସନ୍ତୋଷ
**ଲୋକନାଥ ମହାପାତ୍ର**

ମଣିଷ ଭାଇରେ ମଣିଷ ଭାଇ
ଅଳ୍ପରେ ସନ୍ତୁଷ୍ଟ ହୋଇବୁ ତୁହି
ମନରେ ରହିଲେ ସଦା ସନ୍ତୋଷ
ଭାବ
ସହଜେ ପାରି ହୋଇବୁ ତୁ ଭବ
ସମୁଦ୍ର

କାମନା ଅଟଇ ଦୁଃଖର କାରଣ
ସନ୍ତୋଷ ଠାରୁ ନାହିଁ ଶ୍ରେଷ୍ଠ ଧନ
ଅଧିକ କାମନା ନ ରଖିବୁ
ଅଳ୍ପରେ ସନ୍ତୁଷ୍ଟ ହୋଇବୁ
ସନ୍ତୋଷ ସବୁଠୁ ବଡ଼ ସମ୍ପତ୍ତି
କହିଛନ୍ତି ମହାତ୍ମା ତୁଳସୀ

ସନ୍ତୋଷ ଅଟେ ଜଗତେ ସାର
ସନ୍ତୋଷ ବିନା ସବୁ ଅସାର
ତେଣୁ କେବେ ଲୋଭ ନ କରିବୁ
ସର୍ବଦା ମନେ ସନ୍ତୋଷ ରଖିବୁ
ସକଳ ଚେଷ୍ଟା ପରହିତେ
ସନ୍ତୋଷ ଅବଲମ୍ବ ଚିତ୍ତେ ।

♥ ଗୋଲାପଲ୍ଲୀ ସାହି, ବ୍ରହ୍ମପୁର



# ଦିଶାଙ୍କ ବିକଳ୍ପ ଖୋଜୁଛନ୍ତି ଏକତା

୨୦୧୯ ମସିହାରେ ପ୍ରଯୋଜିକା ଏକତା କପୁର ଘୋଷଣା କରିଥିଲେ ଯେ ତାଙ୍କର 'କେଟିନା' ଶୀର୍ଷକ ଚଳଚ୍ଚିତ୍ର ପାଇଁ ସେ ଦିଶା ପଟାନୀଙ୍କୁ ମୁଖ୍ୟ ଅଭିନେତ୍ରୀ ଭାବେ ମନୋନୀତ କରିଥିଲେ। ଏପରିକି ଦିଶାଙ୍କୁ ନେଇ ଚଳଚ୍ଚିତ୍ରର ସୁଟିଂ ମଧ୍ୟ ଆରମ୍ଭ ହୋଇସାରିଥିଲା। ଏକତାଙ୍କ ପ୍ରଯୋଜନା ସଂସ୍ଥା 'ବାଲାଜୀ ପ୍ରଡକ୍ସ ନ୍ସ' ମହାମାରୀ ଆରମ୍ଭ ହେବା କାରଣରୁ ସୁଟିଂ କାମ ସ୍ଥଗିତ ରଖିବାକୁ ବାଧ୍ୟ ହୋଇଥିଲା। ଏବେ କିନ୍ତୁ ଦିଶାଙ୍କୁ 'କେଟିନା'ରୁ ବହିଷ୍କାର କରିଦିଆଯାଇଛି। ତାଙ୍କର ବୃତ୍ତି ପରିପନ୍ଥୀ ଆଚରଣ ପାଇଁ ତାଙ୍କ ସ୍ଥାନ ନେବା ଲାଗି ଏବେ ଆଉ ଜଣେ ଅଭିନେତ୍ରୀଙ୍କର ଅନ୍ୱେଷଣ କରାଯାଉଛି। ଏକତା କପୁର ଏଥିପାଇଁ ତାରା ସୂତାରିୟା ଓ ଶ୍ରଦ୍ଧା କପୁରଙ୍କୁ ପ୍ରସ୍ତାବ ଦେଇଥିବାର ଶୁଣାଯାଉଛି। ଉଲ୍ଲେଖଯୋଗ୍ୟ ଯେ 'କେଟିନା' ଚଳଚ୍ଚିତ୍ର ଏକତାଙ୍କ ବାସ୍ତବ ଜୀବନ କାହାଣୀ ଉପରେ ପର୍ଯ୍ୟବସିତ। ଏଥିରେ ଜଣେ ଛୋଟ ସହରର ମହିଳା ଏବଂ ତାଙ୍କର ଜ୍ୟୋତିଷଶାସ୍ତ୍ରରେ ଆସ୍ଥାର କାହାଣୀ ପ୍ରତିଫଳିତ ହେବ। ସେଥିପାଇଁ ଏକତା ଆରମ୍ଭରୁ ଏହି ଚଳଚ୍ଚିତ୍ର ସହିତ ଓତପ୍ରୋତ ଭାବେ ଜଡ଼ିତ ରହି ଏହାକୁ ନିଖୁଣ ଭାବେ ନିର୍ମାଣ କରିବାକୁ ଉଦ୍ୟମ କରିଆସୁଛନ୍ତି। ଏଭଳି ସ୍ଥଳେ ଦିଶାଙ୍କ ସହିତ ଏକାଧିକ ପ୍ରସଙ୍ଗରେ ମତଭେଦ ତଥା ଦିଶାଙ୍କର ଖରାପ ବ୍ୟବହାର ଯୋଗୁଁ ଦିଶାଙ୍କ ସହ ପୂର୍ବରୁ ୭-୮ ଦିନ ସୁଟିଂ ସାରିଥିବା ସତ୍ତ୍ୱେ ତାଙ୍କୁ ନେଇ ଚଳଚ୍ଚିତ୍ରକୁ ଆଗକୁ ବଢ଼ାଇବାକୁ ସେ ଚାହିଁ ନ ଥିଲେ। ଏବେ ନୂଆ ଅଭିନେତ୍ରୀ ମନୋନୀତ ହେବା ପରେ ପୁଣି ଥରେ ମୂଳରୁ ସୁଟିଂ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଏହା ପୂର୍ବରୁ ଅନନ୍ୟା ପାଣ୍ଡେ ଓ ନୂସରତ ଭରୁଚାଙ୍କୁ ଦିଶାଙ୍କ ସ୍ଥାନ ନେବାକୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ଉଭୟେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। କିନ୍ତୁ ଉଭୟ ଶ୍ରଦ୍ଧା ଓ ତାରା ଏଥିପାଇଁ ସକାରାତ୍ମକ ସଙ୍କେତ ଦେଇଛନ୍ତି। 'କେଟିନା'ର କାହାଣୀ ରାଜ ଶାଣ୍ଡିଲ୍ୟ ଲେଖିଥିବା ବେଳେ ଆଶୀମା ଛିବ୍ବର ଏହାର ନିର୍ଦ୍ଦେଶନା ଦାୟିତ୍ୱ ନିର୍ବାହ କରୁଛନ୍ତି।

# ନବଜାତ କନ୍ୟାକୁ ନେଇ ହସ୍ପିଟାଲ୍‌ରୁ ଘରକୁ ଫେରିଲେ ରଣବୀର-ଆଲିଆ

ନୂଆ କରି ମାଆ ବନିଥିବା ଆଲିଆ ଭଟ୍ଟ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହୋଇ ସାରିଛନ୍ତି। ରଣବୀର ଓ ଆଲିଆ ସେମାନଙ୍କ କୁନି ପରୀକୁ ନେଇ ଘରେ ପହଞ୍ଚି ସାରିଛନ୍ତି। ସେମାନଙ୍କ କୁନି ଝିଅର ସ୍ୱାଗତମ ପାଇଁ କପୁର ପରିବାରରେ ଜୋରସୋରରେ ସ୍ୱାଗତମ ପ୍ରସ୍ତୁତି କରାଯାଇଥିଲା।

ହସ୍ପିଟାଲ୍‌ରୁ ବାହାରିବା ପରେ ରଣବୀର ଓ ଆଲିଆ କାର ଭିତରେ ଥିବା ସମୟର କିଛି ଫଟୋ ଭାଇରାଲ୍ ହୋଇଛି। କଳା ରଂଗର ରେଞ୍ଜ୍ ରୋଭର କାରରେ ରଣବୀର ଆଲିଆ ସେମାନଙ୍କ ଝିଅକୁ ଘରକୁ ନେଇ ଯାଉଥିବା ବେଳର ଫଟୋ ସୋସିଆଲ୍ ମିଡିଆରେ ଖୁବ୍ ଜୋରରେ ଭାଇରାଲ୍ ହେବାରେ ଲାଗିଛି। ଆଲିଆ ଏକ କଳା ରଂଗର ପୋଷାକ ପିନ୍ଧି ମେକ୍‌ଅପ୍ ବିନା ଗାଡ଼ିରେ ବସିଛନ୍ତି। ମାଆ ବନିବା ଖୁସିରେ ଏକ ଭିନ୍ନ ଔଜଲ୍ୟ ଦେଖିବାକୁ ମିଳିଛି ଆଲିଆଙ୍କ ମୁହଁରେ। ଆପଣ ଜାଣିଥିବେ ଯେ ଗତ ୬ ତାରିଖରେ ଆଲିଆ ତାଙ୍କର ପ୍ରଥମ



ସନ୍ତାନକୁ ଜନ୍ମ ଦେଇଛନ୍ତି।

ଆଲିଆ ମା' ବନିବା ପରେ ତାଙ୍କ ନବଜାତ ବୋଲି ଦର୍ଶାଇ ଅନେକ ନକଲି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଦେଖିବାକୁ ମିଳୁଛି। ହେଲେ ଆଲିଆ ଏପର୍ଯ୍ୟନ୍ତ ନିଜର କୌଣସି ସୋସିଆଲ ମିଡିଆ ଆକାଉଣ୍ଟରେ ଝିଅର ଫଟୋ ସେୟାର କରିନଥିବା ଦେଖାଯାଇଛି। ତେବେ ଅନେକ ଷ୍ଟାର ଦମ୍ପତି ବାପା-ମା' ବନିବା ପରେ ହସ୍ପିଟାଲରୁ ବାହାରି ନବଜାତ ସହ ଗଣମାଧ୍ୟମ ଆଗକୁ ଆସିଥାନ୍ତି। ଏହାର ଅନେକ ଫଟୋ ଏବଂ ଭିଡିଓ ମଧ୍ୟ ଭାଇରାଲ ହୁଏ। ତେବେ ଆଲିଆ ଏବଂ ରଣବୀର ଏଭଳି ନକରିବାକୁ ନିଷ୍ପତ୍ତି ନେଇଛନ୍ତି।

# ଏକସଙ୍ଗେ ନଜରକୁ ଆସିବେ ଜ୍ୟାକି, ମିଥୁନ୍, ସଞ୍ଜୟ, ସନ୍ନି

ଅଶୀ ଦଶକର ମିଳନ ପୁଣି ଥରେ ବଡ ପରଦାରେ ଦେଖିବାକୁ ମିଳିବ। ଚାରିଜଣ ଭେଟେରାନ୍ ଅଭିନେତା ଆକ୍ସନ୍ ଥ୍ରୀଲର ଫିଲ୍ମ 'ବାପ୍'ରେ ଅଭିନୟ କରୁଛନ୍ତି। ସନ୍ନି ଦେଓଲ, ସଞ୍ଜୟ ଦତ୍ତ, ମିଥୁନ ଚକ୍ରବର୍ତ୍ତୀ ଏବଂ ଜ୍ୟାକି ଶ୍ରଫଙ୍କ ଅଭିନୀତ ଏହି ଚଳଚ୍ଚିତ୍ରର ସୁଟିଂ ଆରମ୍ଭ ହୋଇଛି। ଅହମ୍ମଦ ଖାନ ଜୀ ଷ୍ଟୁଡିଓ ସହିତ ମିଳିତ ଭାବେ ଫିଲ୍ମଟି ନିର୍ମାଣ କରୁଛନ୍ତି। ନିର୍ମାତାଙ୍କ ଦ୍ୱାରା ଫିଲ୍ମର ପ୍ରଥମ ଲୁକ୍ ମଧ୍ୟ ରିଲିଜ୍ ହୋଇଛି। ଯାହାକୁ ନେଇ ସୋସିଆଲ ମିଡିଆରେ ତୀବ୍ର ଆଲୋଚନା କରାଯାଉଛି। ସମସ୍ତ ତାରକା ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପ୍ରଶଂସକଙ୍କ ସହ ଫିଲ୍ମର ପ୍ରଥମ ଲୁକ୍ ସେୟାର କରିଛନ୍ତି। ଚଳଚ୍ଚିତ୍ରର ପ୍ରଥମ ଲୁକ୍‌କୁ ସେୟାର କରି ସଞ୍ଜୟ ଦତ୍ତ ଏହାର କ୍ୟାପସନରେ ଲେଖିଥିଲେ, 'ବାପ୍ ଅଫ୍ ଅଲ୍ ଫିଲ୍ମସ୍, ସୁଟ୍ ଧମାଲ, ଦୋସ୍ତି ବେମିସାଲ୍'। ଫିଲ୍ମର ପ୍ରଥମ ପୋଷ୍ଟରରେ ସନ୍ନି ଦେଓଲ, ସଞ୍ଜୟ ଦତ୍ତ, ଜ୍ୟାକି ଶ୍ରଫ ଏବଂ ମିଥୁନ ଚକ୍ରବର୍ତ୍ତୀ କ୍ୟାମେରା ଆଗରେ ଏକ ତୀବ୍ର ରୂପ ଦେଉଥିବାର ଦେଖାଯାଉଛି। ମିଥୁନ ଚକ୍ରବର୍ତ୍ତୀ ଅଧା ହାତ ଥିବା ଏକ ଚମଡ଼ା ଜ୍ୟାକେଟ ଏବଂ ମୁଣ୍ଡରେ ଏକ କ୍ୟାପ୍ ପିନ୍ଧିଛନ୍ତି। ବେକରେ ଏକ ମଫଲର ଗୁଡ଼ାଇ କପାଳରେ ତିଳକ ଲଗାଇଛନ୍ତି। ସନ୍ନି କମଳା ଧଳା କଏଦୀ ପୋଷାକରେ ନଜର ଆସିଛନ୍ତି। କେଶ ଲମ୍ବା ଏବଂ କପାଳରେ ଏକ ଧଳା ପଟି ବାନ୍ଧିଛନ୍ତି। ତାଙ୍କ ସାର୍ଟରେ ଲେଖାଯାଇଛି କଏଦୀ ନମ୍ବର ୨୨। ତୃତୀୟ ଲୁକ୍‌ରେ ସଞ୍ଜୁ ସନ୍ନିଙ୍କ କାନ୍ଧରେ ହାତ ରଖିଛନ୍ତି। ଏକ ବ୍ରାଉନ୍ ଜ୍ୟାକେଟ୍ ଏବଂ କଳା ସାଦା ଟି-ସାର୍ଟ ଏବଂ ଜିନ୍ସରେ ପିନ୍ଧିଛନ୍ତି। ଶେଷ ଲୁକ୍ ହେଉଛି ଜ୍ୟାକି ଶ୍ରଫ୍‌ଙ୍କର। ଜ୍ୟାକି ଖାକି ପ୍ରିଣ୍ଟ୍ ଜ୍ୟାକେଟ୍, ହାଇ ହିଲ୍ ଚମଡା ଜୋତା ସହ ଏକ ଟାପୋରୀ ଲୁକ୍‌ରେ ଅଛନ୍ତି।

# ସାଜିଦଙ୍କୁ ସମର୍ଥନ କରି ଫସିଲେ ରାଖୀ: ଏଫ୍ଆଇଆର୍ ରୁଜୁ

ବଢ଼ିଲା ବଲିଉଡର ଡ୍ରାମା କୁଇନ୍ ରାଖୀ ସାୱନ୍ତଙ୍କ ଅଡୁଆ। 'ମିଠୁ' ଅଭିଯୁକ୍ତ ତଥା ଫିଲ୍ମ ମେକର୍ ସାଜିଦ ଖାନ୍‌ଙ୍କୁ ସମର୍ଥନ କରିବା ତାଙ୍କୁ ଭାରି ପଡିଛି। ମୁମ୍ବାଇର ଏକ ଥାନାରେ ରାଖୀ ଓ ତାଙ୍କ ଓକିଲ ଫାଲଗୁନି ବ୍ରହ୍ମବତଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ ହୋଇଛି। ଉଭୟଙ୍କ ବିରୋଧରେ ଆଇପିସି ଧାରା ୩୫୪-ଏ, ୫୦୦, ୫୦୪, ୫୦୯ ଓ ୬୭-ଏ ଆଧାରରେ ମାମଲା ରୁଜୁ କରାଯାଇଛି।



ଅଭିନେତ୍ରୀ ଶେର୍ଲିନ୍ ଚୋପ୍ରା ରାଖୀଙ୍କ ବିରୋଧରେ ଏହି ମାମଲା ରୁଜୁ କରିଛନ୍ତି। ତାଙ୍କ କହିବା ମୁତାବକ, ରାଖୀ ଯେଉଁଭଳି ମିଠୁ ଅଭିଯୁକ୍ତ ସାଜିଦ ଖାନଙ୍କୁ ସମର୍ଥନ କରିଛନ୍ତି, ତାହା ଭୁଲ୍। ଏହାପୂର୍ବରୁ ଶେର୍ଲିନ୍ ଚୋପ୍ରା ରାଖୀଙ୍କ ବିରୋଧରେ ଯୌନ ଶୋଷଣ ମାମଲା ରୁଜୁ କରିଥିଲେ। ରାଖୀ ଶେର୍ଲିନ୍ ?ଙ୍କ ବିରୋଧରେ ଅନେକ ଖରାପ କମେଣ୍ଟ ଦେଇଥିଲେ, ଯାହାପରେ ଅଭିନେତ୍ରୀ ଏହି ପଦକ୍ଷେପ ନେଇଛନ୍ତି। ମଙ୍ଗଳବାର ମୁମ୍ବାଇର ଆମ୍ବୋଲି ପୁଲିସ ଷ୍ଟେସନରେ ରାଖୀ ଓ ତାଙ୍କ ଓକିଲଙ୍କ ବିରୋଧରେ ଶେର୍ଲିନ୍ ଏଫ୍ଆଇଆର ରୁଜୁ କରିଛନ୍ତି। ସେପଟେ ପୁଲିସ ମୁତାବକ, ବର୍ତ୍ତମାନ ସୁଦ୍ଧା ରାଖୀ ଓ ତାଙ୍କ ଓକିଲଙ୍କୁ ଏହି ମାମଲାରେ ପଚରାଉଚରା କରାଯାଇନାହିଁ।

ସୂଚନାନୁସାରେ, ରାଖୀ ସାୱନ୍ତ ଏବଂ ଶେର୍ଲିନ୍ ଚୋପ୍ରାଙ୍କ ମଧ୍ୟରେ ବିବାଦ ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ 'ଡ୍ରାମା କୁଇନ୍' ମିଠୁ ଅଭିଯୁକ୍ତ ସାଜିଦ୍ ଖାନ୍ ଏବଂ ରାଜ କୁନ୍ଦ୍ରାଙ୍କୁ ସମର୍ଥନ କରିଥିଲେ। ରାଖୀ ଉଭୟଙ୍କୁ ତାଙ୍କ ଭାଇ ବୋଲି କହିଥିଲେ। ଗଣମାଧ୍ୟମ ସାମ୍ନାରେ ରାଖି ଶେର୍ଲିନଙ୍କୁ ଅନେକ ପରିହାସ ମଧ୍ୟ କରିଥିଲେ। କେବଳ ଏତିକି ନୁହେଁ, ରାଖୀ ସାୱନ୍ତ ଶେର୍ଲିନ୍ ଚୋପ୍ରାଙ୍କ ଉପରେ ଅନେକ ବ୍ୟକ୍ତିଗତ ମନ୍ତବ୍ୟ ମଧ୍ୟ ଦେଇଥିଲେ।

ଅନ୍ୟପଟେ କିଛି ଦିନ ପୂର୍ବରୁ ରାଖୀ ସାୱନ୍ତ ମଧ୍ୟ ଶେର୍ଲିନଙ୍କ ବିରୋଧରେ ମାନହାନୀ ମକଦ୍ଦମା ରୁଜୁ କରିଥିଲେ। ଶେର୍ଲିନ ତାଙ୍କ ବିରୋଧରେ ଅନେକ ବ୍ୟକ୍ତିଗତ ମନ୍ତବ୍ୟ ଦେଇଥିବାରୁ ସେ ଏଭଳି ପଦକ୍ଷେପ ନେଇଥିଲେ।

# ଛାଡ଼ପତ୍ର ପରେ ପୁଣି ଏକାଠି ହେବେ ନାଗା-ସମନ୍ଥା

ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ଷ୍ଟାର୍ ଦମ୍ପତି ସମନ୍ଥା ରୁଥ ପ୍ରଭୁ ଓ ନାଗା ଚୈତନ୍ୟ। ଏ ଦୁହିଁଙ୍କ ଛାଡପତ୍ର ହୋଇସାରିଛି। ଛାଡପତ୍ର ପରେ ନାଗା ଓ ସମନ୍ଥା ପୁଣି ଏକାଠି ହେବାକୁ ଯାଉଛନ୍ତି। ତେବେ ପ୍ରକୃତ ଜୀବନରେ ନୁହେଁ, ଅପ୍‌କମିଂ ଫିଲ୍ମରେ ଏଦୁହେଁ ଏକାଠି କାମ କରିବେ। ବଲିଉଡ ଲାଇଫର ରିପୋର୍ଟ ମୁତାବକ, ସମନ୍ଥା ଓ ନାଗା ଗୋଟିଏ ପ୍ରୋଜେକ୍ଟରେ କାମ କରିବା ପାଇଁ ରାଜି ହୋଇଥିବା ଜଣାପଡିଛି। ପ୍ରଫେସନାଲ ରୂପେ ଦୁହେଁ ଗୋଟିଏ ଫିଲ୍ମରେ ନଜର ଆସିବେ। ତେବେ ଉଭୟଙ୍କ ଏହି ନୂଆ ପ୍ରୋଜେକ୍ଟକୁ ନେଇ ସେଭଳି କୌଣସି ସ୍ୱଷ୍ଟ ସୂଚନା ସାମ୍ନାକୁ ଆସିନାହିଁ। ସାଉଥ୍ ଷ୍ଟାର୍ ସମନ୍ଥା କିଛି ଦିନ ପୂର୍ବରୁ 'ମାୟୋସିଟିସ୍' ନାମକ ଏକ ରୋଗର ଲଢୁଥିବା ବିଷୟରେ ସୂଚନା ଦେଇଥିଲେ। ଅଭିନେତ୍ରୀ ବର୍ତ୍ତମାନ ଚିକିତ୍ସିତ ହେଉଛନ୍ତି। ଖୁବ୍ ଶୀଘ୍ର ସମନ୍ଥାଙ୍କୁ ଯଶୋଦା ନାମକ ଏକ ଫିଲ୍ମରେ ଦେଖିବାକୁ ମିଳିବ। ଏବେ ସମନ୍ଥା ଏହି ଫିଲ୍ମର ପ୍ରମୋସନରେ ବ୍ୟସ୍ତ ଅଛନ୍ତି। ଅନ୍ୟପଟେ ଯେତେବେଳେ ସମନ୍ଥାଙ୍କ ରୋଗ ବିଷୟରେ ଜାଣିଲେ ନାଗା ସେତେବେଳେ ସେ ଚିନ୍ତିତ ହୋଇପଡିଥିଲେ। କୁହାଯାଉଛି କି କୁଆଡେ ନାଗା କଲ୍ କରି ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରିଥିଲେ। ଏହି ଖବର ସାମ୍ନାକୁ ଆସିବା ପରେ, ପ୍ରଶଂସକମାନେ ମଧ୍ୟ ଆଶା କରୁଛନ୍ତି କି ଦୁହେଁ ପୁଣି ଥରେ ଏକାଠି ହୋଇ ଯାଆନ୍ତୁ। ଦୀର୍ଘ ଦିନର ଡେଟିଂ ପରେ ୨୦୧୭ରେ ସମନ୍ଥା ଓ ନାଗା ବିବାହ କରିଥିଲେ। ତେବେ ବିବାହର ୪ ବର୍ଷ ପରେ ଅର୍ଥାତ ୨୦୨୧ରେ ଦୁହେଁ ଅଲଗା ହେବା ନେଇ ଘୋଷଣା କରି ସମସ୍ତଙ୍କୁ ଚକିତ କରିଦେଇଥିଲେ।





# ବିଚ୍ଛେଦ ପରେ ପରସ୍ପରଙ୍କୁ ବେଶି ବୁଝିବା ଆରମ୍ଭ କରିଛନ୍ତି ଅରବାଜ ଓ ମଲାଇକା

ମଲାଇକା ଆରୋରା ଓ ଅରବାଜ ଖାନ୍ ନିଜ ନିଜ ଜୀବନରେ ଆଗକୁ ବଢ଼ି ସାରିଛନ୍ତି ସତ, ମାତ୍ର ଏବେ ବି ସେ ଦୁହିଁଙ୍କ ଭିତରେ ପରସ୍ପର ପ୍ରତି କେଉଁଠି ନା କେଉଁଠି ସ୍ନେହ, ସମ୍ମାନ ଥିବାର ଦେଖିବାକୁ ମିଳୁଛି। ଏବେ ବି ସେମାନେ ପରସ୍ପର ସହ ଏକ ଉତ୍ତମ ସଂପର୍କରେ ରହିଛନ୍ତି ବୋଲି ସୂଚନା ରହିଛି। ନିକଟରେ ଏକ ସାକ୍ଷାତକାରରେ ନିଜେ ଅରବାଜ ଏହି କଥା କହିଛନ୍ତି। ସେ ତାଙ୍କ ପୂର୍ବ ପତ୍ନୀ ମଲାଇକାଙ୍କ ବିପକ୍ଷରେ କିଛି କହିବା ପରିବର୍ତ୍ତେ ଓଲଟା ସେ ଦୁହିଁଙ୍କ ସଂପର୍କକୁ ନେଇ କିଛି ସକାରାତ୍ମକ କଥା କହିଛନ୍ତି।

ଅରବାଜ ସାକ୍ଷାତ୍‌କାରେ ମଲାଇକାଙ୍କ ସହ ନିଜର ଛାଡ଼ପତ୍ର ଓ ଛାଡ଼ପତ୍ର ପରେ ବି ରହିଥିବା ଭଲ ସଂପର୍କ ବିଷୟରେ କହିଛନ୍ତି। ସେ କହିଛନ୍ତି ଯେ ମଲାଇକା ଓ ସେ ଏବେ ପୂର୍ବ ଅପେକ୍ଷା ପରସ୍ପରଙ୍କୁ ବେଶି ଭଲ ଭାବେ ବୁଝିବା ଆରମ୍ଭ କରିଛନ୍ତି। ସେମାନେ ପରସ୍ପରଙ୍କ ପସନ୍ଦକୁ ଗ୍ରହଣ କରିଛନ୍ତି ଓ ପରସ୍ପରଙ୍କୁ ସମର୍ଥନ ବି ଦେଉଛନ୍ତି।

ଗତ କିଛି ବର୍ଷ ମଧ୍ୟରେ ସେ ଦୁହେଁ ଖୁବ୍ ପରିପକ୍ୱ ହୋଇଛନ୍ତି ଓ ସେମାନଙ୍କର ପରସ୍ପର ପଅତି ସମ୍ମାନ ବୃଦ୍ଧି ପାଇଥିବା କଥା ଅରବାଜ୍ କହିଛନ୍ତି। ସେ ଆହୁରି ବି କହିଛନ୍ତି, 'ଆମ ଜୀବନରେ ଅନେକ କିଛି ବଦଳିଛି। ମୋ ବିଷୟରେ ଏପରି କିଛି କଥା ଅଛି ଯାହାକୁ ସେ ଗ୍ରହଣ କରିଛନ୍ତି ଓ ତାଙ୍କ ବିଷୟରେ ବି ଏପରି ଅନେକ କଥା ଅଛି ଯାହାକୁ ମୁଁ ଗ୍ରହଣ କରିସାରିଛି।'

## ୨୧କେଜି ଗଞ୍ଜେଇ ଜବତ : ୨ ଗିରଫ

ଧର୍ମଶାଳା ,୧୦/୧୧ (ନି.ପ୍ର): ଯାଜପୁର ଜିଲା ବଡଚଣା ପୋଲିସ ୨୧ କେଜି ଗଞ୍ଜେଇ ଜବତ କରିବା ସହ ଏହି ଘଟଣାରେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୁରୀ ଅସ୍ତରଙ୍ଗ ଅବସାହି ଗ୍ରାମର ଦେବାଶିଷ ଜେନା(୨୩) ଓ ବଡଚଣା ଥାନା ଅନ୍ତର୍ଗତ ବାଟୋ ଗ୍ରାମର କମଳାକାନ୍ତ ରାଉତ (୨୮) ବୋଲି ଜଣାପଡିଛି । ସୂଚନା ମୁତାବକ, ଦୁଇ ଜଣ ଯୁବକ ଏକ ଅଟୋରେ ଗଞ୍ଜେଇ ଭର୍ତି ହୋଇ ବଡଚଣା ଅଂଚଳକୁ ଆସୁଥିଲା । ବଡଚଣାରୁ ଦର୍ପଣୀ ଅଂଚଳ ଅଭିମୁଖେ ଯାଇଥିବା ସମୟରେ କୌଣସି ସୂତ୍ରରୁ ବଡଚଣା ପୋଲିସ ଖବର ପାଇ ଅଟୋକୁ ଅଟକାଇବାକୁ ଚେଷ୍ଟା କରିଥିଲେ । ତେବେ ପୋଲିସ ଭ୍ୟାନକୁ ଦେଖି ଘଟଣାସ୍ଥଳରୁ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଅଟୋକୁ ଜବତ କରିଥିଲା । ଅଟୋ ଭିତରେ ୨ଟି ଅଖା ବସ୍ତାରେ ଗଞ୍ଜେଇ ଭର୍ତି ହୋଇଥିବା ଜାଣିବାକୁ ପାଇଥିଲା । ଅଟୋ ସହ ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା ଜାରି ରଖିଥିଲା । ଅଖା ବସ୍ତାରେ ୨୧ କେଜି ଗଞ୍ଜେଇ ଥିବା ଜଣାପଡିଥିଲା । କେସ୍ ନଂ ୩୨୩/ ୨୨ରେ ଏକ ମାମଲା ରୁଜୁ କରି ଦେବାଶିଷ ଓ କମଳାକାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏବଂ ଏହି ଘଟଣାରେ ଆଉ କାହାର ସମ୍ପୃକ୍ତି ଅଛି ସେ ନେଇ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଅନୁଷ୍ଠିତ

ସୁବର୍ଣ୍ଣପୁର ,୧୦/୧୧ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ମହକ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କରେ ରହୁଥିବା ଶିଶୁ ମାନଙ୍କୁ ନେଇ ମହକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦଘାଟନ ଉତ୍ସବରେ ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲାକା ମୁଖ୍ୟ ଅତିଥିଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ, ସମ୍ମାନିତ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପଧାନ, ଜିଲ୍ଲା ବାଲ୍ୟବିବାହ ପରାମର୍ଶ ଦାତା ରାକେଶ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସ୍ୱାଗତ ବକ୍ତବ୍ୟ ଦେବା ସହ କାର୍ଯ୍ୟକ୍ରମ ର ବିବରଣୀ ପଠନ କରିଥିଲେ । ବିଜୟ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିବା ବେଳେ ବ୍ରତାନନ୍ଦ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ଅପରାହ୍ଣରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟ ନାରାୟଣ ଦାଶ ଯୋଗଦାନ କରି ଛାତ୍ର ଛାତ୍ରୀ ଙ୍କୁ ଚରିତ୍ର ଗଠନ ଓ ବ୍ୟକ୍ତିତ୍ୱ ର ବିକାଶ ଉପରେ ସାର ଗର୍ଭକ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଡି ଏସ ପି ସଦର, ଶିଶୁ ମଙ୍ଗଳ କମିଟି ସଭ୍ୟା ରଞ୍ଜିତା ସାହୁ, ଡି ଆଇ ପି ଆରୋ ଶ୍ରୀ ଭୋଇ, ଡିସିପିଓ ଶ୍ରୀ ଦାଶ ମଂଚାସୀନ ରହିଥିଲେ । ଦିବସ ପରିପ୍ରେକ୍ଷୀରେ ଶିଶୁ ମାନଙ୍କୁ ନେଇ ଅନୁଷ୍ଠିତ ଗୀତ, ନୃତ୍ୟ, ତର୍କ, ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ବୃନ୍ଦ ଟ୍ରଫି ଓ ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ କେଶବ ମେହେର, ସରିତା ସୁନା, ରୁଦ୍ର ପ୍ରସନ୍ନ ମିଶ୍ର, ପ୍ରଶାନ୍ତ ମହାକୁଡ଼, ଥବିର କାଲସଏ, ବିଶେଶ୍ୱର ହୋତା, ସ୍ୱାଗତ ରାଜ ମିଶ୍ର, ସିଦ୍ଧାନ୍ତ ସୁନା ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ ।

## ବଲାଙ୍ଗିର ଜିଲ୍ଲା ଖାଉଟି ସୁରକ୍ଷା ପରିଷଦ ବୈଠକ

ବଲାଙ୍ଗିର ,୧୦/୧୧ (ନି.ପ୍ର): ସ୍ଥାନୀୟ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ବଲାଙ୍ଗିର ଜିଲ୍ଲା ଖାଉଟି ସୁରକ୍ଷା ପରିଷଦ ର ପ୍ରଥମ ବୈଠକ ଜିଲ୍ଲାପାଳ ଚଞ୍ଚଳ ରାଣା ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର , ଜଳ ସମ୍ପଦ ,ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ତଥା ଟିଟିଲାଗଡ ବିଧାୟିକା ଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ ,ଲୋକସଭା ସାଂସଦଙ୍କ ପ୍ରତିନିଧି ମାଧବ କୁମାର ସାଏ, ଲୋଇସିଂହ । ବିଧାୟକ ଙ୍କ ପ୍ରତିନିଧି ଦେବିଲାଲ ମିଶ୍ର , ବିଭିନ୍ନ ପଞ୍ଚାୟତ ସମିତି ର ଅଧକ୍ଷ ଅଧକ୍ଷା, ଜିଲ୍ଲା ଖାଉଟି ବିବାଦ ଓ ପ୍ରତିକାର ଫୋରମ ର ଅଧକ୍ଷ ରବୀନ୍ଦ୍ର କୁମାର ତ୍ରିପାଠୀ ,ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ କୁମାର ନାଏକ , ବଲାଙ୍ଗିର ଜିଲ୍ଲା କୃଷକ ମହାସଂଘ ର ସଭାପତି ଜତି ପ୍ରଧାନ ଙ୍କ ସମେତ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦ ର ସଦସ୍ୟ ଓ ସଦସ୍ୟା ମାନେ ଉପସ୍ଥିତ ଥିଲେ ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜାତୀୟ ଆଇନସେବା ଦିବସ ପାଳିତ

କେନ୍ଦୁଝର ,୧୦/୧୧ (ନି.ପ୍ର): ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜାତୀୟ ଆଇନସେବା ଦିବସ-୨୦୨୨ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବହୁବିଧ କାର୍ଯ୍ୟକ୍ରମ ମାନ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନର ସୌଜନ୍ୟରୁ ଅନୁଷ୍ଠିତ ହୋଇଯାଇଛି । ସଦର ବ୍ଲକ ଅନ୍ତର୍ଗତ ପଳାଶପଙ୍ଗାଠାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତା, ସାଧାରଣ ଜନତା ଓ ପ୍ରଶାସକମାନଙ୍କୁ ନେଇ ଏକ ପଦଯାତ୍ରା ପଚାଂୟତ ର ପାରିପାର୍ଶ୍ୱିକ ଗ୍ରାମ ପରିକ୍ରମା କରି ଆଇନସେବା ସମ୍ବନ୍ଧରେ ବିଭିନ୍ନ ସ୍ଲୋଗାନ ମାନ ଦେଇ ସାଧାରଣ ଲୋକଙ୍କୁ ସଚେତନ କରାଇଥିଲେ । ପରେ ପରେ ପଚାଂୟତ କାର୍ଯ୍ୟାଳୟ ପରିସରରେ ଏକ ଶିବିରର ଆୟୋଜନ କରାଯାଇଥିଲା । ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଦୌରାଜଜ୍ ଚିତ ରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିରରେ ପ୍ରାଧିକରଣ ସଚିବ ମାମି ବେହେରା ଯୋଗଦାନ କରି ଜାତୀୟ ଆଇନସେବା ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରି ସାଧାରଣ ବର୍ଗର ମହିଳା, ପୁରୁଷ ଓ ଶିଶୁମାନଙ୍କ ପାଇଁ ପ୍ରାଧିକରଣର ବିଭିନ୍ନ କାର୍ଯ୍ୟକ୍ରମ ଓ କ୍ଷତିପୂରଣ ସମ୍ବନ୍ଧରେ ଅବତାରଣା କରି ଏହାର ସୁଫଳ ସାଧାରଣ ଜନତା ହାସଲ କରିବାକୁ ନିବେଦନ କରିଥିଲେ । ପ୍ରାଧିକରଣ ସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ସ୍ୱାଗତ ଅଭିଭାଷଣ ପୂର୍ବକ ଆଇନ ସେବା ଦିବସର ଗୁରୁତ୍ୱ ପ୍ରତିପାଦିତ କରି ସଭା ପରିଚାଳନା କରିଥିଲେ । ଉପଆରକ୍ଷୀ ଅଧିକ୍ଷକ ପଶକଲ ଏକ୍କା ଯୋଗଦାନ କରି ପୋଲିସ ପ୍ରଶାସନ ଦ୍ୱାରା ସାଧାରଣ ଜନତା କିଭଳି ଉପକୃତ ହେଉଛନ୍ତି ତାହା ବର୍ଣ୍ଣନା କରିଥିବାବେଳେ ସଦର ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାଗବତ ପ୍ରସାଦ ନାୟକ ଯୋଗଦେଇ ସଦର ବ୍ଲକ ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ ସରକାରୀ ଯୋଜନା ଗୁଡିକୁ ବର୍ଣ୍ଣନା କରି ଆଇନ ସେବା ପ୍ରାଧିକରଣ ଦ୍ୱାରା କିଭଳି ସାଧାରଣ ଜନତା ସେବା ପାଇ ପାରୁଛନ୍ତି ତାହା ଅବଗତ କରାଇଥିଲେ । ସରପଂଚ ବାସନ୍ତୀ ନାୟକ ଅଭିଭାଷଣ ପ୍ରଦାନ କରି ଗ୍ରାମ ପଚାଂୟତର ବିଭିନ୍ନ କାର୍ଯ୍ୟକ୍ରମ ବର୍ଣ୍ଣନା କରିଥିବାବେଳେ ପାନେଲ ଅଧିବକ୍ତା ଜଗତଜିତା ଦାସ ପ୍ରାଧିକରଣ ମାଧମରେ ଅଧିବକ୍ତାଙ୍କ ଭୂମିକା ସଂପର୍କରେ ପ୍ରତିପାଦିତ କରାଇଥିଲେ । ଶେଷରେ ସମିତିସଭ୍ୟ ସଞ୍ଜୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିବାବେଳେ ଉପସ୍ଥିତ ଜନତାଙ୍କ ତରଫରୁ ଗ୍ରାମ ପଚାଂୟତ କାର୍ଯ୍ୟାଳୟରେ ପ୍ରତ୍ୟେକ ମାସରେ ଥରେ ଗ୍ରାମ ପଚାଂୟତର ଲୋକଙ୍କ ପାଇଁ ଅଭିଯୋଗ ଶୁଣାଣୀରେ ପ୍ରାଧିକରଣ ସହାୟତା ପ୍ରଦାନ କରିବାକୁ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଚଂଳରୁ ଶତାଧିକ ପୁରୁଷ, ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତା ଓ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ ।

# ଜୀବନ ବ୍ୟାପି ସମାଜ ସେବା ପାଇଁ ଗୌରୀ ଶଙ୍କର ଅଗ୍ରୱାଲ ସମ୍ମାନିତ

ବଲାଙ୍ଗିର ,୧୦/୧୧ (ନି.ପ୍ର): ଗତକାଲି କଟକ ଠାରେ ମାରୱାଡି ସମ୍ମେଳନ ସଭାପତି ମନୋଜ ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗିର ସମାଜସେବୀ ଗୌରୀ ଶଙ୍କର ଅଗ୍ରୱାଲଙ୍କୁ ସାରାଜୀବନ ସାମାଜିକ କାର୍ଯ କରିଥିବା ଯୋଗୁଁ ସୁନା ମେଡାଲ ପ୍ରଦାନ କରିବା ସହିତ ସମ୍ମାନିତ କରାଯାଇଛି ।

ଗତକାଲି ତେରାପନ୍ଥ ଭବନ କଟକ ଠାରେ ଜୈନ ମୁନିଙ୍କ ଚତୁର୍ମାସ୍ୟା ୨୦୨୨ ପ୍ରବାଶ କାଳରେ ଜୈନ ମୁନିଶ୍ରୀ ଜିନେଶ କୁମାରଜୀଙ୍କ ସାନିଧରେ, କଟକ ଜୈନ ସମାଜ ସଭାପତି ମୋହନ ଲାଲ ଶିଙ୍ଘି, କଟକ ମାରୱାଡି ସମ୍ମେଳନ ସଭାପତି ଦିନେଶ ଯୋଶୀ ପ୍ରମୁଖ ସମ୍ମାନିତ କରିଥିଲେ । ଏଠାରେ କଟକ ଜୈନ ସାମାଜ ପକ୍ଷରୁ ମାରୱାଡି ସମ୍ମେଳନ ରାଜ୍ୟ ସଭାପତି ମନୋଜ ଜୈନଙ୍କୁ ମଧ ସମ୍ମାନିତ କରାଯାଇଥିଲା ।

# ଟିପିଏସ୍‌ଓଡିଏଲ ପକ୍ଷରୁ ସୁରକ୍ଷା ତାଲିମ ବିକାଶ କେନ୍ଦ୍ର ଉଦ୍ଘାଟିତ

ଜୟପୁର ,୧୦/୧୧ (ନି.ପ୍ର): ପାୱାର ହାଉସ ଛକ, ଜୟପୁର ଠାରେ ଟିପିଏସ୍‌ଓଡିଏଲ ପକ୍ଷରୁ କର୍ମଚାରୀ ମାନଙ୍କ ସୁରକ୍ଷା ଏବଂ ଦକ୍ଷତା ବିକାଶ ପାଇଁ ଏକ ସୁରକ୍ଷା ତାଲିମ୍ ଓ ଦକ୍ଷତା ବିକାଶ କେନ୍ଦ୍ର ଟିପିଏସ୍‌ଓଡିଏଲର ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଅରବିନ୍ଦ ସିଂ ଭିଡିଓ କରଫେର୍ନ୍ସ ମାଧମରେ ଉଦ୍ଘାଟନ କରିଛନ୍ତି । ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ସିଂ. ଉକ୍ତ ତାଲିମ କେନ୍ଦ୍ରକୁ ଉଦ୍ଘାଟିତ କରି କହିଥିଲେ ଯେ ବୈଦ୍ୟୁତିକ ସୁରକ୍ଷା ଉପକରଣର ସଠିକ ବ୍ୟବହାର ଓ ପରିଚାଳନା ତଥା ବୈଦ୍ୟୁତିକ ଦୁର୍ଘଟଣା ମୁକ୍ତ ପରିବେଶ ସୃଷ୍ଟି ନେଇ ତାଲିମ କେନ୍ଦ୍ରରେ କର୍ମଚାରୀ ମାନଙ୍କୁ ତାଲିମ ଦିଆଯିବ । ଆଜି ଟିପିଏସ୍‌ଓଡିଏଲ ଅଧିନରେ ଥିବା ୧୯ଟି ଡିଭିଜନରେ ସୁରକ୍ଷା ତାଲିମ୍ ଓ ଦକ୍ଷତା ବିକାଶ କେନ୍ଦ୍ର ଉଦ୍ଘାଟିତ ହୋଇଛି । କର୍ମଚାରୀ ମାନଙ୍କୁ ସୁରକ୍ଷା ତଥା ଉପଭୋକ୍ତା ମାନଙ୍କୁ ଉନ୍ନତ ବିଦ୍ୟୁତ ସେବା ଯୋଗାଇ ଦେବା ଆମର ଲକ୍ଷ୍ୟ ବୋଲି ଶ୍ରୀ ସିଂ. ତାଙ୍କ ଅଭିଭାଷଣରେ କହିଥିଲେ । ଏଚ.ଓ.ଜି(ସୁରକ୍ଷା) ଶ୍ରୀ ପ୍ରମୋଦ କୁମାର ବେହେରାଙ୍କ ଅଧକ୍ଷତାରେ ପରିଚାଳିତ ଉକ୍ତ କାର୍ଯ୍ୟକ୍ରମରେ ଡିଜିୟମ ଜୟପୁର ମଣ୍ଡଳ ମନ୍ମଥନାଥ ମିଶ୍ର, ନିର୍ବାହୀ ଯନ୍ତ୍ରୀ ଶ୍ରୀ ବରୁଣ ଚୌଧୁରୀ, ଜି ଆର .ଏଫ.ର ସଭାପତି ଶ୍ରୀ ତପନ ରଶ୍ମି ସୁବୁଦ୍ଧି ଓ ଅନାନ୍ୟ ଅଧିକାରୀ ପରିମଳ ପାଲ, ବିଶ୍ୱଜିତ୍ ମେଣ୍ଡୁଲି, ଅମିୟ କୁମାର ଗିରି, ଦିବ୍ୟଜୋତି ମହାପାତ୍ର, ପ୍ରମିତ ଦାସ, ସୁଶିଲ କୁମାର ନାୟକ, ସୌମ୍ୟ ରଞ୍ଜନ ଲେଙ୍କା, ସନ୍ତୋଷ କୁମାର ମହାନ୍ତି, ରୂପକ ଦାସ, ସୁଶାନ୍ତ କୁମାର ପ୍ରଧାନ, ସୁବାଷ ବେହେରା, ଆର୍ ଏଚ୍ ଆର୍ କେ ରେଡି ,ରଶ୍ମି ରଞ୍ଜନ ସାହୁ ଓ ସୁଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଶିକ୍ଷା ଓ ଉଦ୍ୟମିତା ମାଧମରେ ସମାଜ ସଂସ୍କାର ନୂତନ ଚିନ୍ତାଧାରା

ଭୁବନେଶ୍ୱର ,୧୦/୧୧ (ନି.ପ୍ର): ବୁଦ୍ଧମନ୍ଦିର ପରିସରରେ ଫୋରମ୍ ଫର ଇ ରପ୍ରାଇଜ୍ ଡେଭେଲପ୍‌ମେ ତରଫରୁ ଯୁବପିଢୀମାନଙ୍କ ଭବିଷ୍ୟତ ସୁରକ୍ଷା ତଥା ଦେଶ ଓ ରାଜ୍ୟର ସୁରକ୍ଷା ପାଇଁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଅଛି । ଶିକ୍ଷା ଓ ଉଦ୍ୟମିତା ମାଧମରେ ସୁସ୍ଥ ସମାଜ ଗଠନ ଓ ସଂସ୍କାର ପାଇଁ ନୂତନ ଚିନ୍ତାଧାରାରେ ଯୁବପିଢୀଙ୍କୁ ମାର୍ଗଦର୍ଶନ ଦେବା ଏହି ଆଲୋଚନାଚକ୍ରର ମୂଳ ଉଦ୍ଦେଶ୍ୟ ବୋଲି ବକ୍ତାମାନେ କହିଛନ୍ତି । ଆଜିର ଏହି ଆଲୋଚନାଚକ୍ରରେ ବକ୍ତାମାନଙ୍କର ମଧ୍ୟରେ ଅଭିଭାବକ ସଂଘର ରାଜ୍ୟ ସଭାପତି ବାସୁଦେବ ଭଟ୍ଟ, ବରିଷ୍ଠ ସମାଜସେବୀ କୁଳମଣି ଶୁକ୍ଳ ଭଳି ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ । ଫୋରମ୍ ଫର ଇ ରପ୍ରାଇଜ୍ ଡେଭେଲପ୍‌ମେ ର ସଭାପତି ପଂଚାନନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଯୁବପିଢୀଙ୍କୁ କର୍ମତତ୍ପର ହେବାପାଇଁ ଆହ୍ୱାନ ଦିଆଯାଇଥିଲା । ସେଂଟର ଫର ମନିଟରିଙ୍ଗ୍ ଇଣ୍ଡିଆନ୍ ଇକୋନମି ତଥ୍ୟ ଅନୁସାରେ ଦେଶରେ ୬୦% ଲୋକ କାମ କରିବା ପାଇଁ ସକ୍ଷମ ଅଛନ୍ତି, କିନ୍ତ ସେମାନେ କର୍ମ ବିମୁଖ । ସେମାନେ କାମ କରୁନାହାଁନ୍ତି କି କାମ ଖୋଜୁନାହାଁନ୍ତି । ଏଭଳି ଅବସ୍ଥା ଲାଗି ରହିଲେ ଦେଶର ଅବସ୍ଥା ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯିବାର ସମ୍ଭାବନା ଯଥେଷ୍ଟ ଅଧିକ ଅଛି ବୋଲି ଶ୍ରୀ ଦାସ କହିଛନ୍ତି । ସେଥିପାଇଁ ଆମେ ଯୁବ ପିଢୀଙ୍କୁ ସଚେତନ କରାଇବା, ସେମାନଙ୍କୁ ସ୍ୱରୋଜଗାର କରାଇବା ପାଇଁ ପଦକ୍ଷେପ ନେବା, ସେମାନଙ୍କୁ ନିଜ ଗୋଡରେ ନିଜେ ଛିଡ଼ା ହେବାପାଇଁ ପ୍ରେରଣା ଦେବା, ତାଙ୍କର ଦକ୍ଷତା ବିକାଶ ପାଇଁ ଚେଷ୍ଟା କରିବା ଦରକାର ବୋଲି ଫୋରମ୍‌ର ସଭାପତି ଶ୍ରୀ ପ ।ନନ ଦାସ କହିଛନ୍ତି । ଆଜିକାଲି ଯୁବପିଢୀଙ୍କୁ ସରକାର ମାଗଣା କିଛି ଦେଇ ପଥଭ୍ରଷ୍ଟ କରିଛନ୍ତି, ସେମାନଙ୍କ ଭବିଷ୍ୟତ କଥା ଚିନ୍ତା କରୁନାହାଁନ୍ତି । ନେତା କେବଳ ଭୋଟ ପାଇଁ ମାଗଣା କିଛି ବା ଛନ୍ତି । ଲିଡର କିନ୍ତୁ ଭବିଷ୍ୟତ ଦେଖୁଛନ୍ତି । ଟଙ୍କିକିଆ ଚାଉଳ, ମାଗଣା ବିଜୁଳି ଏବେ ଲୋକଙ୍କୁ ନ ଦେଇ ଭବିଷ୍ୟତ ପୁଅ ଓ ନାତି କ'ଣ ରଖୁଛ ଓ କ'ଣ କରିବ ବୋଲି ପ୍ରଶ୍ନ କରିଛନ୍ତି ସଭାପତି ଶ୍ରୀ ପଂଚାନନ ଦାସ । ଆମେ ଏହି ଫୋରମ୍ ମାଧମରେ ଦୂରଦୃଷ୍ଟି ସମ୍ପନ୍ନ ଲୋକ ତିଆରି କରିବୁ, ଯୁବପିଢୀଙ୍କୁ ସଚେଚତନ କରିବା ଓ ମାର୍ଗଦର୍ଶନ ଦେବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ସାରା ରାଜ୍ୟରେ ସବୁ ଜିଲ୍ଲାରେ ଚାଲିବ ଓ ଆଜି ଏଠି ମୂଳଦୁଆ ପଡ଼ିଲା ବୋଲି କହିଛନ୍ତି ଫୋରମ୍‌ର ସଭାପତି ଶ୍ରୀ ଦାସ । ବିଶେଷକରି ଦକ୍ଷତା ବିକାଶ ନାଁରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଯୁବକମାନଙ୍କୁ ନିଯୁକ୍ତି ଦିଆଯାଉଛି ବୋଲି ଯାହା ସରକାର ଦେଖାଉଛନ୍ତି, ତାହା ସମ୍ପୂର୍ଣ୍ଣ ମିଛ । ଏନ୍‌ଜିଓମାନେ କେତେ ପଇସା ନେଇ କେତେଜଣଙ୍କୁ ଦକ୍ଷତା ବିକାଶ କରାଉଛନ୍ତି ଓ କେତେଜଣ ନିଯୁକ୍ତି ପାଇଛନ୍ତି, ତା'ର ସମ୍ପୂର୍ଣ୍ଣ ତଥ୍ୟ ଆର୍.ଟି.ଆଇ. ମାଧମରେ ମାଗିକି ଜାଣିହେବ ଓ ଦକ୍ଷତା ବିକାଶ ଯୁବ ପିଢୀଙ୍କ ପାଇଁ ହେଉଛି, ତେବେ ୬୦% ଲୋକ ବେକାର କାହିଁକି ଓ କେମିତି ଅଛନ୍ତି ବୋଲି ପ୍ରଶ୍ନ କରିବା ସହ ଯୁବପିଢୀ ଆଗାମୀ ଭାରତର ମଙ୍ଗ ଧରିବାକୁ ହେଲେ ଦୂରଦୃଷ୍ଟି ଥିବା ଲିଡର ବାହାର କରିବା ପାଇଁ ସଭାପତି ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି ।

## କେନ୍ଦ୍ରାପଡ଼ାରେ ଜାତୀୟ ଆଇନ ଦିବସ ପାଳିତ

କେନ୍ଦ୍ରାପଡ଼ା ,୧୦/୧୧ (ନି.ପ୍ର): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଦର ମହକୁମା ସ୍ଥିତ ଟାଉନ ହଲ ପରିସରରେ ଜାତୀୟ ଆଇନ ଦିବସ ପାଳନ କରାଯାଇଛି । ଆଇନସେବା ପ୍ରାଧିକରଣର ସଚିବ ସୁମିତ୍ରା ସାହୁ ଏଥିରେ ଅଧକ୍ଷତା କରିଥିଲେ । କୋର୍ଟ ପରିସରରୁ ଏକ ର୍‍ୟାଲି ବାହାରି ଟାଉନ ହଲରେ ପହଂଚିବା ପରେ ଆଇନ ସଚେତନତା ମେଳା ପ୍ରଦର୍ଶନ କରାଯାଇ ଥିଲା । ଏଥରେ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ ।

# ସଫେଇ କର୍ମଚାରୀଙ୍କ ସହ ମିଶି ନିଜେ ଝାଡୁ ଧରି ସଫେଇ କଲେ ପୌରାଧକ୍ଷ

ମାଲକାନଗିରି ,୧୦/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମାର ବିଭିନ୍ନ ସ୍ଥାନରେ ଆଜି ସ୍ୱଚ୍ଛତା କାର୍ଯ୍ୟକ୍ରମର ତଦାରଖ କରିବା ସହ ସଫେଇ କର୍ମଚାରୀଙ୍କ ସହ ମିଶି ନିଜେ ଝାଡୁ ଧରି ସଫେଇ କାର୍ଯ୍ୟ କରିଛନ୍ତି ମାଲକାନଗିରି ପୌର ଅଧକ୍ଷ ମନୋଜ କୁମାର ବାରିକ । ଜିଲ୍ଲା ସଦର ମହକୁମାର ସଫେଇ କାର୍ଯ୍ୟକୁ ତଦାରଖ କରିବାକୁ ଶ୍ରୀ ବାରିକ ବିଭିନ୍ନ ୱାର୍ଡ ବୁଲିଥିବା ବେଳେ ସଫେଇ କର୍ମଚାରୀଙ୍କୁ ନିଜର କାର୍ଯ୍ୟକୁ ସୁଚାରୁ ରୁପେ ତୁଲାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ୱାର୍ଡରେ ସଫେଇ ନିତିଦିନ ହେଉଛି କି ନାହିଁ ତାହାର ତଦାରଖ କରିବା ସହ କର୍ମଚାରୀଙ୍କୁ ଉତ୍ସାହିତ କରିବା ଏବଂ ସବୁ ସ୍ଥାନର ସ୍ୱଚ୍ଛତା କାର୍ଯ୍ୟକୁ ସୁଚାରୁ ରୂପେ ହେଉଛି କି ନାହିଁ ତାହାର ତଦାରଖ କରିଥିଲେ ।

## ସିଟ୍ କନଫର୍ମ ହେଲାନି : ଟ୍ରେନକୁ ଅଟକାଇଲେ ମହିଳା

ରାଉରକେଲା ,୧୦/୧୧ (ନି.ପ୍ର): ମହିଳାଙ୍କ ଅଭିନବ ପ୍ରତିବାଦ । ସିଟ୍ କନଫର୍ମ ନ ହେବାରୁ ଟ୍ରେନ୍‌କୁ ୨୦ମିନିଟ୍ ପର୍ଯ୍ୟନ୍ତ ଅଟକାଇ ଦେଲେ ମହିଳା । ଏଭଳି ଘଟଣା ଦେଖିବାକୁ ମିଳିଛି ରାଉରକେଲା ଷ୍ଟେସନରେ । ସଂପୃକ୍ତ ମହିଳା ଜଣଙ୍କ ୮ ତାରିଖରେ ଯଶବନ୍ତପୁର ଯିବା ପାଇଁ ଯଶବନ୍ତପୁର-ଟାଟା ଟ୍ରେନରେ ଟିକେଟ ବୁକିଂ କରିଥିଲେ । ହେଲେ ତାଙ୍କ ଟିକେଟ କନଫର୍ମ ହୋଇ ନଥିଲା । ପରେ ମହିଳା ଜଣଙ୍କ ମଙ୍ଗଳବାର ଦିନ ଯଶବନ୍ତପୁର-ଟାଟା ଟ୍ରେନ ଆଗରେ ଅଭିନବ ଢଙ୍ଗରେ ପ୍ରତିବାଦ କରିଥିଲେ । ରେଳ ଟ୍ରାକରେ ଠିଆ ହୋଇ ୨୦ ମିନିଟ୍ ? ପର୍ଯ୍ୟନ୍ତ ଟ୍ରେନକୁ ଅଟକାଇ ଦେଇଥିଲେ । ମୋ ଟିକେଟ୍ କନଫର୍ମ କର ବୋଲି ଅଡ଼ି ବସିଥିଲେ । ପରେ ଷ୍ଟେସନ ମ୍ୟାନେଜର ଓ ସୁରକ୍ଷା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ । ପରେ ମହିଳା ଜଣଙ୍କ ଟ୍ରେନ୍ ଆଗରୁ ଧାରଣାରୁ ଉଠିଥିଲେ । ପରେ ଟ୍ରେନ୍‌ଟି ଷ୍ଟେସନ ଛାଡ଼ିଥିଲା । ପରେ ଅନ୍ୟ ଏକ ଟ୍ରେନରେ ମହିଳାଙ୍କୁ ଯଶବନ୍ତପୁର ପଠାଯାଇଥିଲା ।

# 'ମୋ ସ୍କୁଲ ଅଭିଯାନ'ରେ ସାମିଲ ହେବ ଦିବ୍ୟାଙ୍ଗ ସ୍କୁଲ

ଭୁବନେଶ୍ୱର ,୧୦/୧୧ (ନି.ପ୍ର): ଆଗାମୀ ଦିନରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧୀନ ସ୍କୁଲଗୁଡ଼ିକୁ 'ମୋ ସ୍କୁଲ୍ ଅଭିଯାନ' ଅନ୍ତର୍ଭୁକ୍ତ କରାଯିବ । ଏହାଦ୍ୱାରା ରାଜ୍ୟର ଲକ୍ଷାଧିକ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ଆଜି ବସିଥିବା 'ମୋ ସ୍କୁଲ୍ ଅଭିଯାନ'ର ୩୭ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି । ସେହିପରି 'ମୋ ସ୍କୁଲ୍ ଅଭିଯାନ' ଅଧୀନରେ ରାଜ୍ୟର ସମସ୍ତ ଜିଲ୍ଲାରେ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ସର୍ଭିସ୍ ଭଲ୍ୟୁଣ୍ଟିୟରିଂକୁ ମଧ ତ୍ୱରାନ୍ୱିତ କରାଯାଉଛି । ପୁରାତନ ଛାତ୍ରଛାତ୍ରୀ ସଂଯୋଗ କାର୍ଯ୍ୟକ୍ରମ ଅଧୀନରେ ଅଧିକରୁ ଅଧିକ ପୁରାତନ ଛାତ୍ରୀଛାତ୍ରଙ୍କୁ ନିଜ ସ୍କୁଲ୍ ସହ ଯୋଡ଼ିବାର ପ୍ରୟାସ ଜାରି ରହିଛି । ଏନେଇ ୩୦ ଜିଲ୍ଲାର ୨୯୮ଟି ବ୍ଲକରେ 'ମୋ ସ୍କୁଲ୍' ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଆଗାମୀ ଦିନରେ ଏହାକୁ ଆହୁରି ତ୍ୱରାନ୍ୱିତ କରାଯିବ । ଆଜିର ବୈଠକରେ ଓଡ଼ିଶାର ୨୭ଟି ଜିଲ୍ଲାର ୫୨ କୋଟି ୭୨ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଗତ ଏକ



ମାସ ମଧ୍ୟରେ ୪୫ ହଜାର ୩୮୮ ପୁରାତନ ଛାତ୍ରଛାତ୍ରୀ 'ମୋ ସ୍କୁଲ୍ ଅଭିଯାନ' ସହ ଯୋଡ଼ି ହୋଇଛନ୍ତି । ସେମାନେ ନିଜ ବିଦ୍ୟାଳୟର ବିକାଶ ପାଇଁ ୧୨ କୋଟି ୫୬ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ବିଭିନ୍ନ ସିଏସ୍‌ଆର ପାଣ୍ଠିରୁ ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ ମୋ ସ୍କୁଲ୍ ଅଭିଯାନକୁ ୫ କୋଟି ଟଙ୍କାର ଅନୁଦାନ ଆସିଛି । ପୁରାତନ ଛାତ୍ରଛାତ୍ରୀ ଓ ସିଏସ୍‌ଆର ପାଣ୍ଠି ଅନୁଦାନ ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୫୨ କୋଟି ୭୨ ଲକ୍ଷ ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ କରିଛି । ଯାହାକି ୫୧୪୬ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ବିକାଶରେ ବିନିଯୋଗ ହେବ । ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୨କୋଟି ୪୪ ଲକ୍ଷ, ଯାଜପୁରରେ ୨କୋଟି ୨ଲକ୍ଷ, ସମ୍ବଲପୁରରେ ୭୧ଲକ୍ଷ ୨୯ ହଜାର, ଭଦ୍ରକରେ ୬୦ଲକ୍ଷ ୩୨ ହଜାର ଓ ବଲାଙ୍ଗୀରରେ ୫୪ଲକ୍ଷ ୬୨ ହଜାର ଟଙ୍କା ପୁରାତନ ଛାତ୍ରଛାତ୍ରୀ ପ୍ରଦାନ କରିଛନ୍ତି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାର୍ଯ୍ୟାଳୟରେ ବିଭାଗୀୟ ସଚିବ ଅଶ୍ୱଥୀ ଏସ୍.ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ 'ମୋ ସ୍କୁଲ୍' ସଦସ୍ୟ ସଚିବ, ବିଭାଗୀୟ ଅତିରିକ୍ତ ସଚିବ, ବିଭାଗୀୟ ଆର୍ଥିକ ଉପଦେଷ୍ଟା, ଉଚ୍ଚ ମାଧମିକ ଶିକ୍ଷା, ମାଧମିକ ଶିକ୍ଷା, ପ୍ରାଥମିକ ଶିକ୍ଷା ଓ ଟିଇ ଆଣ୍ଡ ଏସ୍‌ସିଇଆରଟିର ନିର୍ଦ୍ଦେଶକ ଏବଂ ମୋ ସ୍କୁଲ ଅଭିଯାନର ମୁଖ୍ୟ ପରିଚାଳନା ଅଧିକାରୀ, ମୋ ସ୍କୁଲ୍ ଭାରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ ।

# କେନ୍ଦୁଝରରେ ମଣ୍ଡଳସ୍ତରୀୟ ଚକ୍ଷୁ ଚିକିତ୍ସା ଶିବିର ସୁନେତ୍ର-୨୦୨୨ ଅନୁଷ୍ଠିତ

କେନ୍ଦୁଝର ,୧୦/୧୧ (ନି.ପ୍ର): ଛାତ୍ରଛାତ୍ରୀମାନଙ୍କର ଚକ୍ଷୁ ପରୀକ୍ଷା ଶିବିର (ସୁନେତ୍ର-୨୦୨୨) ଚଳିତ ନଭେମ୍ବର ୯ ତାରିଖ ବୁଧବାର ଦିନ ଜିଲ୍ଲା ସଦର ମହକୁମାସ୍ଥ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହିତ ଉଦ୍‌ବୋଧନ ଛଳରେ ଚକ୍ଷୁ ପାଇଁ ଉଦ୍ଦିଷ୍ଟ ବ୍ୟାୟାମ ନିୟମିତ ଅଭ୍ୟାସ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା କିଶୋର କୁମାର ପୃଷ୍ଟି ବକ୍ତବ୍ୟ ପ୍ରଦାନ କରି ଚକ୍ଷୁର ଉପଯୁକ୍ତ ଯତ୍ନ ନେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପରିଚାଳକ ନିତ୍ୟରଞ୍ଜନ ବରାଳ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସୁନେତ୍ର-୨୦୨୨ ର ଉଦ୍ଦେଶ୍ୟ ଓ ପରିଚାଳନା ସଂପର୍କରେ ଆଲୋକପାତ କରିଥିଲେ । ଚକ୍ଷୁ ବିଶେଷଜ୍ଞ ଡ଼ା ରଶ୍ମିରଞ୍ଜନ ଭଞ୍ଜ ଏହି ଶିବିରରେ ଚକ୍ଷୁର ଯତ୍ନ, ଶିବିରର ଉପାଦେୟତା ଓ ଆବଶ୍ୟକସ୍ଥଳେ ଚଷମାର ବ୍ୟବହାର ସଂପର୍କରେ ବୁଝାଇଥିଲେ । ଉକ୍ତ ଶିବିର ସମଗ୍ର ଶିକ୍ଷା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନଙ୍କ ମିଳିତ ଆନୁକୂଲ୍ୟରେ ପରିଚାଳିତ ହୋଇଥିଲା । ସୂଚନାଯୋଗ୍ୟ ଯେ, ଉକ୍ତ ଶିବିର ପର୍ଯ୍ୟାୟକ୍ରମେ ପ୍ରତି ବ୍ଲକରେ ଅନୁଷ୍ଠିତ ହେବାକୁ ଯାଉଛି । ସଦର ବ୍ଲକ ଓ ବାଂଶପାଳ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୫ ଦିନ ଧରି ଶିବିର ଅନୁଷ୍ଠିତ ହେଉଛି । ଜିଲ୍ଲାରେ ମୋଟ ୫୬ ଟି ଚକ୍ଷୁ ଚିକିତ୍ସା ଶିବିର ହେବ ବୋଲି ସୂଚନା ମିଳିଛି । ସମଗ୍ର ଶିକ୍ଷାର ଅର୍ନ୍ତନିବେଶୀ ଶିକ୍ଷା ସଂଯୋଜକ ପୀତବାସ ସାହୁ ଓ ରଜନୀକାନ୍ତ ସାହୁ ଶିବିରର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ବିଆରଟି ଶୁକଦେବ ପାଢୀ, ମମତାରାଣୀ ମିଶ୍ର, ଏବିଇଓ ମାନସ ରଞ୍ଜନ ମିଶ୍ର ତଥା ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟନାରାୟଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ, ଉକ୍ତ ଶିବିରରେ ପରୀକ୍ଷା ଅନୁଯାୟୀ ୧୦୩ ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ଯୋଗାଇ ଦିଆଯିବ ଏବଂ ଜଣଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯିବ ବୋଲି ଜଣାପଡିଛି ।

# ସବୁ ଜିଲ୍ଲାରେ କାର୍ଯ୍ୟକାରୀ ହେବ ମିଲେଟ ମିସନ : ୫ ବର୍ଷରେ ଖର୍ଚ୍ଚ କରାଯିବ ୨୮୦୮ କୋଟି ଟଙ୍କା

ଭୁବନେଶ୍ୱର ,୧୦/୧୧ (ନି.ପ୍ର): ମିଲେଟ ମିସନରେ ଆଗାମୀ ୫ ବର୍ଷରେ ୨୮୦୮ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ୧୯ ଜିଲ୍ଲାରେ ମିଲେଟ ମିସନ ଆରମ୍ଭ ହୋଇଥିବା ବେଳେ ସବୁ ଜିଲ୍ଲାରେ ମିଲେଟ ମିସନ କାର୍ଯ୍ୟକାରୀ ହେବ । ପ୍ରତିବର୍ଷ ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ପାଳନ ପାଇଁ ନିଷ୍ପତ୍ତି ନେଇଛନ୍ତି ସରକାର । ମାଣ୍ଡିଆ ହେଉଛି ପୁଷ୍ଟିର ଭଣ୍ଡାର । ଛୋଟ ପିଲାଙ୍କଠୁ ଆରମ୍ଭ କରି ବୁଢା ଲୋକଙ୍କୁ ପୃଷ୍ଟି ଯୋଗାଇଛି ମାଣ୍ଡିଆ । ଚାଷୀଙ୍କ ଅବସ୍ଥାର ଉନ୍ନତି ଓ ପୃଷ୍ଟିକୁ ଦୃଷ୍ଟିରେ ରଖି ଆରମ୍ଭ ହୋଇଛି ମିଲେଟ ମିଲେଟ ମିସନ । ଆଗାମୀ ୫ ବର୍ଷରେ ୨୮୦୮ କୋଟି ଖର୍ଚ୍ଚ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଜାତିସଂଘ ଏହାକୁ ପ୍ରଶଂସା କରିଛି । ମାଣ୍ଡିଆକୁ ଶ୍ରେଷ୍ଠ ଆହାର ଭାବେ ଲୋକପ୍ରିୟ କରାଇବାକୁ ଆହ୍ୱାନ କରିଛନ୍ତି ମୁଖ୍ୟମନ୍ତ୍ରୀ । ଅପରପକ୍ଷରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ମାଣ୍ଡିଆ ଚାଷ ବିକାଶ ପାଇ ୨୦୧୭-୨୦୧୮ ରେ ଆରମ୍ଭ ହୋଇଥିଲା ମିଲେଟ ମିସନ । ଭାରତ ସରକାର ଓ ନିତିଆୟୋଗ ଅନ୍ୟ ରାଜ୍ୟରେ ଏହାକୁ ଆପଣେଇବାକୁ ସ୍ୱୀକୃତି ଦେଇଛନ୍ତି । ମାଣ୍ଡିଆ ଚାଷ ପାଇଁ କମ ପାଣି, ଖତ ଓ ସାର ଆବଶ୍ୟକ । ପାର୍ବତ୍ୟ ଅଞ୍ଚଳରେ ଏହା ସୁହାଇବ । ଭରପୁର ପୋଷାକତତ୍ତ୍ୱ ରହିଛି ମଣ୍ଡିଆରେ । ଏହି ଚାଷ ପାଇଁ କ୍ଷୁଦ୍ର ଓ ନମପତ୍ର ଚାଷୀ ଓ ମିଶନ ଶକ୍ତିକୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ବର୍ତ୍ତମାନ ୧୭୭ ବ୍ଲକରେ ମାଣ୍ଡିଆ ଚାଷ କରାଯାଇଛି ।

# ଓଡିଶାକୁ ନେଇ ଗର୍ବ କରେ : ରାଷ୍ଟ୍ରପତି



ଭୁବନେଶ୍ୱର,୧୦ ନଭେମ୍ବର - ଓଡିଶାର ଭବିଷ୍ୟତ ପାଇଁ ଏହି ମାଟିର ଝିଅ ଭାବେ ମୁଁ ଅନେକ ସ୍ୱପ୍ନ ଦେଖିଛି ଓ ଓଡିଶାକୁ ନେଇ ମୁଁ ଗର୍ବ ଅନୁଭବ କରେ । ଓଡିଶା ତାର ମାନବ ସମ୍ବଳ ପାଇଁ ସାରା ବିଶ୍ୱରେ ପରିଚିତ । ଯଦି ପ୍ରାକୃତିକ ସମ୍ବଳର ଉଚିତ ବ୍ୟବହାର କରାଯିବ ତେବେ ଓଡିଶା ଭାରତରେ ଏକ ବିକଶିତ ରାଜ୍ୟ ହୋଇ ପାରିବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ରାଜଭବନ ଠାରେ ଏକ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହା କହିଛନ୍ତି । ସେ କହିଛନ୍ତି ଯେ ଓଡିଶାକୁ ପ୍ରକୃତିର ବରଦାନ ମିଳିଛି । ଓଡିଶାର ଲମ୍ବା ଉପକୂଳ ରହିଛି, ରାଜ୍ୟ ଖଣିଜ, ବନ ଓ ଜଳ ସମ୍ପଦରେ ସମୃଦ୍ଧ ରାଜ୍ୟ । ସେ କହିଛନ୍ତି ଯେ ଆମେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛୁ ଓ ୨୫ ବର୍ଷ ପରେ ସ୍ୱାଧୀନତାର ଶତାବ୍ଦୀ ପାଳନ କରିବା । ସେହିପରି ଓଡିଶା ୧୪ ବର୍ଷ ପରେ ନୂଆ ରାଜ୍ୟର ମାନ୍ୟତା ମିଳିବାର ଶହେ ବର୍ଷ ପୂରଣ କରିବ। ଏହି ସମୟ ଦେଶ ଓ ରାଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।ଭାରତକୁ ଏକ ବିକଶିତ ଦେଶ ଭାବେ ଗଢି ତୋଳିବାକୁ ସାମୁହିକ ପ୍ରୟାସର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି ଯେ ନିଜ ମାଟିର ମୋହରେ ଭିନ୍ନତା ରହିଛି। ନିଜ ମାଟିର ଆକର୍ଷଣ ନିଆରା ମଧ। ନିଜ ମାଟି 'ଓଡ଼ିଶା'କୁ ଆସି ମୁଁ ଆଜି ଆନନ୍ଦିତ। ରାଷ୍ଟ୍ରପତି ହେଲା ପରେ ଜନ୍ମମାଟିକୁ ପ୍ରଥମ ଆଗମନ କରିଛି। ଆପଣଙ୍କର ଶ୍ରଦ୍ଧା ଓ ଭଲ ପାଇବା ଅଭିଭୂତ କରିଛି। ଏପରି ଏକ ଭବ୍ୟ ଉତ୍ସବର ଆୟୋଜନ କରିଥିବାରୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ରାଷ୍ଟ୍ରପତି କହିଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ ଓଡ଼ିଶାବାସୀଙ୍କର ନୁହନ୍ତି, ସେ ଭାରତ ଓ ବିଶ୍ୱବାସୀଙ୍କର ଆରାଧ । ତେଣୁ ବିଶ୍ୱର କଲ୍ୟାଣ ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଛି। ଦାତାପଣରେ ଜଗନ୍ନାଥଙ୍କ ସମକକ୍ଷ କେହି ହୋଇପାରିବେ ନାହିଁ। ରାଜ୍ୟଗୁଡ଼ିକର ବିକାଶରେ ହିଁ ସମଗ୍ର ଭାରତର ବିକାଶ ନିହିତ । ସମୃଦ୍ଧ ଭାରତକୁ ସୁସମୃଦ୍ଧ କରିବାର ଅଭିଯାନ ଓଡ଼ିଶାରୁ ଆରମ୍ଭ ହେଉ , ଏହା ମୋର ଆନ୍ତରିକ ଇଚ୍ଛା । ସମାରୋହରେ ରାଜ୍ୟପାଳ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍ ମୁରଲୀଧର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ମଂଚାସୀନ ଥିଲେ।

# ଏସ.ଇ.ଏମ. ଓ ଗ୍ରାମୀଣ ଜଳ ଯୋଗଣ କର୍ମଚ୍ଛରୀ ସଂଘର ବୈଠକ

ନୀଳଗିରି-୧୦/୧୧ - ନୀଳଗିରି ସଜନାଗଡ଼ ସ୍ଥିତ ମା' ଭୂଧାରଚଣ୍ଡି ପ୍ରାଙ୍ଗଣରେ ଏସ.ଇ.ଏମ. ବା ସ୍ୱାବଲମ୍ବି କାରିଗର ଓ ଗ୍ରାମୀଣ ଜଳ ଯୋଗାଣ କର୍ମଚ୍ଛରୀ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ଅନୁଷ୍ଠିତ ହୋଇଅଛି । ଅଲ୍‌ଓଡ଼ିଶା କର୍ମଚ୍ଛରୀ ମହାସଂଘର ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲାର ନୂତନ କମିଟି ଗଠନ ସହ ୮ଦଫା ଦାବୀ ଉପରେ ଆଲୋଚନା କରାଯାଇଥିଲା । ବାଲେଶ୍ୱର ଜିଲ୍ଲାର ୮ଗୋଟି ବ୍ଲକ ଯଥା ଜଳେଶ୍ୱର, ବାଲିଆପାଳ, ଭୋଗରାଇ , ନୀଳଗିରି, ଔପଦା, ରେମୁଣା , ସିମୁଳିଆ, ଖଇରାରୁ ସମସ୍ତ ସ୍ୱାବଲମ୍ବି କାରିଗର ଓ ଗ୍ରାମୀଣ ଜଳ ଯୋଗାଣ କର୍ମଚ୍ଛରୀ ମାନେ ଉପସ୍ଥିତ ଥିଲେ । ୮ଦଫା ଦାବୀ ଉପରେ ଯଥା ଏସ.ଇ.ଏମ. ମାନଙ୍କୁ ମାସିକ ୭ହଜାର ଟଙ୍କା ପ୍ରଦାନ, ଦୁର୍ଘଟଣା ରାଶି ୧୦ଲକ୍ଷ ଟଙ୍କା ପ୍ରଦାନ କରିବା, ଏସ.ଇ.ଏମ. ମାନଙ୍କୁ ସରକାରୀ ପି.ଇ.ଏଫ., ଓ ଓ.ଏସ.ଆଇ. ପାଣ୍ଠି ପ୍ରଦାନରେ ଅର୍ନ୍ତଭୁକ୍ତ କରାଯାଉ । କର୍ମଚ୍ଛରୀମାନଙ୍କ ଅଭିଯୋଗ ଓ ପାରିଶ୍ରମିକ କ୍ଷମତା ସରପଂଚକୁ ନ ଦେଇ ପି.ଡି. କିମ୍ବା ବିଡିଓ ଙ୍କୁ ଦିଆଯାଉ । ଏସ.ଇ.ଏମ. ମାନଙ୍କୁ ଗ୍ରୀଷ୍ମକାଳିନ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉ । ସ୍ୱାସ୍ଥ୍ୟବିମା ରାଶି ୫ଲକ୍ଷ ଟଙ୍କା ଘୋଷଣା କରାଯାଉ । ପ୍ରତିବର୍ଷ କର୍ମଚ୍ଛରୀମାନଙ୍କୁ ୨ହଳ ଡ୍ରେସ ପ୍ରଦାନ କରାଯିବା ଆଦି ଦାବୀ ଉପରେ ଆଲୋଚନା କରାଯାଇଥିଲା । ବାଲେଶ୍ୱରର ଜିଲ୍ଲା ସଭାପତି ଭାବେ ରଘୁନାଥ ବାରିକ, ସଂପାଦକ ଭାବେ ନାରାୟଣ ଦତ ମନୋନୀତ ହୋଇଛନ୍ତି । ଉକ୍ତ ବୈଠକରେ ଅଲ ଓଡ଼ିଶା କର୍ମଚ୍ଛରୀ ମହାସଂଘରର ସଦସ୍ୟ ଅରୁଣ ନାୟକ, ଜିତେନ୍ଦ୍ର କୁମାର ସ୍ୱାଇଁ, ମୁକ୍ତିକାନ୍ତ ଦାଶ ଅଧିକାରୀ, ଅଭୟ କୁମାର ବେହେରା, ଦୀଲ୍ଲିପ ବାରିକ ପ୍ରମୁଖ ମଂଚାସୀନ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଓଡିଶାରେ ରାଷ୍ଟ୍ରପତି...

ରାଷ୍ଟ୍ରପତିଙ୍କ ପାଇଁ ଆସିଥିବା ବ୍ୟଞ୍ଜନ ତାଲିକାରେ ଥିଲା. ଘିଅ ଅନ୍ନ, ଶାଖ, ବେସର, ଦହି, କଦଳୀ ଭଜା, କାନିକା ଖେଚୁଡି, ଡାଲି, ଡାଲମା, ମହୁର, ଶାଗମୁଗ, ସନ୍ତୁଳା, ଛେନାବଡି ବେସର, ସପୁରୀ ଖଟା, ରାଇତା, ପୋଟଳ ରସା, ବିରିପିଠା,ଫଳ, ରାବିଡ଼ି, ଡାଡିଆ, ଝିଲ୍ଲୀ, ଚନ୍ଦ୍ରକାନ୍ତି,ହଂସକେଳି, ଏଣ୍ଡୁରି, କାକେରା । ଶ୍ରୀମନ୍ଦିରରୁ ଆସିଥିବା ମହାପ୍ରସାଦକୁ କଦଳୀ ପତ୍ରରେ ମହାମହିମଙ୍କୁ ପରଶା ଯାଇଥିଲା । ପୁଣି ମାଟିପାତ୍ରରେ ରସାବଳୀ ଓ ପାପୁଡି ପରଶା ଯାଇଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଗଜପତି ମହାରାଜା ଦିବ୍ୟସିଂହ ଦେବ, ପାଟରାଣୀଙ୍କ ସହ ତଳେ ବସି ଖାଇଛନ୍ତି ମହାପ୍ରସାଦ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟପାଳ ଗଣେଶୀ ଲାଲ, ରାଷ୍ଟ୍ରପତିଙ୍କ ଝିଅ ଓ ଜ୍ୱାଇଁ ମଧ ରାଷ୍ଟ୍ରପତିଙ୍କ ସହ ମହାପ୍ରସାଦ ସେବନ କରିଛନ୍ତି । ମହାମହିମ ରାଷ୍ଟ୍ରପତିଙ୍କ ଏହି ଗସ୍ତ ପୁରୀ ଶ୍ରୀମନ୍ଦିର ଓ ରାଜଭବନ ଇତିହାସରେ ନୂଆ ଫର୍ଦ ଯୋଡି ହୋଇଛି । ଯାହା ସ୍ମରଣୀୟ ହୋଇ ରହିବ ।

### ତାଇଓ୍ୱାନ ଉପରେ ସଙ୍କଟର...

ଚୀନ କହିଛି ଯେ ବିଟ୍ରେନ, ଓ୍ୱାନ ଚାଇନ ପଲିସିକୁ ଉଲ୍ଲଂଘନ କରୁଛି । ଚୀନ ବୈଦେଶିକମନ୍ତ୍ରାଳୟ କହିଛି କି ବିଶ୍ୱରେ ତାଇଓ୍ୱାନ ଚୀନର ଅଭିଚ୍ଛେଦ୍ୟ ଅଙ୍ଗ । ଚୀନ କୌଣସି ଦେଶକୁ ତାଇଓ୍ୱାନ ସହ କୁଟନୈତିକ କିମ୍ବା ସରକାରୀ ଆଲୋଚନାକୁ ବିରୋଧ କରୁଛି ଓ କରିବ । ଚୀନର ନିଷ୍ପତିକୁ ବିଟ୍ରେନ ସମ୍ମାନ ଜଣାଇବା ଉଚିତ ଓ ତାଇଓ୍ୱାନ ସହ କୌଣସି ପ୍ରକାର ସରକାରୀ ଆଲୋଚନାକୁ ଚୀନ ବିରୋଧ କରିବ । ତାଇଓ୍ୱାନରେ ଆୟୋଜିତ ଅର୍ନ୍ତରାଷ୍ଟ୍ରୀୟ ବ୍ୟପାରର ବାର୍ଷିକ ଉତ୍ସବରେ ଯୋଗ ଦେବାକୁ ବିଟ୍ରେନ ମନ୍ତ୍ରୀ ଯାଇଛନ୍ତି । ଏହି ସମୟରେ ସେ ତାଇଓ୍ୱାନ ରାଷ୍ଟ୍ରପତି ସ୍ୱାଇ ଇଙ୍ଗ୍ ବେନ ସହ ଭେଟିବେ ।

### ଜୈସଲମେରର ନହରୀ ଅଂଚଳରେ ବୋମା...

ଏହି ବମ୍‌ନୁମା ବସ୍ତୁ ମିଳିଛି, ସେଠାରେ ସେନାର ଫିଲ୍ଡ ଫାୟାରିଂ ରେଞ୍ଜର ପାଖାପାଖି ଅଟେ ଏବଂ ରେଞ୍ଜରେ ସମୟ ସମୟ ପର ନିୟମିତ ରୂପରେ ଅଭ୍ୟାସ ଚାଲୁରହିଛି। ପ୍ରଥମ ଦୃଷ୍ଟ୍ୟା ଏହି ବୋମା ଭଳି ବସ୍ତୁ ଏକ ଖୋଳ ଅଟେ। ଯେଉଁ ଅଭ୍ୟାସ ଅବସରରେ ବିଲରେ ଆସି ପଡ଼ିଥିଲା, ପୁଣି ଯାଂଚ କରାଯାଉଛି।

# ପୁରୀ ପାସେଞ୍ଜରର ପୁନଃ ପ୍ରଚଳନ, ଇଷ୍ଟକୋଷ୍ଟ, ଉତ୍କଳ ଏକ୍ସପ୍ରେସ ବସ୍ତାରେ ରହଣୀ ଦାବି କରି ଝାଡଖଣ୍ଡର ଆନ୍ଦୋଳନ

ବସ୍ତା ୧୦।୧୧ (ନି.ପ୍ର.) : କରୋନା ମହାମାରୀରେ ବନ୍ଦ ରହିଥିବା ଟ୍ରେନ ଗୁଡିକ ର ଚଳାଚଳ ଓ ନୂତନ ଟ୍ରେନର ରହଣୀ ଦାବି କରି ଗୁରୁବାର ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବସ୍ତା ଷ୍ଟେସନରେ ଆମରଣ ଅନଶନ ହୋଇଛି । ସୂଚନାରୁ ପ୍ରକାଶ ଯେ, କରୋନା କଟକଣା ହଟି ଯାଇଥିଲେ ମଧ ପୁରୀ ପାସେଞ୍ଜର ପୁନଃ ଚଳାଚଳ, ଉତ୍କଳ ଓ ଇଷ୍ଟକୋଷ୍ଟ ଏକ୍ସପ୍ରେସର ବସ୍ତାରେ ପୁନଃରହଣୀ ସହିତ ଜନଶତାବ୍ଦୀ, ସଂପର୍କକ୍ରାନ୍ତି, ନୀଳଚଳ ଏକ୍ସପ୍ରେସ, ଭେଲୁପୁରମ ଏକ୍ସପ୍ରେସର ରହଣୀ, ୪ନଂ ପ୍ଲାଟଫର୍ମ ଓ ଫୁଟ ଓଭରବ୍ରିଜ ନିର୍ମାଣ, ଫାଟକ ପାଖରେ ଫ୍ଲାଏ ଓଭରବ୍ରିଜର ନିର୍ମାଣ, ଭୁବନେଶ୍ୱର - ବାଲେଶ୍ୱର ମେମୁ ଟ୍ରେନକୁ ଜଳେଶ୍ୱର ଓ ହାଓଡା ଜଳେଶ୍ୱର ମେମୁ ଟ୍ରେନକୁ ବାଲେଶ୍ୱର ପର୍ଯ୍ୟନ୍ତ ସଂପ୍ରସାରଣ, ନୂତନ ଭାବେ ପୁରୀ ବୈଷ୍ଣୋଦେବୀ କଟରା ଟ୍ରେନ ପ୍ରଚଳନ, ପାସେଞ୍ଜର ଟ୍ରେନରେ ଏକ୍ସପ୍ରେସ ଭଡା ବନ୍ଦ, ଖଡ଼ଗପୁର ଖୋର୍ଦ୍ଧାରୋଡ ପାସେଞ୍ଜର ଟ୍ରେନକୁ କଟକ ଦେଇ ପ୍ରଚଳନ, ରାଜଘାଟ ରୁ ରୂପ୍ସା ପର୍ଯ୍ୟନ୍ତ ପିଚୁ ରାସ୍ତା ଓ ରେଳମନ୍ତ୍ରୀ ଙ୍କ ଘୋଷିତ ବସ୍ତାରେ ୧୦ଟି କାମ ଦାବି କରି ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ବାଲେଶ୍ୱର ଜିଲା ସଭାପତି କମଳଲୋଚନ ବାରିକ, ଉପସଭାପତି ପ୍ରଶାନ୍ତ ବେହେରା, ବସ୍ତା ବ୍ଲକ ସଭାପତି ଜହିରୁଦ୍ଦିନ କାଦ୍ରି, ସଂପାଦକ ସୋମନାଥ ବେହେରା, ବୁଧିଆ ମୁର୍ମୁ, ସେକ ଅସିମ ଅହମଦ, ପ୍ରଶାନ୍ତ କୁମାର ପାତ୍ର, ଗେଗୀତମ ବେହେରା, ବୈଦନାଥ ମୁର୍ମୁ, ଟାଙ୍ଗାଏ ମାଝୀ, ମନ୍ନେ ଆର ହକ, ଶ୍ରୀହରି ସରେନଙ୍କ ସମେତ ବହୁ କର୍ମୀ ଆମରଣ ଅନଶନରେ ବସିଛନ୍ତି। ଖବର ଲେଖା ପର୍ଯ୍ୟନ୍ତ ରେଳବାଇ ବୋର୍ଡର କୌଣସି ଅଧିକାରୀ ଘଟଣାସ୍ଥଳକୁ ଆସିନାହାନ୍ତି। ବସ୍ତା ଥାନା ପୁଲିସ ଓ ଆରପିଏଫ ଦଳ ଘଟଣାସ୍ଥଳରେ ରହି ଆଇନ ଶୃଙ୍ଖଳା ପରିସ୍ଥିତିକୁ ବଜାୟ ରଖିଛନ୍ତି।

# ଜନ୍ମମାଟିରେ ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀଙ୍କ ୬୮ତମ ଜନ୍ମ ବାର୍ଷିକ ମହାସମାରୋହରେ ପାଳିତ

ନୀଳଗିରି-୧୦/୧୧: ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ୬୮ ତମ ଜନ୍ମ ବାର୍ଷିକ ମହାସମାରୋହରେ ପାଳନ କରାଯାଇଛି । ନୀଳଗିରି ଯୁବ ସ୍ୱାଭିମାନ ମଂଚ ପକ୍ଷରୁ ଗୋପିନାଥପୁର ଠାରେ ଏକ ଆଡ଼ମ୍ବରପୂର୍ଣ୍ଣ ପରିବେଶ ମଧ୍ୟରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଜନ୍ମଦିନ ପାଳନ କରାଯାଇଅଛି । ଶ୍ରୀଯୁକ୍ତ ଷଡ଼ଙ୍ଗୀଙ୍କ ନିଜ ଜନ୍ମ ମାଟି ଗୋପିନାଥପୁର ହୋଇଥିବା ବେଳେ ଏତେ ଆଡ଼ମ୍ବର ପୂର୍ଣ୍ଣ ପରିବେଶରେ ତାଙ୍କର ଜନ୍ମଦିନ ପାଳନ କରାଯାଉଥିବା ନେଇ ବେଶ୍ ଖୁସିଥିବାର ଦେଖିବାକୁ ମିଳିଛି । ସ୍ୱର୍ଣ୍ଣଚୂଡ଼ ମଣ୍ଡଳର ସଭାତି ତାପସ କୁମାର ମହାନ୍ତିଙ୍କ ନେତୃତ୍ୱରେ ଶ୍ରୀଯୁକ୍ତ ଷଡ଼ଙ୍ଗୀଙ୍କ ୬୮ତମ ଜନ୍ମ ଦିବସ ଆୟୋଜିତ କରିଥିବା ବେଳେ ଏକ ବିରାଟ ପଟୁଆରରେ ଧୋବଶିଳା ଛକରୁ ଆଦିବାସୀ ନୃତ୍ୟର ତାଳେ ତାଳେ ତାଙ୍କୁ ପାଛୋଟି ଅଣାଯାଇଥିଲା । ଏହି ଅବସରରେ ମାଗଣା ସ୍ୱାସ୍ଥ୍ୟ ଶିବିର, ବାଲୁକା ଚିତ୍ରାଙ୍କନ, ରକ୍ତଦାନ ଶିବିର, ବୃକ୍ଷରୋପଣ, ଗୋସେବା, ଗୋରୁପୂଜନ, ସ୍ୱଚ୍ଛଭାରତ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆନନ୍ଦଉଲ୍ଲାସରେ ଶ୍ରୀଯୁକ୍ତ ଷଡ଼ଙ୍ଗୀଙ୍କ ଜନ୍ମଦିନ ପାଳନ କରାଯାଇଥିଲା । ଦୁଇ ହଜାର ଲୋକଙ୍କ ସମାଗମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ବିଭିନ୍ନ ପୌରାଣିକ ବହି, ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରିଛନ୍ତି । ୬୮ତମ ଜନ୍ମଦିବସକୁ ସାସଂଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରଦୀପ ପ୍ରଜ୍ୱଳନ କରି ଜନ୍ମଦିନ ପାଳନ କରିଥିବା ବେଳେ ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ବୈରାଗୀ ବେହେରା, ଅକ୍ଷୟ ବେହେରା, କରୁଣାକର ପଣ୍ଡା, ପ୍ରକାଶ ମହାପାତ୍ର, ଶୁଭାଶିଷ ଆଚାର୍ଯ୍ୟ, ସୁଇଟ ବାରିକ, ତାପସ କୁମାର ମହାନ୍ତି, ଜୟନ୍ତି ମଲିକ ପ୍ରମୁଖ ପ୍ରତାପ ଷଡ଼ଙ୍ଗୀଙ୍କ ଜନ୍ମଦିନରେ ଶୁଭକାମନା ମନାଷୀ ଥିବା ବେଳେ ଜନ୍ମଦିନ ଶୁଭେଚ୍ଛା ଜଣାଇବା ସହ ଉତୋରତୋର କାମନା କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତିବିଶେଷ ଯଥା ଚିତ୍ରଶିଳ୍ପୀ କେଶୁ ଦାସ, ନିରଂଜନ ସାହୁ, ସନ୍ଧ୍ୟାରାଣି ନାୟକ ସମେତ ଗଣମାଧ୍ୟମର ପ୍ରତିନିଧି, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନକୁ ସମ୍ମାନୀତ କରାଯାଇଥିଲା ।

## ନୀଳଗିରି ଉପଖଣ୍ଡକୁ ମରୁଡ଼ି ଘୋଷଣା କରାଯାଉ ଦାବିରେ ଉପଜିଲ୍ଲାପାଳଙ୍କୁ ଦାବୀପତ୍ର

ନୀଳଗିରି-୧୦/୧୧ - ବର୍ଷା ଅଭାବ ଓ ଚକଡ଼ା ପୋକ ଯୋଗୁଁ ନୀଳଗିରି ଉପଖଣ୍ଡର ଧାନଚ୍ଛଷ ସଂପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ଯଥାଶୀଘ୍ର ନୀଳଗିରି ଉପଖଣ୍ଡକୁ ମରୁଡ଼ି ଘୋଷଣା କରାଯାଉ ଦାବୀରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରରି ଅଚଂଳ କମିଟି ପକ୍ଷରୁ ନୀଳଗିରି ଉପଜିଲ୍ଲାପାଳକୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଦୀର୍ଘ ୧ମାସ ଧରି ବର୍ଷା ନ ହେବାରୁ ଚାଷୀର ଷୋଳପଣ ଆଶା ଆଜି ମରୁଡ଼ି ଗର୍ଭର ପଡ଼ିଥିବା ବେଳେ ଚାଷୀକୁଳ ହତାଶ ହୋଇପଡ଼ିଛି । ସାତ ଦଫା ଦାବୀ ସମ୍ବଳିତ ମଧ୍ୟରେ ନୀଳଗିରିକୁ ମରୁଡ଼ି ଅଂଚଳ ଭାବେ ଘୋଷଣା କରିବା, ଇମ୍ପୋଟ ସବସିଡ୍ ପ୍ରଦାନ କରିବା, ଗଭୀର ନଳକୂପ ଗୁଡ଼ିକ ତ୍ୱରାନ୍ୱିତ କରିବା, ଚାଷୀକୁ ମାଗଣାରେ ପମ୍ପସେଟ୍ ଯୋଗାଇ ଦେବା, ପାଇଲଟ ଯୋଜନାରେ ଖନନ ନଳକୂପ ଗୁଡ଼ିକୁ ବ୍ୟକ୍ତିବିଶେଷଙ୍କ ଠାରୁ ଉଦ୍ଧାର କରି ଜମିକୁ ପାଣିଦେବାର ବ୍ୟବସ୍ଥା, ଚକଡ଼ା ପୋକ ଦାଉରୁ କ୍ଷେତକୁ ସୁରକ୍ଷା ପାଇଁ ମାଗଣାରେ ପୋକମରା ଔଷଧ ପ୍ରଦାନ ଆଦି ଦାବୀ ଖୁବ୍ ଶୀଘ୍ର ପୂରଣ ପାଇଁ ସି.ପି.ଆଇ. ଦଳର ଜିଲ୍ଲାସଂପାଦକ ନିରଂଜନ ବାରିକ, ବିକ୍ରମ କେଶରୀ ମିଶ୍ର, ପ୍ରଭାକରର ମହାପାତ୍ର, ବିଜୟ କୁମାର ସ ଦାବୀ କରିଛନ୍ତି ।

## ପ୍ରଖ୍ୟାତ ଚିତ୍ରଶିଳ୍ପୀ ଶିବ ପାଣିଗ୍ରାହୀଙ୍କୁ ଶ୍ରଦ୍ଧାଞ୍ଜଳି



ବାରିପଦା; ୧୦/୧୧ : (ନି.ପ୍ର) ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ତରଫରୁ ମୟୂରଭଞ୍ଜ ମାଟିର ଗର୍ବ ଓ ଗୌରବ ପ୍ରଖ୍ୟାତ ଚିତ୍ରଶିଳ୍ପୀ ଶିବ ପାଣିଗ୍ରାହୀଙ୍କ ତିରୋଧାନ ଦିବସରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ବାଲେଶ୍ୱର ସ୍ଥିତ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ଼ଃ ସରୋଜ ନାୟକ, କଣ୍ଡାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର, ପ୍ରକୃତିବନ୍ଧୁ ବସନ୍ତ କୁମାର ଦତ୍ତ, ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଚିତ୍ରକଳା କ୍ଷେତ୍ରରେ ସ୍ୱର୍ଗତ ପାଣିଗ୍ରାହୀଙ୍କ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ତାଙ୍କ ଚିତ୍ରକଳାଗୁଡିକ ସାମ୍ପ୍ରତିକ ସମୟର ଯୁବ ଚିତ୍ରଶିଳ୍ପୀ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମତ ପ୍ରକାଶ ପାଇଥିଲା ।

# ନେଦରଲ୍ୟାଣ୍ଡର ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ବୋଇତ ବନ୍ଦାଣ ଉତ୍ସବ ପାଳିତ



ଆମଷ୍ଟରଡ଼ମ, ୧୦/୧୧ : ନେଦରଲ୍ୟାଣ୍ଡରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆ ମାନେ ମହାସମାରୋହରେ ପଞ୍ଚମ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ପର୍ବ ଏବଂ ବୋଇତ ବନ୍ଦାଣ ଉତ୍ସବ ପାଳନ କରିଥିବା ଜଣାଯାଇଛି । ଓଡ଼ିଆ ସୋସିଓ କଲଚରାଲ ଆସୋସିଏସନ୍ ନେଦରଲ୍ୟାଣ୍ଡ ( ଓସକାନ) ଦ୍ୱାରା ବହୁ ଆଡ଼ମ୍ବରରେ ଆୟୋଜିତ ଏହି ମହୋତ୍ସବରେ ନେଦରଲ୍ୟାଣ୍ଡର ବିଭିନ୍ନ ଇଲାକାରେ ରହୁଥିବା ଶତାଧିକ ଓଡ଼ିଆ ଓ ଅଣଓଡ଼ିଆ ଜନସାଧାରଣ ସେମାନଙ୍କର ପରିବାର ଓ ବନ୍ଧୁ ପରିଜନଙ୍କ ସହିତ ସାମିଲ ହୋଇଥିବା ଦେଖାଯାଇଥିଲା। ଏହି ଉପଲକ୍ଷେ ଉତ୍ସବ ସ୍ଥଳ ନେଦରଲ୍ୟାଣ୍ଡର ଆଲମେରେ ନଗରର ଦେ ରୁଇମତେ ସଭାଗୃହକୁ ସମ୍ବଲପୁରୀ ବସ୍ତ୍ର ଓ ଓଢ଼ଣୀ, ରଙ୍ଗବେରଙ୍ଗର ପିପିଲି ଚାନ୍ଦୁଆ ଯୁକ୍ତ ଆଲୋକ ଏବଂ ବିଭିନ୍ନ କିସମର କାଗଜ ଡଙ୍ଗାରେ ବେଶ ସୁନ୍ଦର ଓ ଆକର୍ଷଣୀୟ ଢଙ୍ଗରେ ସଜାଯାଇଥିଲା। ସମଗ୍ର ପରିବେଶ ଉତ୍ସବ ମୁଖର ହୋଇ ଉଠିବା ସାଙ୍ଗକୁ ଏକ କ୍ଷୁଦ୍ର ଓଡ଼ିଶାର ଅନନ୍ୟ ଓ ନିଆରା ରୂପ ଧାରଣ କରିଥିବା ଭଳି ଲାଗୁଥିଲା। ବିନା କୋଭିଡ୍ କଟକଣା ମଧ୍ୟରେ ଚଳିତ ବର୍ଷ କାର୍ତ୍ତିକ ପୂର୍ଣ୍ଣିମା ପାଳନ କରାଯାଉଥିବାରୁ ଉପସ୍ଥିତ ଦର୍ଶକ ମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉଲ୍ଲାସ, ଉତ୍ସାହ ଏବଂ ଉଦ୍ଦୀପନା ଦେଖିବାକୁ ମିଳିଥିଲା। ୨୦୧୭ ମସିହାରେ ମାତ୍ର ୧୫ ଜଣ ଓଡ଼ିଆଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଉତ୍ସବ ଏବେ ସମଗ୍ର ୟୁରୋପରେ ହଇଚଇ ସୃଷ୍ଟି କରି ଏକ ବିଶାଳ କାର୍ଯ୍ୟକ୍ରମର ସ୍ୱରୂପ ଧାରଣ କରିଥିବା ଲକ୍ଷ୍ୟ କରାଯାଉଛି। ମୁଖ୍ୟ ଅତିଥି କ୍ୱାଲିଟି ଫର ଲାଇଫର ପ୍ରତିଷ୍ଠାତା ଲେଳିତା ବିନ୍ଦ୍ରାବନ ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦ୍ଘାଟନ କରିଥିଲେ। କ୍ୱାଲିଟି ଫର୍ ଲାଇଫ ଏବେ ଓଡ଼ିଶାର ପୁରୀ ଜିଲ୍ଲାରେ ସାମାଜିକ ଉନ୍ନୟନ ପ୍ରକଳ୍ପ ମାନଙ୍କ ପାଇଁ କାର୍ଯ୍ୟରତ ରହିଛି ।ଶ୍ରୀମତୀ ବିନ୍ଦ୍ରାବନ ତାଙ୍କର ସମ୍ବୋଧନରେ ନେଦରଲ୍ୟାଣ୍ଡ ଭଳି ବିଦେଶୀ ଭୂମିରେ ଓସକାନ, ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ପ୍ରଚାର ଓ ପ୍ରସାର କରିବା ପାଇଁ ଅହରହ ପ୍ରୟାସ କରୁଥିବାରୁ ଏହାର ଭୂରିଭୂରି ପ୍ରଶଂସା କରିଥିଲେ। ଓ୍ୱାର୍ଲଡ୍ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ତାଙ୍କର ଶୁଭେଚ୍ଛା ବାର୍ତ୍ତାରେ ବ୍ରାଣ୍ଡ ଓଡ଼ିଶାର ମହତ୍ତ୍ୱ ଓ ମହନୀୟତାକୁ ସମଗ୍ର ୟୁରୋପରେ ଲୋକପ୍ରିୟ କରିବା ପାଇଁ ଓସକାନ ଚେଷ୍ଟିତ ଥିବାରୁ ଏହାର ନେତୃବୃନ୍ଦଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ନେଦରଲ୍ୟାଣ୍ଡର କେନାଲ ଘାଟରେ 'ଆ, କା, ମା, ବୈ... ଉଚ୍ଚାରଣ କରାଯିବା ସହିତ ଉପସ୍ଥିତ ମହିଳା ମାନଙ୍କ ଦ୍ୱାରା ବୋଇତ ବନ୍ଦାପନା କାର୍ଯ୍ୟ ସମ୍ପନ୍ନ କରଯାଇଥିଲା। ଏହା ପରେ ଭସାଣିର ଶୁଭାରମ୍ଭ ହୋଇଥିଲା। ସମଗ୍ର ଗଗନ, ପବନ ହରିବୋଲ, ହୁଳୁହୁଳି ଧ୍ୱନୀ ଏବଂ ଶଙ୍ଖନାଦରେ ପ୍ରକମ୍ପିତ ହେବା ସାଙ୍ଗକୁ ସୁଶୋଭିତ ବୋଇତ ଗୁଡ଼ିକର ଜଳଯାତ୍ରାର ଦୃଶ୍ୟ ଅତ୍ୟନ୍ତ ମର୍ମସ୍ପର୍ଶୀ ଥିଲା। ଉତ୍ସବର ବିଶେଷ ଆକର୍ଷଣ ଭାବେ ଓସକାନର ସଦସ୍ୟ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦର୍ଶକ ମାନଙ୍କ ଦ୍ୱାରା ବହୁ ଆଦୃତ ବିବିଧ ମନୋଲୋଭା ପ୍ରସ୍ତୁତି ଗୁଡ଼ିକ ମଧ୍ୟରେ ହୃଦୟସ୍ପର୍ଶୀ ଜଗନ୍ନାଥ ଭଜନ ଓ ଓଡ଼ିଆ ଆଧୁନିକ ସଙ୍ଗୀତ ପରିବେଷଣ, ଭାଗବତ ଟୁଙ୍ଗୀ ନାଟିକାର ମଞ୍ଚସ୍ଥ,ବୋଇତ ନିର୍ମାଣ, ସର୍ବୋତ୍କୃଷ୍ଟ ପୋଷାକ ପିନ୍ଧା, ପିଲାମାନଙ୍କ ମଧ୍ୟରେ କାର୍ତ୍ତିକ ପୂର୍ଣ୍ଣିମା ଉପରେ ଚିତ୍ରାଙ୍କନ ପ୍ରତିଯୋଗୀତା ମାନ ଆୟୋଜନ ଏବଂ ସ୍ୱାଦିଷ୍ଟ ଓଡ଼ିଆ ବ୍ୟଞ୍ଜନ ଯଥା ଆଳୁଚପ,ସୁଜି କାକରା ପିଠା, ଝାଲ ମୁଢ଼ି,ଆଳୁ ପୋଟଳ ରସା ଓ ଛେନା ତରକାରୀ ଆଦି ପରସା ଯିବା ଅନ୍ତର୍ଭୁକ୍ତ ଥିଲା। ସମଗ୍ର ଆୟୋଜନକୁ ବ୍ୟାପକ ଭାବେ ସଫଳ କରାଇବାରେ ଓସକାନର ଦକ୍ଷ ସଂଗଠକ କୋର୍ ଟିମ୍ ଯଥା ସଭାପତି ଶାଶ୍ୱତ ପାଢ଼ୀ, ସୁଶୀଲ ଦାସ ମହାପାତ୍ର, ଅଂଶୁମାନ ମିଶ୍ର, ପରିତୋଷ ମହାପାତ୍ର, ନୀଳମାଧବ ମିଶ୍ର, ସୋମନାଥ ଲେଙ୍କା, ଲୋପାମୁଦ୍ରା ନାୟକ, ଦୀପକ ପରିଡ଼ା, ଦେବଦତ୍ତ ଦାସ, ଅରବିନ୍ଦ ଘଡାଇ, ଲିଓଶ୍ରୀ ମହାପାତ୍ର ଏବଂ ଶୁଭେନ୍ଦୁ ଆଚାର୍ଯ୍ୟ ପ୍ରମୁଖଙ୍କର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା। କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ -୨୦୨୨ କୁ ଆୟୋଜନ କରିବାରେ ଓଡ଼ିଶାର ଆଓନେକଷ୍ଟ ଏବଂ ନେଦରଲ୍ୟାଣ୍ଡର ନୋବେଲ ହାଇପୋଥେକେନ୍, ଜନସେନସ୍ମିଥ ମ୍ୟାକେଲାରସ ଓ ଟେକସେଟିୟୁରସ ପ୍ରମୁଖ ସଂସ୍ଥା ଗୁଡିକ ସାହାଯ୍ୟ ସହଯୋଗ ଯୋଗାଇ ଦେଇଥିଲେ।

# ନଭେମ୍ବର ୧୫ ଏବଂ ୧୬ ତାରିଖ ୨୦୨୨ : ଭଦ୍ରକ ଜିଲ୍ଲା ନିଯୁକ୍ତି ମେଳା

ଭଦ୍ରକ, ତା ୧୦/୧୧( ନି.ପ୍ର) ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ତଥା ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ଭଦ୍ରକ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଆସନ୍ତା ୧୫ ଓ ୧୬ ନଭେମ୍ବର ( ସକାଳ ୯ ଟାରୁ ଦିବା ୨ ଘଟିକା )ଦିନ ଭଦ୍ରକ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରର ୧୨-୧୫ ଜଣ ନିଯୁକ୍ତିଦାତା ଏବଂ ୫-୭ଜଣ ପ୍ରଶିକ୍ଷଣ ଭିତ୍ତିକ ନିଯୁକ୍ତି ସଂସ୍ଥା ଭାଗ ନେବେ ବୋଲି ଜିଲ୍ଲା ନିୟୋଜନ ଅଧିକାରୀଙ୍କ ନିକଟରୁ ପ୍ରକାଶ । ପଞ୍ଚମ ରୁ ଦଶମ, +୨, +୩, ଆଇ.ଟି.ଆଇ, ଡ଼ିପ୍ଲୋମା ତଥା ନର୍ସିଂ ଯୋଗ୍ୟତାଧାରୀ ୧୮ ରୁ ୩୫ ବର୍ଷୀୟ ଯୁବକ ଯୁବତୀମାନେ ଏହି ମେଳାରେ ଅଂଶ ଗ୍ରହଣ କରିପାରିବେ । ସରକାରୀ ଚାକିରୀ ବ୍ୟତୀତ ବେସରକାରୀ ସଂସ୍ଥାରେ ଉପଲବ୍ଧ ନିଯୁକ୍ତିର ସୁଯୋଗ ନେଇ ରୋଜଗାରକ୍ଷମ ହେବା ପାଇଁ ଜିଲ୍ଲାର କୋଣ ଅନୁକୋଣରୁ ସମସ୍ତ ନିଯୁକ୍ତି ଆଶାୟୀ ପ୍ରାର୍ଥୀମାନେ ସରକାରଙ୍କର ଏହି ଅଭିନବ କାର୍ଯ୍ୟକ୍ରମରୁ ଲାଭ ନେବାପାଇଁ ଜିଲ୍ଲା ପ୍ରଶାସନ ଆହ୍ୱାନ କରୁଛି । ଏହି ମେଳାରେ ବେସରକାରୀ ନିଯୁକ୍ତିର ସୁଯୋଗ ଟ. ୧୨୦୦୦ - ୨୦୦୦୦ ମାସିକ ବେତନ ସହ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ଥିବାର ସୂଚନା ମିଳେ ।

## ଆରଏସଏସ୍‌ର ବସ୍ତା ଖଣ୍ଡ ସମ୍ମିଳନୀ

ବସ୍ତା ୧୦।୧୧ (ନି.ପ୍ର.) : ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବସ୍ତା ଖଣ୍ଡର ସମ୍ମିଳନୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଂଖ୍ୟକ ସ୍ୱୟଂ ସେବକ ଓ ସମର୍ଥକ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ସ୍ଥାନୀୟ ଈଶ୍ୱରବର୍ତ୍ତୀ ମନ୍ଦିର ପ୍ରାଙ୍ଗଣରେ ଶାଖା ଆରମ୍ଭ ହୋଇ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱର ବିଭାଗ ପ୍ରଚାରକ ବିଷ୍ଣୁଚରଣ ନାୟକ, ବସ୍ତା ଖଣ୍ଡ କାର୍ଯ୍ୟବାହ ନିରଂଜନ ବେହେରା, ସଂଘ ଚାଳକ ବାସୁଦେବ ନାୟକ, ଶଚୀନ୍ଦ୍ର ଗିରି, ଜିଲା ଅଧିକାରୀ ପ୍ରୀତିଶ ରଥ, ଦୀପକ ଭଦ୍ର, ବଳରାମ ପ୍ରଧାନ, ଖଗେଶ୍ୱର ପାତ୍ର, ବିଶ୍ୱଜିତ ଦାସ, ସଂଜୟ କୁମାର ପାଣି ପ୍ରମୁଖ ବୌଦ୍ଧିକ ଦେଇ ସଂଘ କାର୍ଯ୍ୟକୁ ଅଧିକରୁ ଅଧିକତର ବିସ୍ତାର ପାଇଁ ଆହ୍ୱାନ ଦେଇଥିଲେ।

## ମାଣ୍ଡିଆକୁ ପ୍ରୋତ୍ସାହିତ କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆହ୍ୱାନ କଲେ

ଭୁବନେଶ୍ୱର, ୧୦ /୧୧ : - କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ନିରୋଗୀ ଓ ହିତକର ଖାଦ୍ୟ ମାଣ୍ଡିଆକୁ ପ୍ରୋତ୍ସାହିତ କରିବାକୁ ଆହ୍ୱାନ ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ୨୦୨୩ ବର୍ଷକୁ ଅନ୍ତରାଷ୍ଟ୍ରୀୟ ମିଲେଟ ବର୍ଷ ଭାବେ ପାଳନ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ମନ କି ବାତ କାର୍ଯ୍ୟକ୍ରମରେ ମାଣ୍ଡିଆକୁ ଏକ ଜନଆନ୍ଦୋଳନର ରୂପ ଦେବା ପାଇଁ ଆହ୍ୱାନ କରିଥିଲେ । ଆସନ୍ତୁ, ଏହି ନିରୋଗୀ ଓ ହିତକର ଖାଦ୍ୟକୁ ପ୍ରୋତ୍ସାହିତ କରିବା । ସେ ଆହୁରି କହିଛନ୍ତି ଯେ - ଆଜି ହେଉଛି ମାର୍ଗଶିର ମାସର ପ୍ରଥମ ଗୁରୁବାର । ଏହି ପବିତ୍ର ଦିନରେ ଆପଣ ସମସ୍ତଙ୍କୁ 'ମାଣ୍ଡିଆ ଦିବସ'ର ଶୁଭେଚ୍ଛା । କୁପୋଷଣ ବିରୋଧୀ ଲଢେଇରେ ସ୍ୱାସ୍ଥ୍ୟକର ଓ ପୁଷ୍ଟିକର ଖାଦ୍ୟ 'ମାଣ୍ଡିଆ' ଆମ ପାଇଁ ବେଶ୍ ଲାଭଦାୟକ ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ' : ପ୍ରତିଭାର ବିକାଶ ପରିଚୟ ଦିଏ - ଜିଲ୍ଲାପାଳ

ଭଦ୍ରକ,୧୦/୧୧ (ନି.ପ୍ର): ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଉଦ୍ଦିଷ୍ଟ 'ମହକ' କାର୍ଯ୍ୟକ୍ରମ ଆଜି ଭଦ୍ରକ ଜିଲ୍ଲା ସ୍ତରରେ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବକୁ ଉଦ୍‌ଘାଟନ କରି ଶିଶୁମାନେ ହିଁ ଦେଶର ଭବିଷ୍ୟତ, ସେମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟିଲେ ଦେଶର ବିକାଶ ସମ୍ଭବ ହୋଇପାରିବ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ଅନ୍ୟତମ ଅତିଥି ଭାବେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁଦର୍ଶନ ବାରିକ ଏବଂ ଉକ୍ତ କମିଟିର ସଦସ୍ୟ ସତ୍ୟସୁନ୍ଦର ପୁହାଣ, ପ୍ରଦୀପ୍ତ କର ଯୋଗଦେଇଥିଲେ। ଦିନ ତମାମ୍ ଶିଶୁ ମାନଙ୍କ ମଧ୍ୟରେ ଏକକ ସଙ୍ଗୀତ, ଦଳଗତ ନୃତ୍ୟ, ଚିତ୍ରାଙ୍କନ, ବକ୍ତୃତା, କ୍ୱିଜ୍ ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନୀ ଅଧିବେଶନରେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନେ ହିଁ ଦେଶର ସମ୍ପଦ, ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ବକ୍ତବ୍ୟ ପ୍ରସଙ୍ଗରେ ପ୍ରକାଶ କରିଥିଲେ। ନିଜ ପିଲାଦିନ ଅନୁଭୂତି ପ୍ରକାଶ କରିବା ଆଧାରରେ ପିଲାମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ହେଲେ ସମାଜରେ ପରିଚୟ ମିଳେ ବୋଲି କହିଥିଲେ। ଆହୁରି ମଧ୍ୟ କହିଥିଲେ ସାଂସ୍କୃତିକ କାର୍ଯ୍ୟକ୍ରମ ମନୋରଞ୍ଜନ ସହିତ କଳାର ବିକାଶ ଘଟାଏ ଓ ଅନ୍ୟମାନଙ୍କୁ ଉତ୍ସାହିତ କରାଇଥାଏ। ବୃକ୍ଷଲତା ବର୍ଷାକୁ ଚାହିଁଥିଲା ଭଳି ଅନେକ ସମୟରେ ଆମେ ସମସ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବି ଅପେକ୍ଷା କରିଥାଉ। କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ବିତରଣ କରି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ନିଜ ନିଜ ପାଖରେ ଥିବା ପ୍ରତିଭାର ବିକାଶ ପାଇଁ ସାଧନା କରି ଆଗକୁ ମାଁ କମାନ୍ତୁ ବୋଲି କହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ସୁଦର୍ଶନ ବାରିକ ଓ ଖାଉଟି ଫୋରମ୍‌ର ଅଧ୍ୟକ୍ଷ ଶିବପ୍ରସାଦ ମହାନ୍ତି ଯୋଗ ଦେଇଥିଲେ।

# ଜନ୍ମଦିନ ଉପଲକ୍ଷେ ପ୍ରତାପ ନନା ବାଲେଶ୍ୱର ରେଳ ଷ୍ଟେସନରେ ଭେଣ୍ଡିଂ ମେସିନ ଉଦ୍‌ଘାଟିତ



ବାଲେଶ୍ୱର,୧୦/୧୧ (ନି.ପ୍ର): ସ୍ଥାନୀୟ ରୋୟାଲ କୁଇନ ସଭାଗୃହରେ ବିଜେପିର ବରିଷ୍ଠ ନେତା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଜନ୍ମଦିନ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ପାଳିତ ହୋଇଯାଇଛି । ଆଜି ଜନ୍ମଦିନ ଉପଲକ୍ଷେ ପ୍ରତାପ ନନା ବାଲେଶ୍ୱର ରେଳ ଷ୍ଟେସନରେ ଭେଣ୍ଡିଂ ମେସିନ ଉଦଘାଟନ, ଅନ୍ଧ ମୂକ ବଧିର ବିଦ୍ୟାଳୟରେ ମିଷ୍ଟାନ୍ନ ବଣ୍ଟନ, ହୋଟେଲ ରୟାଲ କୁଇନଠାରେ ଶିକ୍ଷିତ ବେକାର ଯୁବକ ମାନଙ୍କୁ ଇ ରିକ୍ସା ପ୍ରଦାନ କରିବା ସହ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଉଦ୍ଘାଟନ କରିଥିଲେ । ସବୁଠୁ ଆକର୍ଷଣୀୟ ଥିଲା ନୀଳଗିରିର ଗୋପିନାଥପୁର ପଡିଆରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ଅଙ୍ଗଦାନ ପାଇଁ ପତ୍ର ଦାଖଲ, ବେଦ ପାଠ, ଗୋ ପୂଜନ, ମୁକ୍ତ ବିହଙ୍ଗ ଇତ୍ୟାଦି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି - ଉମାକାନ୍ତ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ - ପର୍ଶୁରାମ ପରିଡ଼ା, ପୂର୍ବତନ ବିଧାୟକ - ଜୀବନ ପ୍ରଦୀପ ଦାସ୍, ଜୋନାଲ ମିଡ଼ିଆ ସଂଜଯୋକ୍ - ସତ୍ୟଜିତ୍ ମିଶ୍ର, ରାଜ୍ୟ ମହିଳା ମୋର୍ଚ୍ଚା ର ସୁଷମା ବିଶ୍ୱାଳ,ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି - ଅରବିନ୍ଦ ବେହେରା, ଜିଲ୍ଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଜିଲ୍ଲା ମିଡ଼ିଆ ସହ ସଂଯୋଜକ ତଥା ଯୁବ ମୋର୍ଚ୍ଚା ସମ୍ପାଦକ ଅରୂପ ଜେନା, ଅନିଲ ମହାନ୍ତି, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ- ଖଗେନ୍ଦ୍ର କୁମାର ନାୟକ, ସମ୍ପାଦକ ନାରାୟଣ ମହନ୍ତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ନଗର ସଭାପତି - ଚିତ ରଞ୍ଜନ ପଣ୍ଡା,ଲକ୍ଷ୍ମୀକାନ୍ତ ବେହେରା, ପ୍ରତାପ ମହାନ୍ତି, ଜିଲ୍ଲା ସମ୍ପାଦିକା - ମହୁଆ ପ୍ରଧାନ,ସସ୍ମିତା ଚାନ୍ଦ, ମହିଳା ମୋର୍ଚ୍ଚା ସଭାନେତ୍ରୀ ମନୀଷା ବେହେରା, ଯୁବ ମୋର୍ଚ୍ଚା ଉପସଭାପତି ପିଣ୍ଟୁ ପଣ୍ଡା ଭାଗ୍ୟରଞ୍ଜନ ନାୟକ, ସଂଜୀବ ପ୍ରଧାନ, ରାକେଶ ମଲିକ, କମଳା ବିନ୍ଧାଣି, ମଣ୍ଟୁ ପେରିବାଲ, ଯୋଗେନ ରଣା, ସସ୍ମିତା ନାଥ, ତରୁଲତା ମହାନ୍ତି, ମଧୁଶ୍ରୀ ମିଶ୍ର, ଝରଣା ଦାସ, ସଂଯୁକ୍ତା ମହାପାତ୍ର, ସିପ୍ରା ମହାପାତ୍ର ଜିତେନ୍ଦ୍ର ଷଡଙ୍ଗୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଓଡ଼ିଶା ରାଜ୍ୟ ପୁରୁଷ ଓ ମହିଳା ଟେନିକଏଟ ଦଳରେ ଭଦ୍ରକରୁ ୫ ଖେଳାଳୀ

ଭଦ୍ରକ,୧୦/୧୧ (ନି.ପ୍ର): ୪୬ତମ ଜାତୀୟ ବରିଷ୍ଠ ଟେନିକଏଟ ପ୍ରତିଯୋଗିତା ଆସନ୍ତାକାଲି ଠାରୁ ହରିଆନାର ସୋନିପଥ ଠାରେ ଆରମ୍ଭ ହେଉଛି। ଏହି ପ୍ରତିଯୋଗିତା ନିମନ୍ତେ ଉଭୟ ପୁରୁଷ ଓ ମହିଳା ରାଜ୍ୟ ଟେନିକଏଟ ଦଳ ଚୟନ କରାଯାଇଛି। ଏହି ଦଳରେ ଭଦ୍ରକରେ ପୁରୁଷ ଦଳରେ ୩ଜଣ ଏବଂ ମହିଳା ଦଳରେ ୨ ଜଣ ମିଶି ମୋଟ ୫ ଜଣ ଖେଳାଳୀ ଭଦ୍ରକରୁ ମନୋନୀତ ହୋଇଛନ୍ତି। ଏହି ଖେଳାଳୀ ମାନେ ହେଲେ ରାଜେଶ ନାୟକ, ନାରାୟଣ ବେହେରା, ନିର୍ମଳ ସନ, ସୁଇଟ୍ସ୍ମିତା ଜେନା, ଅଭିଲିପ୍ସା ପୃଷ୍ଟି। ଏହି ଖେଳାଳୀଙ୍କ ସଫଳତା କାମନା କରି ଟେନିକଏଟ ସଂଘ ଭଦ୍ରକ ଜିଲ୍ଲା ସଭାପତି ଗୋଲକ ନାୟକ, ସମ୍ପାଦକ ମନୋଜ କୁମାର ସାହୁ, ସଦସ୍ୟ ଭବେଶ ଦାସ, ସୁଭାଶିଷ ଦିକ୍ଷିତ, ଚନ୍ଦନ ଦେ, ରାଜତିଲକ ସ୍ୱାଇଁ, ସନ୍ଧ୍ୟାରାଣି ପାଣିଗ୍ରାହୀ, ରାଜେଶ ଦାସ, ଅମ୍ରିତା ବିଶ୍ୱାଳ, ଟିକିନା ପାତ୍ର ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଜଳେଶ୍ୱରର ପୂର୍ବତନ ଜିପିଓଙ୍କ ପରଲୋକ



ଜଳେଶ୍ୱର ୧୦/୧୧(ନି.ପ୍ର): ଜଳେଶ୍ୱର ବ୍ଲକରେ ଦୀର୍ଘଦିନ ଧରି ଗ୍ରାମପଂଚାୟତ ଅଫିସରଭାବେ କାର୍ଯ୍ୟକରି ଅବସର ନେଇଥିବା ନନ୍ଦ କିଶୋର ମହାନ୍ତି (୭୬) ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ତାଙ୍କ ଜନ୍ମସ୍ଥାନ ରାଇବଣିଆ ଥାନା ଅନ୍ତର୍ଗତ ଭଦୁଆ ଗାଁର ହୋଇଥିବା ବେଳେ ସେ ଜଳେଶ୍ୱରର ନୂଆବଜାରରେ ସ୍ଥାୟୀ ବାସିନ୍ଦା ହୋଇଥିଲେ । ବାର୍ଦ୍ଧକ୍ୟଜନୀତ ରୋଗଗ୍ରସ୍ତ ହେବାକୁ ଗତ କିଛିମାସ ଧରି ପକ୍ଷପାତ ରୋଗର ଶୀକାର ହୋଇ ରେମୁଣା କ୍ଷୀରଚୋରା ମନ୍ଦିର ନିକଟ ବଙ୍ଗଳାସାହିଠାରେ ରହି ଚିକିତ୍ସିତ ହୋଇ ଆସୁଥିଲେ । ମୃତ୍ୟୁ ବେଳକୁ ତାଙ୍କର ୨ପୁଅ ଓ ସ୍ତ୍ରୀ ଉପସ୍ଥିତ ଥିବା ବେଳେ ପୁରୀର ସ୍ୱର୍ଗ ଦ୍ୱାରଠାରେ ଶେଷକୃତ୍ୟ କରାଯାଇଥିଲା । ବଡପୁଅ ରାଜୀବ ମହାନ୍ତି ମୁଖାଗ୍ନି ଦେଇଥିଲେ ।

# ଦୁଇଦିନ ଧରି ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ତରଫରୁ ଆମରଣ ଅନଶନ



ବସ୍ତା,୧୦.୧୧(ନିପ୍ର) ବାଲେଶ୍ୱର ଜିଲ୍ଲା ବସ୍ତା ରେଳ ଷ୍ଟେସନ ଉତ୍ତର ଓଡିଶାର ଏକ ପ୍ରମୁଖ ରେଳ ଷ୍ଟେସନ ଭାବେ ପରିଚିତ । ଏହିରେଳ ଷ୍ଟେସନ ସଦରବ୍ଲକ ବାଲିଆପାଳ, ମୟୁରଭଂଜ, କିଛି ଜଳେଶ୍ୱର ବ୍ଲକ ଅଧିବାସୀ ନିର୍ଭର କରିଥାନ୍ତି । ବଡ ଦୁଃଖ ପରିତାପର ବିଷୟ ରେଳ ବିଭାଗର ବୈମାତୃକ ମନୋଭାବ ଯୋଗୁଁ ଉକ୍ତ ଷ୍ଟେସନ ଅଣଦେଖା କରାଯାଉଛି। ବୋଲି ଆଜି ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା ତରଫରୁ ବାଲେଶ୍ୱର ଜିଲ୍ଲାସଭାପତି କମଲ ଲୋଚନ ବାରିକ ନେତୃତ୍ୱରେ ଆମରଣ ଅନଶନ କରାଯାଇଛି।ତାଙ୍କର ପ୍ରମୁଖ ଦାବୀ ପୁରୀ ପାସେଂଜର ପୁନଃ ଚଳାଚଳ, ହାଇଦ୍ରାବାଦ ଏକସପ୍ରେସ ଟ୍ରେନ, ଉତ୍କଳ ଏକସପ୍ରେସ ପୁନ ରହଣି ସହିତ ଜନଶତାବ୍ଦୀ, ସଂପର୍କକ୍ରାନ୍ତି, ନିଳାଚଳ, ଭେଲୁପୁରମ ଏକସପ୍ରେସ ଟ୍ରେନର ରହଣି ଓ ୪ନଂ ପ୍ଲାଟଫର୍ମ ଓଭରବ୍ରିଜ ପି.ଆ.ର.ସ ବୁକିଙ୍ଗିକୁ ୮ ସନ୍ଧ୍ୟା ପର୍ଯ୍ୟନ୍ତ, ପାସେଂଜର ଟ୍ରେନର ଏକପ୍ରେସ ଭଡାକୁ କମ୍ କରିବା ଦାବି ରଖି ଅନଶନ କରିଛନ୍ତି ଏଥିରେ ମିର ଜାଗୁରୁଦ୍ଦିନ, ପ୍ରଶାନ୍ତ ବେହେରା, ସମ୍ଭୁନାଥ ବେହେରା, କୁମୁଦରଂଜନ ଗିରି, ବୈଦନାଥ ମୁର୍ମୁ, ତନଗାୟ ମାଝୀ, ରେବତୀ ସାହୁ, ଲିଲି ମୁଖି ପାନା ହାସଦା,ଗୁରୁବାରୀ ରାମ, ତୁଳିସୀରାମ, କୁନିରାମ, ହେମଲତା ପ୍ରଧାନ, ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଆନ୍ତଃ କଲେଜ ଭଲିବଲ ଉଦ୍‌ଯାପିତ : ସୁବର୍ଣ୍ଣରେଖା ମହାବିଦ୍ୟାଳୟ ଚମ୍ପିୟାନ



ବାଲିଆପାଳ-୧୦.୧୧(ଆପ୍ର)ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଆନ୍ତଃ କଲେଜ ଭଲିବଲ ପ୍ରତିଯୋଗିତାରେ ବାଲିଆପାଳର ସୁବର୍ଣ୍ଣରେଖା ମହାବିଦ୍ୟାଳୟ ଉଚ୍ଚକୁଟୀର ଖେଳପ୍ରଦର୍ଶନ କରି ଚମ୍ପିୟାନ ହୋଇଛି। ବିଶ୍ୱ ବିଦ୍ୟାଳୟର ପରିସରରେ ଅନୁଷ୍ଠିତ ଏହି ଆନ୍ତଃ କଲେଜ ପ୍ରତିଯୋଗିତାରେ ବାଲେଶ୍ୱର ଏବଂ ଭଦ୍ରକ ଜିଲାର ୧୩ଟି ମହାବିଦ୍ୟାଳୟ ଅଂଶ ଗ୍ରହଣ କରିଥିବା ବେଳେ ସିଦ୍ଧେଶ୍ୱର ମହାବିଦ୍ୟାଳୟ ଅର୍ମଦା ରୋଡ ଏବଂ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ବାଲିଆପାଳ ମଧ୍ୟରେ ନିର୍ଣ୍ଣାୟକ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଖେଳାଳୀମାନେ ଉଚ୍ଚକୁଟୀର ଖେଳ ପ୍ରଦର୍ଶନ କରି ସିଦ୍ଧେଶ୍ୱର ମହାବିଦ୍ୟାଳୟକୁ ପରାସ୍ତ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ.ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କ୍ରୀଡା ନିର୍ଦ୍ଦେଶ ଡ.ଭାସ୍କର ଚନ୍ଦ୍ର ବେହେରା, ସ୍ନାତୋକତର ପରିଷଦର ଅଧ୍ୟକ୍ଷ ପ୍ରଫେସର ମୁନେଷ ଚନ୍ଦ୍ର ଅଧିକାରୀ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟର କ୍ରୀଡା ଅଧିକାରୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ଉତ୍ସବଞ୍ଚ

ଲଙ୍ଗଳେଶ୍ୱର,୧୦/୧୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତ ର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଯୋଗଦେଇ ସମସ୍ତ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଥିଲେ। ପ୍ରଥମେ ଆଦର୍ଶ ବିଦ୍ୟାଳୟ ର ଛାତ୍ରୀ ନିବାସ ଗୃହ ଶିଳାନ୍ୟାସ କରିବା ସହ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଶିଳାନ୍ୟାସ କରିଥିଲେ।ପରେ ମିଶନ ଶକ୍ତି ଗୃହ, ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପ ଓ ଅଙ୍ଗନୱାଡି ଗୃହ ଉଦଘାଟନ କରିଥିଲେ। ଆଗାମୀ ଦିନରେ ଏ ଅଞ୍ଚଳର ବିକାଶ ପାଇଁ ସେ ଗୁରୁତ୍ୱ ଦେବେ ବୋଲି ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ସାହୁ କହିଥିଲେ।ବିଶିଷ୍ଟ ସମାଜସେବୀ ନିତ୍ୟାନନ୍ଦ ପାଣିଗ୍ରାହୀ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସମ୍ମାନିତ ଅତିଥି ଭାବେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ, ବିଡ଼ିଓ ବିନୋଦ କୁମାର ପଣ୍ଡା, ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟା କାଞ୍ଚନ ବାଳା ଜେନା, ସମିତି ସଦସ୍ୟ ମୀନକେତନ ଦାସମହାପାତ୍ର, ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଝାଡଶ୍ୱର ମଲ୍ଲିକ ମଞ୍ଚ ସଂଯୋଜନା କରିଥିବା ବେଳେ ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଧିକା ଦଣ୍ଡପାଟ,ଯୁବନେତା ରାମଚନ୍ଦ୍ର ପ୍ରଧାନ ବିଟୁ ଦାସ ମହାପାତ୍ର ଉପସ୍ଥିତ ରହି ପରିଚାଳନା କରିଥିଲେ।

# ବିଶ୍ୱ ମାଣ୍ଡିଆ ଦିବସ ଉପଲକ୍ଷେ ସଚେତନତା ରଥର ଶୁଭାରମ୍ଭ




ବାରିପଦା,୧୦/୧୧ (ନି.ପ୍ର): ଚଳିତ ନଭେମ୍ବର ମାସ ୧୦ ତାରିଖରେ ପାଳିତ ହେବାକୁ ଥିବା ବିଶ୍ୱ ମାଣ୍ଡିଆ ଦିବସ ଉପଲକ୍ଷେ ମୟୂରଭଂଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ୧୨ ଗୋଟି ବ୍ଲକ ପାଇଁ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ଏହି ସଚେତନତା ରଥକୁ ମୟୂରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କହିଥିଲେ। ଏହି ସଚେତନତା ରଥ ଚାଷୀ ମାନଙ୍କ ମଧ୍ୟରେ ସଚେତନତା ଆଣିବା ସହ ପୌଷ୍ଟିକ ତତ୍ତ୍ୱର ମହତ୍ତ୍ୱ ବୁଝିବା ପାଇଁ ଲୋକଙ୍କୁ ଉତ୍ସାହିତ କରିବ ବୋଲି ଜିଲ୍ଲାପାଳ କହିଛନ୍ତି। ସେହିପରି ଜିଲ୍ଲା କୃଷି ଅଧିକାରୀ ଡ. ମନୋଜ କୁମାର ଚାନ୍ଦ ଜିଲ୍ଲାରେ ପ୍ରାୟ ଲକ୍ଷେ ବୟାଅଶୀ ହଜାର ହେକଟର ଉଚ୍ଚ ଜମି ରହିଛି ତାହା ମାଣ୍ଡିଆ ଚାଷ ପାଇଁ ଉପଯୁକ୍ତ ଏବଂ ଜଳବାୟୁର ପରିବର୍ତ୍ତନ ଅନୁସାରେ ମାଣ୍ଡିଆ ଚାଷ ପାଇଁ ଚାଷୀ ମାନଙ୍କୁ ଉତ୍ସାହିତ କରିବା ଆଜିର ଏହି ସଚେତନତା ରଥ ପରିଭ୍ରମଣର ଉଦେଶ୍ୟ ବୋଲି ଜଣାଯାଇଛି । ରାଜ୍ୟ ସରକାର ଙ୍କ ମିଲେଟ ମିଶନ ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇ ପୁଷ୍ଟିଶସ୍ୟ ଏବଂ ଏହାର ସ୍ୱାସ୍ଥ୍ୟ ଉପକାରିତା ବିଷୟରେ ଚାଷୀ ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ମୂଳ ଲକ୍ଷ ହୋଇଥିବା ବେଳେ ମାଣ୍ଡିଆ କୁ ଅଧିକ ଲୋକପ୍ରିୟ କରିବା ସହ ମଣ୍ଡିଆ ଚାଷକୁ ପ୍ରତ୍ସାହିତ କରିବା,ସହ ମୟୂରଭଂଜ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଣ୍ଡିଆ ଚାଷ ନିମନ୍ତେ ଜିଲ୍ଲାର ୧୨ ଗୋଟି ବ୍ଲକରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହି ମାଣ୍ଡିଆ ଚାଷ କରି ଚାଷୀ ଅଧିକ ଲାଭବାନ ହୋଇପାରିବେ ବୋଲି କହିଛନ୍ତି ଜିଲ୍ଲା କୃଷି ଅଧିକାରୀ।

# ଗଡିଲା ସଂଚୟ ରଥ : ସ୍ୱଳ୍ପ ସଂଚୟ ପକ୍ଷ ପାଳିତ




ଭଦ୍ରକ,୧୦/୧୧ (ନି.ପ୍ର): ଅକ୍ଟୋବର ୩୧ ରୁ ନଭେମ୍ବର ୧୪ ପର୍ଯ୍ୟନ୍ତ ପାଳନ କରାଯାଉଥିବା ସ୍ୱଳ୍ପ ସଞ୍ଚୟ ପକ୍ଷ ପାଳନ ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆଜି ସଞ୍ଚୟ ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଯୋଗ ଦେଇ ପତାକା ପ୍ରଦର୍ଶନ ପୂର୍ବକ ସଞ୍ଚୟ ରଥ ପରିକ୍ରମାର ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦ୍ମନ ରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମନୋରମା ଜାଲି, ଡ଼େପୁଟୀ କଲେକ୍ଟର କସ୍ତୁରୀବାଳା ଜେନା, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ପ୍ରେବେସନର ଓ.ଏ.ଏସ୍. ଅଧିକାରୀ ପୁଷ୍ପାଞ୍ଜଳୀ ଦଣ୍ଡପାଟ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବା, ମିତବ୍ୟୟୀ ହୋଇ ସଞ୍ଚୟ କରିବା ଯେ କୌଣସି ସନ୍ଦିଗ୍ଧ, ଅଣ ବ୍ୟାଙ୍କିଙ୍ଗ୍, ବେସରକାରୀ, ଅର୍ଥ ଲଗାଣକାରୀ ସଂସ୍ଥା ଠାରୁ ଦୂରେଇ ରହିବା, ଠକାମି ଓ ପଶ୍ଚାତାପ ରୁ ମୁକ୍ତି ପାଇବା, ଡ଼ାକଘର ଓ ରାଷ୍ଟ୍ରାୟତ ବ୍ୟାଙ୍କ ଭଳି ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରେ ସଞ୍ଚୟ କରିବା ଆଦି ବର୍ତ୍ତାକୁ ପ୍ରଚାର କରି ଜନ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଏହି ରଥ ପରିକ୍ରମା କାର୍ଯ୍ୟକ୍ରମ ରହିଛି । ସୂଚନା ଯୋଗ୍ୟ କି ଧାମନଗର ଉପନିର୍ବାଚନ ପାଇଁ ଜିଲ୍ଲାରେ ଆଦର୍ଶ ଆଚରଣ ବିଧି ଯୋଗୁଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇ ପାରିନଥିଲା । ଆସନ୍ତା ୧୪ ତାରିଖ ସୋମବାର ଦିନ ଅପରାହ୍ନ ୪ଟାରେ ସଦ୍‌ଭାବନା ସଭାଗୃହରେ ସଞ୍ଚୟପକ୍ଷ ପାଳନ ନେଇ ଏକ ସଚେତନତା ବୈଠକ ଓ ଉକ୍ତ ପକ୍ଷ ପାଳନ ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ନବାଗତା ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



ଲଙ୍ଗଳେଶ୍ୱର-୧୦ /୧୧ (ନି:ପ୍ର) ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ଗ୍ରାମ ର କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟର ନବାଗତା ଛାତ୍ରୀ ମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ରାଜକିଶୋର ବାରିକ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏଇ ଉତ୍ସବରେ ଅଧ୍ୟାପକ ବନମାଳୀ ପରିଡା, ଡ଼:ଲକ୍ଷ୍ମୀକାନ୍ତ ରଥ, ସୁଧୀର ନନ୍ଦ, ସବିତା ସାହୁ, ଚନ୍ଦନ ନନ୍ଦ, ସରୋଜିନୀ ପରିଡା ପ୍ରମୁଖ ଯୋଗଦେଇ ଛାତ୍ରୀ ମାନଙ୍କୁ ସ୍ୱାଗତ କରିବା ସହିତ ମହାବିଦ୍ୟାଳୟର ନୀତି ନିୟମ ମାନିବା, ଉଚ୍ଚ ଶ୍ରେଣୀର ଛାତ୍ରୀମାନଙ୍କୁ ସମ୍ମାନ ଦେବା ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀ ପ୍ରତିମା ଜେନା, ବୁଦ୍ଧିମଣି ରାଉତ, ପଞ୍ଚବଟି ପରିଡା, ମୋନାଲିସା ଗିରି, ଶିବନୀ ମାନ୍ନା ପ୍ରମୁଖ, ନବାଗତା ଛାତ୍ରୀମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିବା ସହିତ କଲେଜର ନିୟମ ମାନି ଚଳିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀମାନେ ପାଠପଢା ସହିତ ନିଜ ନିଜ ପ୍ରତିଭା ଦେଖାଇ ନୃତ୍ୟ ଗୀତ ପରିବେଷଣ କରିଥିଲେ।

## ଘରୋଇ ସ୍ଥାନରେ ଜବରଦସ୍ତ କଂକ୍ରିଟ ରାସ୍ତା ନିର୍ମାଣ : ବିଡିଓଙ୍କ ଦୃଷ୍ଟି ଆକର୍ଷଣ

ଜଳେଶ୍ୱର,୧୦/୧୧(ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପଶ୍ଚିମବାର୍ଡ ପଂଚାୟତର ନମକନା ଗାଁର ୨ନଂ ୱାର୍ଡରେ ଗାଁର କେତେକ ବ୍ୟକ୍ତି ଜବର ଦସ୍ତ ଘରୋଇ ସ୍ଥାନରେ କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ନେଇ ଗଣ୍ଡଗୋଳ ଉପୁଜିଛି । ଗାଁର ସଂଜୟ ଗୋଚ୍ଛାୟତ ଘର ଠାରୁ ରାଜେନ୍ଦ୍ର ଗିରି ଘର ଯାଏ ରାସ୍ତା ନିର୍ମାଣ ବେଳେ ରଜନୀ ମହାନ୍ତିଙ୍କ ଘର ନିକଟରେ ଏପରି ପରିସ୍ଥିତି ଉପୁଜିଛି । ସୁବ୍ରତ କୁମାର ମହାନ୍ତି ଏବଂ ତାଙ୍କର ଅନ୍ୟଜଣେ ମହାନ୍ତି ବାହାରେ ରହୁଥିବା ବେଳେ ଜଣେ ଦିବ୍ୟାଙ୍ଗ ଭାଇ ଗାଁରେ ରହିଛନ୍ତି । ଗାଁରେ ଅରୁଣ କୁମାର ଗିରିଙ୍କ ନେତୃତ୍ୱରେ କେତେକ ବ୍ୟକ୍ତି ଏହି ରାସ୍ତା କାର୍ଯ୍ୟ କରୁଥିବାର ବିଡିଓ ଓ ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି । ସମସ୍ୟା ସମାଧାନ ଲାଗି ମନୋଜ କୁମାର ମହାନ୍ତି ନିବେଦନ କରିଛନ୍ତି ।

## ମେଣ୍ଢାଖାଇ ରାହାସ ଉତ୍ସବ – ୨୦୨୨ ଉଦ୍‌ଘାଟିତ

# 'ଲିଭିନାହିଁ ଏଠି ଗାଁର ମହକ, ହଜି ନାହିଁ ପୁଣି ଭାଇଚାରା ଭାବ'



ଉଦଳା,୧୦/୧୧ (ନି.ପ୍ର)- ଉଦଳା ବିଜ୍ଞାପିତ ଅଞ୍ଚଳ ଘୋଷିତ ହେବାର ବହୁ ପୂର୍ବରୁ ଏହା ମେଣ୍ଢାଖାଇ ଗ୍ରାମ ଭାବରେ ପରିଚିତ ଥିଲା । ସେ ସମୟରୁ ଆଜକୁ ପ୍ରାୟ ୮୦ ବର୍ଷରୁ ଅଧିକ ହେବ ଏଠାରେ ପାଳିତ ହୋଇଆସୁଛି ରାହାସ ଉତ୍ସବ । ଉଦଳା ବିଜ୍ଞାପିତ ଅଞ୍ଚଳ ଘୋଷିତ ହେବା ପରେ ମେଣ୍ଢାଖାଇ ଗ୍ରାମ ୪ଟି ୱାର୍ଡ଼ରେ ବିଭକ୍ତ ହୋଇଛି ସତ କିନ୍ତୁ ପୂର୍ବ ପରମ୍ପରା, ଭାଇଚାରା ଭାବ ଆଜିବି ଏଠାରେ ଦେଖିବାକୁ ମିଳିଛି । ତେବେ ଚଳିତ ବର୍ଷ ଏହି ଉତ୍ସବ ନଭେମ୍ବର ୮ ତାରିଖ ଦିନ ଉଦ୍‌ଘାଟିତ ହୋଇ ଯାଇଛି । ମେଣ୍ଢାଖାଇ ବିକାଶ ପରିଷଦର ସଭାପତି ଯଜ୍ଞ ନାରାୟଣ ମହାନ୍ତି ଏହି ଉଦ୍‌ଘାଟନ ଉତ୍ସବରେ ଅଧ୍ୟକ୍ଷତା କରି ଗ୍ରାମରେ ପାଳିତ ହେଉଥିବା ସମସ୍ତ ଉତ୍ସବରେ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ କରିଥିଲେ । ଉପସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ମେଣ୍ଢାଖାଇ ବାସିନ୍ଦାଙ୍କର ସ୍ୱାଭିମାନ ଉଦଳା ଏନ୍.ଏ.ସି.ର ଅନ୍ୟ ୱାର୍ଡ଼ ମାନଙ୍କରେ ଆଜିବି ଦେଖିବାକୁ ମିଳେ ନାହିଁ ବୋଲି ବ୍ୟକ୍ତ କରିଥିଲେ । ସମ୍ପାଦକ ଅଶୋକ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିବା ସହ ଆଗାମୀ ଦିନରେ ଏଠାରେ ଏକ ମନ୍ଦିର ନିର୍ମାଣ ସହ ଆଣ୍ଠୁଆ ଗୋପାଳଙ୍କ ମୂର୍ତ୍ତି ସ୍ଥାପନ କରାଯିବାର ପ୍ରସ୍ତାବ ଦେଇଥିଲେ । ସଦସ୍ୟ ଶିଶିର ନାୟକ ଦିର୍ଘ ୮୦ ବର୍ଷରୁ ଅଧିକ ସମୟ ଧରି ମେଣ୍ଢାଖାଇ ଗ୍ରାମରେ ପାଳିତ ହୋଇ ଆସୁଥିବା ଉତ୍ସବ ଗୁଡ଼ିକର ରୂପ ରେଖ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଉଦଳା ଏନ୍.ଏ.ସି.ର ଅଧ୍ୟକ୍ଷା ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ମେଣ୍ଢାଖାଇରେ ଏକ ବାସ୍ତବ ଗ୍ରାମର ବାସ୍ନା ବାରି ହୋଇ ଉଠେ ଏବଂ ଏଠାକାର ଭାଇଚାରା ଭାବ ଆଜି ଅନ୍ୟ ଗ୍ରାମ ମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛି ବୋଲି ବ୍ୟକ୍ତ କରିଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରସ୍ତାବିତ ମନ୍ଦିର ନିର୍ମାଣ ପାଇଁ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ବିକାଶ ପରିଷଦର ସଂଯୋଜକ ସୁଶାନ୍ତ କୁମାର ପଟ୍ଟନାୟକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହ, କାର୍ଯ୍ୟକ୍ରମର ଶେଷ ସ୍ୱର୍ଣ୍ଣ ଦେଇଥିଲେ । ପରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଇତ ହୋଇଥିଲା ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo